# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୨/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, April 22/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ପିସିଙ୍କ ଝିଅ ମାଲତି**

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ ତାଙ୍କ ଝିଅର ନାମ ମାଲତି ମାରୀ ଚୋପ୍ରା ଜୋନାସ ରଖିଛନ୍ତି।

୧୦

୧୪

**ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳରେ ଉନ୍ନତି**

ଏସିଆନ ଗେମ୍ସ ପାଇଁ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳରେ ୧୪ ବର୍ଷୀୟା ଉନ୍ନତି ହୁଡାଙ୍କୁ ସ୍ଥାନ ମିଳିଛି।



# ଅହିଂସାର ପ୍ରବର୍ତ୍ତକ ଗାନ୍ଧିଜୀ ଅସାଧାରଣ



ସାବରମତି ଆଶ୍ରମରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଗୁରୁବାର ଅରଟରେ ସୂତା କାଟୁଛନ୍ତି।

## ସାବରମତିରେ ବ୍ରିଟେନ ପ୍ରଧାନମନ୍ତ୍ରୀ

ଅହମଦାବାଦ,୨୧।୪

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଗୁରୁବାର ସକାଳେ ଅହମଦାବାଦରେ ଅବତରଣ କରିବା ପରେ ସାବରମତିସ୍ଥିତ ମହାତ୍ମା ଗାନ୍ଧୀଙ୍କ ଆଶ୍ରମକୁ ଯାଇଥିଲେ। ସେଠାରେ ସେ ଅରଟରେ ସୂତା କାଟିଥିଲେ। ବିଶ୍ୱରେ ପରିବର୍ତ୍ତନ ପାଇଁ ସତ୍ୟ ଓ ଅହିଂସା ନୀତିର ପ୍ରସାର କରାଇଥିବା ଗାନ୍ଧିଜୀ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ବୋଲି ବୋରିସ୍ କହିଛନ୍ତି। ସାବରମତି ଆଶ୍ରମରୁ ଗାନ୍ଧିଜୀ ବ୍ରିଟିଶ ଶାସନ ବିରୋଧରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥିଲେ। ଏହି ଆଶ୍ରମକୁ ଆସିବାରେ ବୋରିସ୍ ପ୍ରଥମ ବ୍ରିଟିଶ ପ୍ରଧାନମନ୍ତ୍ରୀ। ସେହିପରି ୧୯୪୭ ପରେ ଗୁଜରାଟ ଗସ୍ତରେ ଆସିବାରେ ମଧ୍ୟ ବୋରିସ୍ ପ୍ରଥମ ବ୍ରିଟିଶ ପ୍ରଧାନମନ୍ତ୍ରୀ। ମହାତ୍ମାଙ୍କ ପ୍ରଶଂସାରେ ବୋରିସ୍ ଭାବପ୍ରବଣ ହୋଇପଡ଼ିଥିଲେ। ସ୍ୱାଧୀନତା ସଂଗ୍ରାମ ବେଳେ ବ୍ରିଟିଶ ଶାସକ ଗୋଷ୍ଠୀ ଗାନ୍ଧିଜୀଙ୍କୁ ପ୍ରଶଂସା କରିବା ବିରଳ ଘଟଣା ଥିଲା। ଶୁକ୍ରବାର ବୋରିସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଉପରେ ଆଲୋଚନା କରିବେ। ଏହା ବ୍ୟତୀତ ବ୍ରିଟିଶ ପ୍ରଧାନମନ୍ତ୍ରୀ ବିଭିନ୍ନ ବାଣିଜ୍ୟିକ ରାଜିନାମା ସମ୍ପର୍କରେ ଘୋଷଣା କରିବେ ବୋଲି ଜଣାପଡ଼ିଛି।

# ରାଉରକେଲା ପ୍ରଦୂଷଣ ହକି ପାଇଁ ବାଧା

ଭୁବନେଶ୍ୱର,୨୧।୪(ବ୍ୟୁରୋ)



୨୦୨୩ ଜାନୁୟାରୀରେ ଓଡ଼ିଶାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ଆଗରେ ପ୍ରଦୂଷଣ ବାଧକ ସାଜିଛି। ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍‌ର ସମସ୍ତ ମ୍ୟାଚ ଖେଳାଯିବ। ଏଥିରେ ୧୬ଟି ଦେଶ ଭାଗ ନେବାକୁ ଯାଉଛନ୍ତି। ଏଥିପାଇଁ ସରକାର ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ରାଉରକେଲାରେ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ମଧ୍ୟ ଜୋରସୋରରେ ଆଗେଇ ଚାଲିଛି। ତେବେ ଆଇଆଇଟି ଭୁବନେଶ୍ୱର ଏବଂ ପୁଣେସ୍ଥିତ ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଆର୍‌ଏଆଇ)ର ରାଉରକେଲାର ବାୟୁ ପ୍ରଦୂଷଣ ଅଧ୍ୟୟନ ରିପୋର୍ଟ ଚିନ୍ତାଜନକ ବୋଲି କୁହାଯାଉଛି। ସହରରେ ବାୟୁର ମାନ ଅତି ଖରାପ ସ୍ତରରେ ଥିବାରୁ ତାହା ବିଦେଶୀ ଖେଳାଳିଙ୍କ ଦକ୍ଷତାକୁ ପ୍ରଭାବ ପକାଇପାରେ।

ଓଡ଼ିଶାର ୭ ଅତି ପ୍ରଦୂଷିତ ସହର ତାଲିକାରେ ରାଉରକେଲା ରହିଛି, ଯାହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ମଧ୍ୟ ଚିନ୍ତାପ୍ରକଟ କରିଛନ୍ତି। ନ୍ୟାଶନାଲ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡ ଅନୁଯାୟୀ ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଶୂନରୁ ୫୦ ମଧ୍ୟରେ ରହିଲେ ତାହା ସ୍ୱାସ୍ଥ୍ୟ ଉପଯୋଗୀ ହୋଇଥାଏ। ତେବେ ରାଉରକେଲାରେ ଏକ୍ୟୁଆଇ ଏବେ ୧୩୦ରୁ ୧୫୦ ମଧ୍ୟରେ ରହୁଛି। ଗତ ମାର୍ଚ୍ଚ ୩୦ରେ ରାଉରକେଲା ବନଖଣ୍ଡର ଦୁର୍ଗାପୁର ଜଙ୍ଗଲରେ ନିଆଁ ଲାଗିଥିଲା। ଫଳରେ ସମଗ୍ର ରାଉରକେଲା ଧୂଆଁମୟ ହୋଇଯାଇଥିଲା। ସେତେବେଳେ ସହରର ଏକ୍ୟୁଆଇ ୨୦୦କୁ ଟପି ଯାଇଥିଲା। କେବଳ ସେତିକି ନୁହେଁ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ଶିଳ୍ପାନୁଷ୍ଠାନରୁ ବାହାରୁଥିବା ଧୂଆଁ, ଜଙ୍ଗଲ ନିଆଁ, ରାସ୍ତାଘାଟ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା ବିଶ୍ୱକପ୍ ପାଇଁ ସମସ୍ୟା ହୋଇ ଛିଡ଼ା ହୋଇଛି। ଶିଳ୍ପଗୁଡ଼ିକର ବର୍ଜ୍ୟବସ୍ତୁକୁ ଠିକ୍ ଢଙ୍ଗରେ ପରିଚାଳନା କରାଯାଉ ନ ଥିବାରୁ ସହର ପ୍ରଦୂଷଣ ବିପଜ୍ଜନକ ସ୍ଥିତିରେ ରହୁଛି। ବିଶ୍ୱକପ୍ ପୂର୍ବରୁ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣକୁ ଆଣିବା ସକାଶେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି), ରାଉରକେଲା ମ୍ୟୁନିସିପାଲିଟି କମିଶନର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପୋଲିସ ଆଉଟପୋଷ୍ଟ ପାଇଁ ୧୯୬ ପଦବୀ ମଞ୍ଜୁରୀ

**ଭୁବନେଶ୍ୱର,୨୧।୪(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପୋଲିସରେ ୨୮ ସ୍ଥାୟୀ ପୋଲିସ ଆଉଟପୋଷ୍ଟ ପାଇଁ ୨୮ ସବ୍‌ଇନ୍ସପେକ୍ଟର ଓ ୧୬୮ କନ୍‌ଷ୍ଟେବଲ ପଦବୀ ମଞ୍ଜୁର କରିଛନ୍ତି। ପୋଲିସ ବିଭାଗର ଅନ୍ୟାନ୍ୟ ପଦବୀଗୁଡିକର ପୁନଃ ବଣ୍ଟନ ଦ୍ୱାରା ଏହି ପଦବୀଗୁଡିକ ସୃଷ୍ଟି କରାଯାଇଛି। ଏହାଦ୍ୱାରା ସମୁଦାୟ ୧୯୬ଟି ନୂତନ ପଦବୀ ସୃଷ୍ଟି ହୋଇଛି। ଏହି ନୂତନ ଅଧିକାରୀ ଓ କର୍ମଚାରୀମାନେ ରାଜ୍ୟରେ ୨୮ଟି ସ୍ଥାୟୀ ପୋଲିସ ଆଉଟପୋଷ୍ଟରେ ନିଯୁକ୍ତ ହେବେ। ପ୍ରତ୍ୟେକ ଆଉଟପୋଷ୍ଟରେ ଜଣେ ଲେଖାଏ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ମିଥେନ ହ୍ରାସ ପ୍ରତିବଦ୍ଧତା






## ଜଳଛତ୍ର କେନ୍ଦ୍ର ମାଠିଆ ପାଣିରେ ବିଷ

### ପାଣି ପିଇ ୩ ଗୁରୁତର



ଜଳଛତ୍ର କେନ୍ଦ୍ର

**ମାଲକାନଗିରି/ଏମ୍‌ଭି-୭୯, ୨୧।୪ (ଡି.ଏନ.ଏ.):** ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଶିମିଳିବାଞ୍ଚା ପଞ୍ଚାୟତର ଏମ୍‌ପିଭି-୪୯ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସେଠାରେ ଥିବା ଏକ ଜଳଛତ୍ର କେନ୍ଦ୍ରର ମାଠିଆରେ ଥିବା ପାଣିରେ କେହି ଦୁର୍ବୃତ୍ତ ବିଷ ମିଶାଇ ଦେଇଛି। ଫଳରେ ଏହି ପାଣି ପିଇ ଜଣେ ନାବାଳିକାଙ୍କ ସମେତ ୩ ଜଣ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ସେମାନେ ହେଲେ ଏମ୍‌ପିଭି-୪୯ ଗ୍ରାମର ବିଶାଖା ଗୋଲଦର (୧୩), ଦେବବ୍ରତ ☞ପୃଷ୍ଠା-୪

# ଆମକୁ ଆଇନ ପଢ଼ାଅ ନାହିଁ

## ଅବୁ ସଲେମ ମାମଲା: କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୨୧।୪



୧୯୯୩ ବମ୍ବେ ବିସ୍ଫୋରଣର ଦୋଷୀ ତଥା ଗ୍ୟାଙ୍ଗଷ୍ଟର ଅବୁ ସଲେମଙ୍କୁ ୨୫ ବର୍ଷରୁ ଊର୍ଦ୍ଧ୍ୱ ଅବଧିର ଜେଲ ଦଣ୍ଡାଦେଶ ଦେବା ଉପରେ କେନ୍ଦ୍ରର ଆଭିମୁଖ୍ୟକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ପର୍ତ୍ତୁଗାଲ ସଲେମଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ସମୟରେ ତାଙ୍କୁ ୨୫ ବର୍ଷରୁ ଅଧିକ କାରାଦଣ୍ଡାଦେଶ ଦିଆଯିବ ନାହିଁ ବୋଲି ନୂଆଦିଲ୍ଲୀ ପ୍ରତିଶ୍ରୁତି ଦେଇଥିଲା। ତେଣୁ ପର୍ତ୍ତୁଗାଲକୁ ଦିଆଯାଇଥିବା ସାର୍ବଭୌମ ପ୍ରତିଶ୍ରୁତି ଉପରେ ନିଷ୍ପତ୍ତି ନେବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ ନୁହେଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରି ଯୁକ୍ତି ବାଢ଼ିଛି। ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଗୁରୁବାର ଶୁଣାଣି କରି କେନ୍ଦ୍ରକୁ କହିଛନ୍ତି, ନ୍ୟାୟପାଳିକାକୁ ପାଠ ପଢ଼ାଅ ନାହିଁ। ଯେତେବେଳେ ତୁମେ ଆମକୁ କିଛି ସ୍ଥିର କରିବାକୁ କୁହ, ଆମେ ତାକୁ ସହଜରେ ନେଉ ନ ଥାଉ। ସର୍ବୋଚ୍ଚ ଅଦାଲତ କ'ଣ ନିଷ୍ପତ୍ତି ନେବେ ତାହା ଆମକୁ କହିବା ପାଇଁ ସ୍ୱରାଷ୍ଟ୍ର ସଚିବ କିଏ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

୧୯୯୩ ମାର୍ଚ୍ଚ ୧୨ରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣରେ ଥରିଉଠିଥିଲା ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ। ଏହି ସିରିଏଲ୍ ବ୍ଲାଷ୍ଟରେ ଦୁଇ ଘଣ୍ଟା ଭିତରେ ୨୫୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଅବୁ ସଲେମ ☞ପୃଷ୍ଠା-୪

# ମୋଡ଼ ବଦଳାଇଲେ ରୋଷେୟାଙ୍କ ବାପା

**ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ରୋଷେୟା ଲଳିତ କୁମାର ସାହୁ(୨୨)ଙ୍କ ମୃତ୍ୟୁକୁ ନେଇ ଏବେ ସବୁଠି ଚର୍ଚ୍ଚା। ତାଙ୍କୁ ହତ୍ୟା କରାଯାଇଥିବା ଭାଜପା ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଛି। ଏଭଳିସ୍ଥଳେ ଲଳିତଙ୍କ ବାପା ବେଲାର୍ସନ ସାହୁ ଓ ବଡ଼ଭାଇ ବିରଞ୍ଚି ସାହୁ ଗୁରୁବାର ଘଟଣାରେ ନୂଆମୋଡ଼ ଆଣିଛନ୍ତି। ଲଳିତ ଆତ୍ମହତ୍ୟା କରିଥିବା ସେମାନେ ଦର୍ଶାଇବା ସହ ତାଙ୍କ ମୃତ୍ୟୁକୁ ନେଇ ଭାଜପା ରାଜନୀତି କରୁଛି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ଦାସ ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ଚଳାଇଥିବା ଭାଜପା ଅଭିଯୋଗ କରି ସିବିଆଇ ତଦନ୍ତ ଦାବି କରିଛି।**

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଷ୍ଟାଫ୍ କ୍ୱାର୍ଟର୍ସରେ ରୋଷେୟାଙ୍କ ମୃତ୍ୟୁ ଘଟଣା**

- **ପୁଅ ଆତ୍ମହତ୍ୟା କରିଛି, ଭାଜପା ରାଜନୀତି କରୁଛି: ବେଲାର୍ସନ**
- **ସିବିଆଇ ତଦନ୍ତ କରାଯାଉ: ଭାଜପା**

ଝାରସୁଗୁଡ଼ା ଅଫିସ,୨୧।୪



ଲଳିତ କୁମାର ସାହୁ

ଲଳିତଙ୍କ ମୃତ୍ୟୁର ୫ଦିନ ପରେ ଗୁରୁବାର ତାଙ୍କ ବାପା ବେର୍ଲାସନ ସାହୁ ଏବଂ ବଡ଼ଭାଇ ବିରଞ୍ଚି ସାହୁ ଝାରସୁଗୁଡ଼ା ଟାଉନ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ଲଳିତ କର୍ମସଂସ୍ଥାନ ନ ପାଇ ବେକାର ହୋଇ ଘରେ ରହିଥିଲେ। ଚାକିରି ଅନ୍ୱେଷଣରେ ଆସି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘରେ ରୋଷେୟା ଭାବେ କାମ କରୁଥିଲେ। ସେ କୌଣସି କାରଣରୁ ମାନସିକ ଚାପରେ ରହୁଥିବାବେଳେ ଗତ ରବିବାର ରାତିରେ ଆତ୍ମହତ୍ୟା କରିଥିଲେ। ଖବରପାଇ ବଡ଼ପୁଅ ବିରଞ୍ଚି ଝାରସୁଗୁଡାରେ ପହଞ୍ଚି ଭାଇଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ଓ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ନିୟମ ଅନୁଯାୟୀ ମୃତଦେହ ବ୍ୟବଚ୍ଛେଦ ହେବା ପରେ ସତ୍କାର ପାଇଁ ନିଜ ଗ୍ରାମ ଢେଙ୍କାନାଳ ଜିଲା ନୂଆପଡ଼ା ନିଆଯାଇଥିଲା। ସେଠାରେ ଆତ୍ମୀୟଙ୍କ ଗହଣରେ ସତ୍କାର କରାଯାଇଥିଲା। ଭାଜପା ନେତୃବୃନ୍ଦ ରାଜନୈତିକ ଫାଇଦା ଉଠାଇବା ପାଇଁ ଏହାକୁ ହତ୍ୟାକାଣ୍ଡର ରୂପ ଦେଉଛନ୍ତି। ଏଥିରେ ଆମ ପରିବାର ଲୋକେ ମାନସିକ ଚାପରେ ରହୁଛନ୍ତି। ଭାଜପା ନେତାମାନେ ଅଯଥାରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ବିରୋଧରେ ଅଭିଯୋଗ ଆଣି ବଦନାମ କରୁଛନ୍ତି। ଭାଜପା ନେତୃବୃନ୍ଦ ଯଦି ଏଭଳି ଚାପ ସୃଷ୍ଟି କରିବେ ଆଗାମୀ ଦିନରେ ପରିବାରର କେହି ପୁଣି ଆତ୍ମହତ୍ୟା କଲେ ସେମାନେ ଦାୟୀ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ଏ ନେଇ ଝାରସୁଗୁଡ଼ା ଟାଉନ ଥାନାରେ ଏକ ଷ୍ଟେଶନ ଡାଏରି ହୋଇଛି।

ଅନ୍ୟପକ୍ଷରେ ଝାରସୁଗୁଡ଼ା ଜିଲା ଭାଜପା ତରଫରୁ ଅଭିଯୋଗ କରାଯାଇଛି ଯେ ପୋଲିସ ଲଳିତଙ୍କ ମୃତ୍ୟୁର ତଦନ୍ତ ଠିକ୍‌ରେ କରୁନାହିଁ। ଘଟଣାକୁ ଚାପି ଦିଆଯିବାକୁ ☞ପୃଷ୍ଠା-୧୧




## ସଂକ୍ଷେପରେ

### ଆମେରିକା କଂଗ୍ରେସ ସଦସ୍ୟାଙ୍କ ପିଓକେ ଗସ୍ତକୁ ଭାରତର ନିନ୍ଦା

**ନୂଆଦିଲ୍ଲୀ,୨୧।୪:** ଆମେରିକା କଂଗ୍ରେସ ସଦସ୍ୟ ଇଲ୍‌ହାନ ଓମାର ପାକ୍ ଅଧିକୃତ କଶ୍ମୀର (ପିଓକେ) ଗସ୍ତରେ ଆସିଥିବାରୁ ଭାରତ ଏହାକୁ ନିନ୍ଦା କରିଛି। ଏହାର ସଙ୍କୀର୍ଣ୍ଣମନା ରାଜନୀତି ବୋଲି ନୂଆଦିଲ୍ଲୀ କହିଛି। ଓମାର ୪ ଦିନିଆ ପାକିସ୍ତାନ ଗସ୍ତରେ ଆସିଥିବାବେଳେ ପିଓକେ ଯିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି କଂଗ୍ରେସ ସଦସ୍ୟାଙ୍କ ପିଓକେ ଗସ୍ତକୁ ସମାଲୋଚନା କରିଛନ୍ତି। ଭାରତୀୟ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ଏକ ଅଂଶକୁ ପାକିସ୍ତାନ ବେଆଇନ ଭାବେ ନିଜ ଦଖଲରେ ରଖିଛି। ଏହା ଓମାର ମନେ ରଖିବା ଉଚିତ ବୋଲି ବାଗ୍‌ଚି କହିଛନ୍ତି। ଏଭଳି ଅଞ୍ଚଳକୁ ଗସ୍ତରେ ଆସିବା ଦ୍ୱାରା ଆମ ଆଞ୍ଚଳିକ ସଂହତି ଓ ସାର୍ବଭୌମତ୍ୱ ଉଲ୍ଲଂଘନ ହୋଇଥିବାରୁ ଏହା ନିନ୍ଦନୀୟ ବୋଲି ବହିର୍ବ୍ୟାପାର ସଚିବ କହିଛନ୍ତି।

### ସୋନିଆଙ୍କୁ ଭେଟିଲେ ସଚିନ ପାଇଲଟ

**ନୂଆଦିଲ୍ଲୀ,୨୧।୪:** ଆସନ୍ତା ବର୍ଷ ରାଜସ୍ଥାନ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ନେତା ସଚିନ ପାଇଲଟ ଗୁରୁବାର ଦଳର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ବିଭିନ୍ନ ରାଜ୍ୟରେ କଂଗ୍ରେସ ପରାଜିତ ହେଉଥିବାରୁ ଏହି ଧାରାକୁ ଭାଙ୍ଗି କିପରି ରାଜସ୍ଥାନରେ ପୁନର୍ବାର ଦଳ କ୍ଷମତାକୁ ଆସିବ ସେ ନେଇ ଆଲୋଚନା ହୋଇଥିବା ସଚିନ କହିଛନ୍ତି। ଦଳରେ ସଚିନଙ୍କ ଭବିଷ୍ୟତ ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ସେ ରାଜସ୍ଥାନ କଂଗ୍ରେସ ସଭାପତି ଏବଂ ଉପମୁଖ୍ୟମନ୍ତ୍ରୀ ଥିଲେ। ୨୦୨୦ରେ ଦଳରେ ବିଦ୍ରୋହ ପାଇଁ ତାଙ୍କୁ ଉଭୟ ପଦବୀ ହରାଇବାକୁ ପଡ଼ିଥିଲା। ରାଜ୍ୟ ମୁଖ୍ୟମନ୍ତ୍ରୀ ପଦ ବଦଳରେ ଜାତୀୟ ସ୍ତରରେ କୌଣସି ଦାୟିତ୍ୱ ଦିଆଗଲେ ଗ୍ରହଣ କରିବେ କି ବୋଲି ପ୍ରଶ୍ନରେ ସେ କହିଛନ୍ତି, ନିଜ ରାଜ୍ୟକୁ ସେ ନିଶ୍ଚୟ ଗୁରୁତ୍ୱ ଦେବେ। ତେବେ ଯେକୌଣସି ଦାୟିତ୍ୱ ଦିଆଗଲେ ସେ ତାହା ତୁଲାଇବେ ବୋଲି ସ୍ପଷ୍ଟ କରିଛନ୍ତି।

### ମସ୍‌ଜିଦ୍‌ରେ ବିସ୍ଫୋରଣ: ୧୬ ମୃତ

**କାବୁଲ, ୨୧।୪:** ଅଫଗାନିସ୍ତାନର ମଜର-ଇ-ଶରିଫ୍ ସହରରେ ଥିବା ଏକ ଶିଆ ମସ୍‌ଜିଦ୍ ଏବଂ କୁନ୍ଦୁଜରେ ଗୁରୁବାର ବିସ୍ଫୋରଣ ଘଟି ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୭୪ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣ ପାଇଁ ଇସ୍‌ଲାମିକ୍ ଷ୍ଟେଟ୍ ନିଜକୁ ଦାୟୀ କରିଛି। ଗତ ଅଗଷ୍ଟରେ ଆଫଗାନିସ୍ତାନକୁ ତାଲିବାନ୍ କବ୍‌ଜା କରିବା ପରଠାରୁ ସେଠାରେ ବୋମା ବିସ୍ଫୋରଣ ଘଟଣା ବଢ଼ି ଚାଲିଛି। ବିଶେଷ କରି ଶିଆ ହାଜାରା ସମ୍ପ୍ରଦାୟକୁ ଟାର୍ଗେଟ କରାଯାଉଛି। ମଙ୍ଗଳବାର ଏକ ସ୍କୁଲରେ ବିସ୍ଫୋରଣ ଘଟି ୬ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଭାଲୁ ଆକ୍ରମଣରେ ୨ ଚାଷୀ ମୃତ

**ରାଞ୍ଚି, ୨୧।୪:** ଭାଲୁ ଆକ୍ରମଣରେ ଝାଡ଼ଖଣ୍ଡର ଗୁମଲା ଜିଲ ଆମ୍ବେରା ନେଗେସିଆ ଟୋଲି ଗ୍ରାମରେ ଗୁରୁବାର ୨ କୃଷକଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ଗୁରୁତରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସମସ୍ତ ମୃତାହତ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସକାଳ ପ୍ରାୟ ୬ଟାରେ ସେମାନେ ଘର ପାଖ ଜମିକୁ ଯାଇଥିବାବେଳେ ଏକ ଭାଲୁ ଆକ୍ରମଣ କରିଥିଲା। ଡାକ୍ତରଖାନା ଯିବା ବାଟରେ ଲଳିତ ଓ ଚିକିତ୍ସାଧୀନ ଅବସ୍ଥାରେ ସୁବାସଙ୍କ ମୃତ୍ୟୁ ଘଟିଛି। ଚାଷୀ ମଙ୍ଗଳେଶ୍ୱରଙ୍କ ଅବସ୍ଥା ଗୁରୁତର ରହିଛି।

### ଟ୍ରମ୍ପଙ୍କୁ ବୋକା କହିଲେ ମୋରଗାନ

**ୱାଶିଂଟନ,୨୧।୪:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ନିକଟରେ ବ୍ରିଟିଶ ଟେଲିଭିଜନ ପକ୍ଷରୁ ଆୟୋଜିତ ଏକ ସାକ୍ଷାତ୍‌କାରରେ



ଯୋଗଦେବା ଅବସରରେ ଉପସ୍ଥାପକ ମୋରଗାନଙ୍କ ପ୍ରଶ୍ନରେ ରାଗି ଯାଇ ଟ୍ରମ୍ପ ଅଧାରୁ ଉଠିଆସିଥିବା ଦେଖିବାକୁ ମିଳିଛି। ମୋରଗାନ ଏହି ଶର୍ଟ କ୍ଲିପ୍‌କୁ ବୁଧବାର ଟୁଇଟରରେ ଶେୟାର କରିଥିଲେ। କାର୍ଯ୍ୟକ୍ରମ ରେକର୍ଡିଂ ଆରମ୍ଭରୁ ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ବିଜ୍ଞାପନ ବିରତି ପରେ ଆଲୋଚନା ଆଗକୁ ବଢ଼ିଥିଲା। ମୋରଗାନ କହିଥିଲେ, ରାଷ୍ଟ୍ରପତି ନିର୍ବାଚନ ନିରପେକ୍ଷ ଥିଲା। ବୋକା ବ୍ୟକ୍ତି ହିଁ ନିର୍ବାଚନ ହାରିଥିବା ସେ କହିଥିଲେ। ଟ୍ରମ୍ପ ଉତ୍କ୍ଷିପ୍ତ ହୋଇ ଶୋ' ଛାଡ଼ି ପଳାଇ ଆସିଥିବା ଦେଖିବାକୁ ମିଳିଥିଲା।



ମାରିଉପୋଲସ୍ଥିତ ଏକ ଷ୍ଟିଲ୍ ପ୍ଲାଣ୍ଟରେ ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀମାନେ ଜାଳି ଦେଇଥିବା ଶତାଧିକ କାର୍।

# ରୁଷିଆ ଦଖଲରେ ମାରିଉପୋଲ

## ସୈନ୍ୟଙ୍କୁ ପ୍ରଶଂସା କଲେ ପୁଟିନ୍

**ମସ୍କୋ/କିଭ୍, ୨୧।୪**

ପ୍ରାୟ ଦୁଇ ମାସ ଧରି ୟୁକ୍ରେନ୍‌ରେ ରୁଷିଆ ଧ୍ୱଂସଲୀଳା ରଚି ଏକାଧିକ ସହର କବ୍‌ଜା କରିସାରିଛି। ଏବେ ରଣନୈତିକ ଦୃଷ୍ଟିରୁ ୟୁକ୍ରେନ୍ ପାଇଁ ବେଶ୍ ଗୁରୁତ୍ୱ ରଖୁଥିବା ବନ୍ଦର ସହର ମାରିଉପୋଲକୁ ରୁଷିଆ ଦଖଲ କରି ନେଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମାରିଉପୋଲକୁ 'ମୁକ୍ତ' ଘୋଷଣା କରିବା ସହ ନିଜ ସୈନ୍ୟଙ୍କୁ ପ୍ରଶଂସା କରିଛନ୍ତି। ମସ୍କୋ ସୈନ୍ୟଙ୍କୁ ଅଭିନନ୍ଦନ ବାର୍ତ୍ତା ଦେବାକୁ ସେ ପ୍ରତିରକ୍ଷା ମନ୍ତ୍ରୀ ସେରଗି ଶୋଇଗୁଙ୍କୁ କହିଛନ୍ତି। ତେବେ ମାରିଉପୋଲରେ ଥିବା ଶିଳ୍ପାଞ୍ଚଳରେ ଥିବା ଆଜୋଭଷ୍ଟଲ ଷ୍ଟିଲ୍ ପ୍ଲାଣ୍ଟରେ ଆକ୍ରମଣ ନ କରିବାକୁ ପୁଟିନ୍ ନିର୍ଦ୍ଦେଶ ଦେଇଛନ୍ତି। ଏହା ବଦଳରେ ଶିଳ୍ପାଞ୍ଚଳ ଚାରିପାଖକୁ ଘେରି ରହି ଭିତରକୁ କାହାରିକୁ ପ୍ରବେଶ କରିବାକୁ ନ ଦେବାକୁ ସେ ନିଜ ସୈନ୍ୟଙ୍କୁ କହିଛନ୍ତି। ମାରିଉପୋଲରେ ୟୁକ୍ରେନ୍ ସୈନ୍ୟଙ୍କୁ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବାକୁ ରୁଷିଆ କହିବାର କିଛି ଦିନ ପରେ ଆଜୋଭଷ୍ଟଲ ଷ୍ଟିଲ୍ ପ୍ଲାଣ୍ଟ ଉପରେ ଆକ୍ରମଣ ନ କରିବାକୁ ପୁଟିନ୍ ନିର୍ଦ୍ଦେଶ ଦେଇଛନ୍ତି।

ତେବେ ରୁଷିଆର ଏହି ଦାବିକୁ ୟୁକ୍ରେନ୍ ପ୍ରତ୍ୟାଖ୍ୟାନ କରିଛି। ମସ୍କୋର ସୈନ୍ୟ ଅଭାବ ଥିବା ଏବଂ କିଭ୍‌କୁ ହରାଇବାକୁ ରୁଷିଆର ସାମର୍ଥ୍ୟ ନ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପରାମର୍ଶଦାତା ଓଲେକ୍ସି ଆରେଷ୍ଟୋଭିଚ କହିଛନ୍ତି। ସେମାନେ ଆଜୋଭଷ୍ଟଲ୍‌କୁ କବ୍‌ଜା କରିପାରିବେନି ବୋଲି ରୁଷିଆ ବୁଝିସାରିଛି। ୟୁକ୍ରେନ୍ ସୈନ୍ୟ ତାହାକୁ କ୍ରମାଗତ ଭାବେ ସୁରକ୍ଷା ଯୋଗାଉଥିବା ସେ ପ୍ରକାଶ କରିଛନ୍ତି। ୪ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟାର ସହର ମାରିଉପୋଲ ରୁଷିଆ ଆକ୍ରମଣରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। କେବଳ ମାରିଉପୋଲରେ ୪ ହଜାର ୟୁକ୍ରେନ୍ ସୈନ୍ୟ ନିହତ ହୋଇଥିବା ଏବଂ ୧,୪୭୮ ଜଣ ଆତ୍ମସମର୍ପଣ କରିଥିବା ରୁଷିଆ ଦାବି କରିଛି। ଅନ୍ୟପକ୍ଷରେ ରୁଷିଆ ସହ ଲଢ଼ିବା ପାଇଁ ୟୁକ୍ରେନ୍‌କୁ ଆମେରିକା ଅତିରିକ୍ତ ୮୦୦ ମିଲିୟନ ଡଲାରର ସାମରିକ ସହାୟତା ଘୋଷଣା କରିଛି।

## କମଳା ହାରିସ୍‌ଙ୍କୁ ରୁଷିଆ ମନା



ୟୁକ୍ରେନ୍ ଆକ୍ରମଣ ପରଠାରୁ ରୁଷିଆ ଓ ଆମେରିକା ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମସ୍କୋ ଉପରେ ଗୋଟିଏ ପରେ ଗୋଟିଏ କଠୋର କଟକଣା ଲଗାଇ କୂଟନୀତିଜ୍ଞମାନଙ୍କୁ ବହିଷ୍କାର କରୁଥିବାବେଳେ ରୁଷିଆ ଟାଣପଣ ଦେଖାଇଛି। ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ସହ ଅନ୍ୟ ୨୮ ଅଧିକାରୀ, ବିଜ୍‌ନେସପର୍ସନ ଓ ସାମ୍ବାଦିକଙ୍କ ରୁଷିଆ ଗସ୍ତ ଉପରେ ବ୍ୟାନ୍ ଲଗାଇଛି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟର ବ୍ୟାନ୍ ଲିଷ୍ଟରେ ଫେସ୍‌ବୁକ୍ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ, ଆମେରିକାର ପ୍ରତିରକ୍ଷା ଉପସଚିବ କ୍ୟାଥଲିନ୍ ହିକ୍ସ ଏବଂ ପେଣ୍ଟାଗନ୍ ମୁଖପାତ୍ର ଜନ୍ କିର୍ବିଙ୍କ ନାମ ରହିଛି। ଏହି ବ୍ୟକ୍ତିମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରୁଷିଆ ଭୂଖଣ୍ଡକୁ ପ୍ରବେଶ କରିପାରିବେ ନାହିଁ ବୋଲି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

## ରିବନ ନ ପିନ୍ଧିଲେ ହତ୍ୟା

ରୁଷିଆ ମାରିଉପୋଲ ନାଗରିକ ଓ କିଭ୍ ସୁରକ୍ଷାକର୍ମୀଙ୍କୁ ଧଳା ରିବନ ପିନ୍ଧିବାକୁ ନିର୍ଦ୍ଦେଶ ଦେଇଛି। ଏହା ନ ମାନିଲେ ରୁଷୀୟ ସୈନ୍ୟ ସେମାନଙ୍କୁ ହତ୍ୟା ଧମକ ଦେଉଥିବା ମାରିଉପୋଲ ମେୟର ଭଦ୍ୟମ ବୟଚେନ୍‌କୋ କହିଛନ୍ତି। ବିନା ରିବନରେ କେହି ରାସ୍ତାରେ ଦେଖାଗଲେ ସେମାନଙ୍କୁ ଗୁଳି କରିଦେବାକୁ ଧମକ ଦିଆଯାଇଛି। ଏହି ରିବନ ପିନ୍ଧିବା ଅର୍ଥ ମାରିଉପୋଲରେ ରୁଷିଆର ବିଜୟକୁ ସ୍ୱୀକାର ସହ ଆତ୍ମସମର୍ପଣ କରିବା।

## ଡୋନ୍‌ବାସ୍ ପରବର୍ତ୍ତୀ ଟାର୍ଗେଟ

ମାରିଉପୋଲ ବାସ୍ତବରେ ରୁଷିଆ କବ୍‌ଜାକୁ ଯାଇଥିଲେ ତାହା ପୁଟିନ୍‌ଙ୍କ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯିବ। ୨୦୧୪ରେ ରୁଷିଆ କବ୍‌ଜା କରିଥିବା ୟୁକ୍ରେନ୍ ଉପଦ୍ୱୀପ କ୍ରିମିଆ ଓ ଡୋନ୍‌ବାସ୍ ଅଞ୍ଚଳକୁ ମାରିଉପୋଲ ମାଧ୍ୟମରେ ଯୋଗସୂତ୍ର ରଖାଯାଇପାରିବ। ତେଣୁ ରୁଷିଆ ସପକ୍ଷବାଦୀଙ୍କ ନିୟନ୍ତ୍ରଣରେ ଥିବା ଡୋନବାସ୍ ଅଞ୍ଚଳ ପୁଟିନ୍‌ଙ୍କ ପରବର୍ତ୍ତୀ ଟାର୍ଗେଟ। କିଭ୍ ଦଖଲରେ ରୁଷିଆ ବିଫଳ ହେବା ପରେ ନିଜ ସୈନ୍ୟଙ୍କୁ ସେଠାରୁ ପ୍ରତ୍ୟାହାର କରି ପୂର୍ବ ୟୁକ୍ରେନ୍ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି। ଡୋନ୍‌ବାସ୍‌ର ଲୁହାନ୍‌ସ୍କ ଓ ଡୋନେସ୍କ ଅଞ୍ଚଳରେ ଆକ୍ରମଣ ତୀବ୍ର କରିବାକୁ ରୁଷିଆ ସୈନ୍ୟ ଏକତ୍ର କରି ନୂଆ ଯୋଜନା ପ୍ରସ୍ତୁତ କରିଛି।



❛ ମାରିଉପୋଲ ସମ୍ପୂର୍ଣ୍ଣ ଭାବେ ମସ୍କୋ ନିୟନ୍ତ୍ରଣକୁ ଆସିଥିବାର କୌଣସି ପ୍ରମାଣ ନାହିଁ। ରୁଷିଆର ଏହି ଘୋଷଣାକୁ ନେଇ ସନ୍ଦେହ ରହିଛି। ପୁଟିନ୍ ସେଠାରେ ମାନବୀୟ କରିଡରକୁ ଅନୁମତି ଦେଇ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାନ୍ତୁ।

**-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି**



## ବିଶାଳକାୟ ହାତୀକୁ ମାରି ସେଲ୍‌ଫି ନେଲେ

**ଗାବୋରନ୍, ୨୧।୪:** ବିଶ୍ୱର ଅନ୍ୟତମ ବିଶାଳକାୟ ତଥା ବୋଟ୍‌ସୱାନାର ବୃହତ୍ତମ ହାତୀକୁ ଗୁଳି କରି ଏହାର ମୃତଦେହ ନିକଟରେ ଦୁଇ ଅଭିଯୁକ୍ତ ସେଲ୍‌ଫି ନେଇଛନ୍ତି। ହାତୀର ୮ ଫୁଟ୍ ଲମ୍ବ ଦାନ୍ତ ନିକଟରେ ସେମାନେ ବସିଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବୋଟ୍‌ସୱାନାର ପୂର୍ବତନ ରାଷ୍ଟ୍ରପତି ଇଆନ୍ ଖାମା ଏହି ଫଟୋକୁ ଫେସ୍‌ବୁକ୍‌ରେ ଶେୟାର କରି ଦେଶ ଏକ ଦୁର୍ଲଭ ଆକର୍ଷଣକୁ ହରାଇଲା ବୋଲି ଲେଖିଛନ୍ତି। ଶିକାର ଉପରେ ୨୦୧୪ରେ ଲାଗିଥିବା କଟକଣାକୁ ୩ ବର୍ଷ ପରେ ହଟାଯିବା ପଦକ୍ଷେପକୁ ସେ ସମାଲୋଚନା କରିଛନ୍ତି।

### ଶ୍ରୀଲଙ୍କାରେ ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ଉଚ୍ଛେଦ ପାଇଁ ବିଲ୍ ଆଣିଲେ ବିରୋଧୀ

**କଲମ୍ବୋ,୨୧।୪:** ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ଶ୍ରୀଲଙ୍କାରେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ଇସ୍ତଫା ଦାବିରେ ଦୀର୍ଘଦିନ ହେଲା ଆନ୍ଦୋଳନ ଜାରି ରହିଛି। ସେପଟେ ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ଉଚ୍ଛେଦ ଲାଗି ମୁଖ୍ୟ ବିରୋଧୀ ଦଳ ଏସ୍‌ଜେବି ଗୁରୁବାର ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛି। ୧୯୭୮ରୁ ଦେଶରେ ପ୍ରଚଳିତ ଥିବା ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ପରିବର୍ତ୍ତେ ସାମ୍ବିଧାନିକ ଗଣତନ୍ତ୍ରକୁ ସୁଦୃଢ଼ କରୁଥିବା ବ୍ୟବସ୍ଥା ଲାଗୁ କରିବା ଲାଗି ଏସ୍‌ଜେବି ପକ୍ଷରୁ କୁହାଯାଇଛି। ପାର୍ଲାମେଣ୍ଟ ମହାସଚିବଙ୍କ କାର୍ଯ୍ୟାଳୟରେ ମୁଖ୍ୟ ବିରୋଧୀ ଦଳ ପକ୍ଷରୁ ୨୧ତମ ସମ୍ବିଧାନର ଚିଠା ପ୍ରସ୍ତାବ ଉପସ୍ଥାପନ କରାଯିବା ସହ ବାଚସ୍ପତିଙ୍କୁ ମଧ୍ୟ ଜଣାଇ ଦିଆଯାଇଛି ବୋଲି ଏସ୍‌ଜେବି ନେତା ସାଜିଥ ପ୍ରେମଦାସା ପାର୍ଲାମେଣ୍ଟରେ କହିଛନ୍ତି। ପ୍ରସ୍ତାବିତ ସଂଶୋଧନ ବିଲ୍ ଅନୁଯାୟୀ ରାଷ୍ଟ୍ରପତି ରାଷ୍ଟ୍ରର ମୁଖ୍ୟ ଏବଂ କମାଣ୍ଡର ଇନ୍ ଚିଫ୍ ରହିବେ। ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି କିମ୍ବା ବହିଷ୍କାର କ୍ଷମତା ତାଙ୍କର ରହିବ ନାହିଁ। ପ୍ରଧାନମନ୍ତ୍ରୀ କ୍ୟାବିନେଟ୍‌ର ମୁଖ୍ୟ ହେବେ ଓ ତାଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେବେ।

## ଯୌନ ଅନୁଗ୍ରହ ପାଇଁ ୮୦୦ କଲ୍

**ବେଙ୍ଗାଲୁରୁ, ୨୧।୪**

କର୍ଣ୍ଣାଟକର ଏକ ଘରୋଇ କଲେଜ ଅଧ୍ୟାପିକାଙ୍କ ପାଖକୁ ଯୌନ ଅନୁଗ୍ରହ ପାଇଁ ୮୦୦ ଫୋନ୍ କଲ୍ ଆସିଛି। ସମ୍ପୃକ୍ତା ଅଧ୍ୟାପିକାଙ୍କ ସହକର୍ମୀମାନେ ବିଭିନ୍ନ ସହରରେ ଥିବା ବସ୍‌ଷ୍ଟାଣ୍ଡ ଓ ଟଏଲେଟ୍ କାନ୍ଥରେ ତାଙ୍କ ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଆଇଡି ଲେଖିବା ପରେ କାମୁକ ବ୍ୟକ୍ତିମାନେ ତାଙ୍କୁ କଲ୍ କରିଥିବା ପୋଲିସ ଜାଣିବାକୁ ପାଇଛି। ଏହି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

**ବସ୍‌ଷ୍ଟାଣ୍ଡ, ଶୌଚାଳୟରେ ସହକର୍ମୀ ଲେଖିଥିଲେ ଅଧ୍ୟାପିକାଙ୍କ ନମ୍ବର**

ସୂଚନା ଅନୁସାରେ, କର୍ଣ୍ଣାଟକର ବନ୍ତୱାଲସ୍ଥିତ ଏକ ଘରୋଇ କଲେଜରେ ୫୮ ବର୍ଷୀୟା ମହିଳା ଜଣକ ପାଠ ପଢ଼ାନ୍ତି। ଶିକ୍ଷାଦାନରେ ତାଙ୍କର ୩୧ ବର୍ଷର ଅଭିଜ୍ଞତା ରହିଛି। ସେ ଅନେକ ପୁସ୍ତକ ରଚନା ସହ ଏକାଧିକ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ଉକ୍ତ କଲେଜର କେତେଜଣ କର୍ମଚାରୀ ନିଯୁକ୍ତି ଓ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ କରି ତାଙ୍କୁ ହଇରାଣ କରୁଥିଲେ। ସେମାନଙ୍କ ବଦମାସି ଏତିକିରେ ସୀମିତ ନ ଥିଲା। ଅର୍ଥନୀତି ଅଧ୍ୟାପକ ପ୍ରଦୀପ ପୂଜାରୀ(୩୬), କଲେଜ କରେସ୍‌ପଣ୍ଡେଣ୍ଟ ପ୍ରକାଶ ଶିନୋୟ(୪୪) ଏବଂ ତାରାନାଥ ବିଏସ୍ ସେଟ୍ଟୀ(୩୨) ଅଧ୍ୟାପିକାଙ୍କ ଛବି ନଷ୍ଟ କରିବାକୁ ଯାଇ ମହୀଶୂର, ମାଦିକେରି, ଚିକ୍କାମାଗାଲୁରୁ, ମୁଦିଗିରି, ଏନ୍‌ଆର୍ ପୁର, ଶିବମୋଗାର ବସ୍‌ଷ୍ଟାଣ୍ଡ ତଥା ଶୌଚାଳୟ କାନ୍ଥଗୁଡ଼ିକରେ ତାଙ୍କ କଣ୍ଟାକ୍ଟ ନମ୍ବର ସହ ମେଲ୍ ଆଇଡି ଲେଖିଥିଲେ। ଫୋନ୍ ନମ୍ବର ପାଇବା ପରେ ପ୍ରାୟ ୮୦୦ ଅଜଣା ଲୋକ ତାଙ୍କୁ ଫୋନ୍ କରି ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ଏପରି କି ଅଭିଯୁକ୍ତମାନେ ଗତ ନଭେମ୍ବର, ଡିସେମ୍ବରରେ ମହିଳାଙ୍କ ନିକଟକୁ ହ୍ୱାଟ୍ସଆପ୍‌ରେ ଅଶ୍ଲୀଳ ଭାଷା, ଚିତ୍ର ଆଦି ପଠାଇଥିଲେ। ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ସ୍ଥିତାବସ୍ଥା ବଜାୟ ରଖ

## ଜାହାଙ୍ଗୀରପୁରୀରେ ୨ ସପ୍ତାହ ପାଇଁ ଉଚ୍ଛେଦ ବନ୍ଦ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୧।୪**

ନୂଆଦିଲ୍ଲୀର ଦଙ୍ଗା ପ୍ରଭାବିତ ଜାହାଙ୍ଗୀରପୁରୀରେ ବେଆଇନ ନିର୍ମାଣ ଉଚ୍ଛେଦ ଉପରେ ଗୁରୁବାର ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏଥିସହ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଉତ୍ତର ଦିଲ୍ଲୀ ମହାନଗର ନିଗମ (ଏନ୍‌ଡିଏମ୍‌ସି) ମେୟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଦଙ୍ଗା ଅଭିଯୁକ୍ତ ସଂଖ୍ୟାଲଘୁଙ୍କ ବିରୋଧରେ ଏନ୍‌ଡିଏମ୍‌ସି ପକ୍ଷରୁ ବୁଧବାର ବରଦଖଲ ଉଚ୍ଛେଦ ଅଭିଯାନ ଚାଲିଥିଲା। ଏହାକୁ ବନ୍ଦ କରିବା ପାଇଁ ଜାମିଆତ୍ ଉଲେମା-ଇ-ହିନ୍ଦ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ମୁସଲିମ ସଙ୍ଗଠନ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଭଙ୍ଗାରୁଜା ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଏନ୍‌ଡିଏମ୍‌ସି କର୍ତ୍ତୃପକ୍ଷ କୋର୍ଟଅର୍ଡର ପାଇ ନ ଥିବା ଦର୍ଶାଇ ବୁଲ୍‌ଡୋଜର ଲଗାଇ କେତେକ ନିର୍ମାଣକୁ ଭାଙ୍ଗି ଦେଇଥିଲେ। ଫଳରେ ଅଦାଲତ ପୁଣି ଥରେ ହସ୍ତକ୍ଷେପ କରି ନିର୍ଦ୍ଦେଶର ତୁରନ୍ତ ଅନୁପାଳନ କରିବାକୁ କହିଥିଲେ।



ଏହି ପ୍ରସଙ୍ଗରେ ଗୁରୁବାର ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ବି.ଆର. ଗଭାଇଙ୍କ ଖଣ୍ଡପୀଠରେ ପୁଣି ଶୁଣାଣି ହୋଇଛି। ଖଣ୍ଡପୀଠ କହିଛନ୍ତି, ଅଦାଲତଙ୍କ ପରବର୍ତ୍ତୀ ରାୟ ନ ଆସିବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ପଡ଼ିବ। ଦୁଇ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଏନ୍‌ଡିଏମ୍‌ସି ମେୟରଙ୍କୁ କୋର୍ଟ ଅର୍ଡର ସମ୍ପର୍କରେ ଅବଗତ କରାଯିବା ପରେ ମଧ୍ୟ ଜାହାଙ୍ଗୀରପୁରୀରେ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ଏହା ଉପରେ ଆମେ ଗମ୍ଭୀର ନିଷ୍ପତ୍ତି ନେବୁ। ଜାମିଆତ୍ ଉଲେମା-ଇ-ହିନ୍ଦ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଥିଲେ, ଏହି ପ୍ରସଙ୍ଗ ସାମ୍ବିଧାନିକ ଓ ଜାତୀୟ ଗୁରୁତ୍ୱ ଉପରେ ସୁଦୂରପ୍ରସାରୀ ପ୍ରଶ୍ନ ଛିଡ଼ା କରାଇଛି। ଖଣ୍ଡପୀଠ ପଚାରିଲେ, ଜାତୀୟ ଗୁରୁତ୍ୱ କ'ଣ? ଏହା ତ କେବଳ ଗୋଟିଏ ଅଞ୍ଚଳ ସହ ସମ୍ପର୍କିତ। ଡାଭେ କହିଲେ, ଦେଶର ଯେଉଁ ସ୍ଥାନରେ ବି ଦଙ୍ଗା ହେଉଛି ସେଠାରେ ଏପରି କରାଯାଉଛି। ପୂର୍ବରୁ ଫେକ୍ ଏନ୍‌କାଉଣ୍ଟର କରାଯାଉଥିଲା। ଏବେ ବୁଲ୍‌ଡୋଜର ଲଗାଇ ଘର ଭଙ୍ଗାଯାଉଛି।

### ଉଚ୍ଛେଦ ଏକ ରାଜନୈତିକ ଷଡ଼ଯନ୍ତ୍ର : ବ୍ରିନ୍ଦା କରାଟ

ଜାହାଙ୍ଗୀରପୁରୀରେ ଜବରଦଖଲ ଉଚ୍ଛେଦ ଏକ ସାମ୍ପ୍ରଦାୟିକ ତଥା ରାଜନୈତିକ ଷଡ଼ଯନ୍ତ୍ର ବୋଲି ସିପିଆଇଏମ୍ ପଲିଟ୍‌ବ୍ୟୁରୋ ସଦସ୍ୟା ବ୍ରିନ୍ଦା କରାଟ ଗୁରୁବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ବ୍ରିନ୍ଦା ଏହି ଉଚ୍ଛେଦ ବିରୋଧରେ ଶୀର୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜବରଦଖଲକାରୀଙ୍କୁ ହଟାଇବା ଆଳରେ ଉଚ୍ଛେଦ କାର୍ଯ୍ୟ ସମ୍ବିଧାନ, ନ୍ୟାୟର ସିଦ୍ଧାନ୍ତ ଏବଂ ଦିଲ୍ଲୀ ମହାନଗର ନିଗମ ଆଇନ, ୧୯୫୭ର ପରିପନ୍ଥୀ ବୋଲି ସେ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି।

# ବୁଲ୍‌ଡୋଜର ଫ୍ୟାକ୍ଟ୍ରିରେ ବୋରିସ



**ଅହମ୍ମଦାବାଦ,୨୧।୪**

ବ୍ରିଟିଶ ପ୍ରଧାନମନ୍ତ୍ରୀ ଗୁରୁବାର ଭଦୋଦରାରେ ଥିବା ବ୍ରିଟିଶ ଭାରୀ ଉପକରଣ ନିର୍ମାତା ଜେସିବି କମ୍ପାନୀର ବୁଲ୍‌ଡୋଜର ଫ୍ୟାକ୍ଟ୍ରି ପରିଦର୍ଶନ କରିଛନ୍ତି। ଭାଜପା ଶାସିତ ରାଜ୍ୟ ସରକାର ବେଆଇନ ଘର ଓ ଦୋକାନ ଉଚ୍ଛେଦରେ ବୁଲ୍‌ଡୋଜରକୁ ବ୍ୟବହାର କରି ବିବାଦକୁ ଆସିଥିବାବେଳେ ବୋରିସ୍ ଉକ୍ତ କାରଖାନା ଗସ୍ତ କରିବା ଚର୍ଚ୍ଚା ପରିସରକୁ ଆସିଛି।

### ଆଦାନୀଙ୍କୁ ଭେଟିଲେ

ବୋରିସ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କୁ ଅହମଦାବାଦରେ ଭେଟିଛନ୍ତି। ଆଦାନୀ ଗ୍ରୁପ୍‌ର ନବୀକରଣଯୋଗ୍ୟ ଇନ୍ଧନ, ଗ୍ରୀନ୍ ଏଚ୍୨କୁ ବୋରିସ ପ୍ରଶଂସା କରିଥିଲେ। ପ୍ରତିରକ୍ଷା ଓ ମହାକାଶ ପ୍ରଯୁକ୍ତି ବିକାଶରେ ବ୍ରିଟେନ କମ୍ପାନୀଗୁଡ଼ିକ ସହ ଏକାଠି କାର୍ଯ୍ୟ କରିବେ ବୋଲି ଆଦାନୀ ଟୁଇଟ୍ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୭୨,୮୦,୩୮୭ | ୬୨,୩୩,୩୨୩ | ୪୫,୯୫,୮୯,୭୪୮ |
| ଭାରତ | ୪,୩୦,୪୯,୯୪୭ | ୫,୨୨,୦୬୨ | ୪,୨୫,୧୪,୪୭୯ |
| ଓଡ଼ିଶା | ୧୨,୮୭,୯୬୮ | ୯୧୪୨(+୫୩) | ୧୨,୭୮,୭୦୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ବିଜୁଳିକାଟକୁ ନେଇ ବଢୁଛି ଜନଅସନ୍ତୋଷ ।**




# ମୋବାଇଲ ଦିଅ, ଷ୍ଟ୍ରେଚର ନିଅ

**ଏସ୍‌ସିବି ମେଡିକାଲରେ ଅଜବ ନିୟମ**

■ ହଇରାଣ ହେଉଛନ୍ତି ରୋଗୀ ସମ୍ପର୍କୀୟ

**କଟକ ଅଫିସ, ୨୧।୪**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଉନ୍ନତିମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ହେଲେ ଏଠି କିନ୍ତୁ ରୋଗୀଙ୍କ ପାଇଁ ଅଜବ ନିୟମ କରାଯାଇଛି। ମୋବାଇଲ ବନ୍ଧକ ରଖିଲେ ଷ୍ଟ୍ରେଚର ଓ ହୁଇଲ ଚେୟାର ମିଳିବ। ତେଣୁ ବାଧ୍ୟହୋଇ ରୋଗୀ ସମ୍ପର୍କୀୟମାନଙ୍କୁ ମୋବାଇଲ ରଖିବାକୁ ପଡୁଛି। ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀ ସମ୍ପର୍କୀୟଙ୍କଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଏସ୍‌ସିବି ମେଡିକାଲ ରାଜ୍ୟର ସବୁଠୁ ବଡ଼ ମେଡିକାଲ। ଏଠାକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ତେବେ ଗୁରୁତର ରୋଗୀମାନଙ୍କୁ କାଜୁଆଲ୍‌ଟିରୁ ଦୂରରେ ଥିବା ଅଲ୍‌ଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ, ସିଟିସ୍କାନ, ଏକ୍ସରେ ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ ବୋହି ନେବାକୁ ଷ୍ଟ୍ରେଚର ଏବଂ ହୁଇଲ୍ ଚେୟାର ବ୍ୟବସ୍ଥା ହୋଇଛି। ମେଡିକାଲରେ ନିୟୋଜିତ ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ଏଥିପାଇଁ ଅଜବ ନିୟମ ପ୍ରଣୟନ କରିଛନ୍ତି। ଆଗେ ମୋବାଇଲ୍ ବନ୍ଧକ ରଖି ଷ୍ଟ୍ରେଚର ନିଅ। ଏହାକୁ ଫେରାଇବା ପରେ ମୋବାଇଲ ଦିଆଯିବ ବୋଲି କୁହାଯାଉଛି। ଫଳରେ ରୋଗୀ ସମ୍ପର୍କୀୟମାନଙ୍କୁ ମୋବାଇଲ ରଖିବାକୁ ପଡୁଛି। ଏହାଦ୍ୱାରା ସେମାନେ ହଇରାଣ ହେଉଛନ୍ତି।

ଏ ସମ୍ପର୍କରେ ସମ୍ପୃକ୍ତ ଠିକା ସଂସ୍ଥାର ସୁପରଭାଇଜର ସଙ୍କେତ ନାୟକ କହିଛନ୍ତି, ଗୁରୁତର ରୋଗୀଙ୍କୁ ସେମାନଙ୍କ ସମ୍ପର୍କୀୟମାନେ ଷ୍ଟ୍ରେଚର, ହୁଇଲ ଚେୟାରରେ ନେଉଛନ୍ତି। ହେଲେ ମେଡିକାଲ ସାମଗ୍ରୀ ଭାବି ଯେଉଁଠି ପାରୁଛନ୍ତି, ସେଠି ପକାଇ ଦେଇ ପଳାଉଛନ୍ତି। ଫଳରେ ଷ୍ଟ୍ରେଚର, ହୁଇଲ ଚେୟାରଗୁଡ଼ିକ ଚୋରି ହୋଇଯାଉଛି। ଏଥିପାଇଁ ଅନ୍ୟ ରୋଗୀମାନେ ମଧ୍ୟ ହଇରାଣ ହେଉଛନ୍ତି। ଗତ ୫ ବର୍ଷ ଭିତରେ ୩୦ରୁ ଅଧିକ ଷ୍ଟ୍ରେଚର, ହୁଇଲଚେୟାର ହଜିଗଲାଣି। ଏ ସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଲିଖିତ ଭାବେ ଜଣାଇଛି। ଆମେ ରୋଗୀଙ୍କୁ କେବଳ ମୋବାଇଲ ନୁହେଁ, ଯେ କୌଣସି ଏକ ଦାମିକା ସାମଗ୍ରୀ ରଖିବାକୁ କହିଥାଉ। ଜାଣିଛୁ ରୋଗୀ ସମ୍ପର୍କୀୟମାନେ ହଇରାଣ ହେଉଛନ୍ତି। ତଥାପି ଆମେ ବାଧ୍ୟ ହୋଇ ଏପରି ନିୟମ କରିଛୁ। ଏହାଦ୍ୱାରା ରୋଗୀ ସମ୍ପର୍କୀୟମାନେ ଶୀଘ୍ର ଷ୍ଟ୍ରେଚର, ହୁଇଲଚେୟାର ଆଣି ଫେରାଉଛନ୍ତି। ଅପରପକ୍ଷେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ଏ ବିଷୟରେ ଖବର ପାଇଛି। ସୁପରିଣ୍ଟେଣ୍ଡେଣ୍ଟଙ୍କ ସହିତ କଥା ହୋଇଛି। ଏପରି ଅସୁବିଧା ଯେପରି ଭବିଷ୍ୟତରେ ନ ହେବ ସେଥିପାଇଁ ଆମେ ଯଥାଶୀଘ୍ର ବ୍ୟବସ୍ଥା କରିବୁ।



■ ୨୦୨୧ର ୩ୟ ବାର୍ଷିକ ଲୋକାୟୁକ୍ତ ରିପୋର୍ଟ ରାଜ୍ୟପାଳଙ୍କୁ ପ୍ରଦାନ

## ମହାମାରୀ ସତ୍ତ୍ୱେ ସମାଧାନ ହୋଇଛି ୮୮୪ ମାମଲା

**ଭୁବନେଶ୍ୱର, ୨୧।୪(ବ୍ୟୁରୋ)**

ବର୍ଷ ୨୦୨୧ର ୩ୟ ବାର୍ଷିକ ଲୋକାୟୁକ୍ତ ରିପୋର୍ଟ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ପ୍ରଦାନ କରାଯାଇଛି। ଲୋକାୟୁକ୍ତ ଅଧ୍ୟକ୍ଷ ଏବଂ ସଦସ୍ୟ ରାଜ୍ୟପାଳଙ୍କୁ ଭେଟି ଏହି ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅବସରରେ ଆଲୋଚନା ସମୟରେ ଲୋକାୟୁକ୍ତ ଅଧ୍ୟକ୍ଷ ଜଷ୍ଟିସ୍ ଅଜିତ୍ ସିଂ ଜଣାଇଥିଲେ ଯେ ମହାମାରୀ ସତ୍ତ୍ୱେ ୨୦୨୧ରେ ମୋଟ୍ ୮୮୪ଟି ମାମଲାର ସମାଧାନ କରାଯାଇଛି। ଓଡ଼ିଶା ଲୋକାୟୁକ୍ତ (ଅଭିଯୋଗ ଦାଖଲ ପ୍ରଣାଳୀ) ନିୟମ, ୨୦୨୦ରେ ରହିଥିବା ବ୍ୟବସ୍ଥା କିପରି ଲୋକଙ୍କୁ ସମସ୍ୟାରେ ପକାଉଛି। ସେ ସମ୍ପର୍କରେ ଲୋକାୟୁକ୍ତ ଅଧ୍ୟକ୍ଷ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାର ସମାଧାନ ପାଇଁ ଏହାକୁ ପରିର୍ବନ କରି ଅଧିକ ସରଳ କରିବାକୁ ଲୋକାୟୁକ୍ତ ରାଜ୍ୟ ସରକାରଙ୍କୁ ସୁପାରିସ୍ କରିଛନ୍ତି। ଯାହାଫଳରେ ଦୁର୍ନୀତି ବିରୋଧରେ ଲୋକାୟୁକ୍ତଙ୍କ ନିକଟରେ ଆବେଦନ ପାଇଁ ଲୋକେ ଅଧିକ ଆଗ୍ରହ ପ୍ରକାଶ କରିବେ। ଏହି ରିପୋର୍ଟ ପ୍ରଦାନ ଅବସରରେ ସଦସ୍ୟ (ନ୍ୟାୟିକ) ଜଷ୍ଟିସ୍ ବିଜୟ କୁମାର ନାୟକ, ଦେବବ୍ରତ ସ୍ୱାଇଁ ଏବଂ ରାଜେନ୍ଦ୍ର ପ୍ରସାଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଜେ ଶବ୍ଦରେ ବରପିତାଙ୍କ ହୃଦ୍‌ଘାତରେ ମୃତ୍ୟୁ

**ଦିଲ୍ଲୀରୁ ପୁଅ ବାହାଘର ପାଇଁ ଆସିଥିଲେ ମାଲକାନଗିରି**

**ମାଲକାନଗିରି, ୨୧।୪ (ଡି.ଏନ୍.ଏ.)**

କେତେ ଆଶା ରଖିଥିଲେ ପୁଅ ବାହାଘର କରିବେ। ଘରକୁ ବୋହୂ ଆଣି ବଳକା ଜୀବନ ସେମାନଙ୍କ ସହ ହସଖୁସିରେ କାଟିଦେବେ। ଏଥିପାଇଁ ସୁଦୂର ଦିଲ୍ଲୀରୁ ଆସିଥିଲେ ଓଡ଼ିଶାର ମାଲକାନଗିରି। ମାତ୍ର ନିୟତି ତାଙ୍କ ପାଇଁ ଲେଖିଥିଲା ଅନ୍ୟ କିଛି। ବାହାଘର ଡିଜେ ଶବ୍ଦରେ ହୃଦ୍‌ଘାତର ଶିକାର ହେଲେ। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ସହରରେ। ଖବରରୁ ଜଣାପଡିଛି ଦିଲ୍ଲୀ ନିବାସୀ ମହେନ୍ଦ୍ର ରହିଲାଙ୍କ ପୁଅ ଅଙ୍କିତ ମାଲକାନଗିରିର ଜଣେ ଯୁବତୀଙ୍କୁ ଭଲ ପାଉଥିବା ଜାଣିବା ପରେ ପୁଅ ବାହାଘର ସେଠାରେ ସ୍ଥିର କରିଥିଲେ। ତିଥି ଅନୁସାରେ ବୁଧବାର ସେ ପୁଅ ଏବଂ କେତେଜଣ ବରଯାତ୍ରୀଙ୍କୁ ଧରି ମାଲକାନଗିରି ଆସିଥିଲେ। ସହରର ଏକ ହୋଟେଲ ସମ୍ମୁଖରୁ ବରଯାତ୍ରୀଙ୍କ ଶୋଭାଯାତ୍ରା ବାହାରି ଲାଠିଆଗୁଡ଼ା ପର୍ଯ୍ୟନ୍ତ ଯିବାର ଥିଲା। ହୋଟେଲରୁ ମାତ୍ର କିଛି ମିଟର ଦୂର ବାହାଘର ଶୋଭାଯାତ୍ରା ଯାଇଥିବା ବେଳେ ହଠାତ୍ ରାସ୍ତା ଉପରେ ମହେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ମାଲକାନଗିରି ପୋଲିସ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରି ପରେ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲା। ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରା ଯାଇଥିଲା। ତେବେ ଘଟଣା ପରେ ବାହାଘର ବନ୍ଦ ରହିଛି। କେତେଜଣ ବରଯାତ୍ରୀ ଏବଂ ସେଠାରେ ଉପସ୍ଥିତ ଲୋକମାନଙ୍କ କହିବା ଅନୁସାରେ ଡିଜେ ଶବ୍ଦରେ ହିଁ ବରପିତାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି।

## ଅଟୋକୁ ଧକ୍କା ଦେଲା ହାଇୱା: ଦମ୍ପତିଙ୍କ ସମେତ ୩ ମୃତ

**ଆନନ୍ଦପୁର/ହାଟଡିହୀ, ୨୧।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ କୋଡ଼ପଡ଼ା ଛକ ନିକଟରେ ଗୁରୁବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଚିପ୍ସ ବୋଝେଇ ହାଇୱା ଅଟୋକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଅଟୋରେ ଥିବା ଏକ ଆଦିବାସୀ ଦମ୍ପତିଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଅଟୋ ଚାଳକ ଆହତ ହୋଇଛନ୍ତି। ମୃତକମାନେ ହେଲେ ହାଟଡିହୀ ବ୍ଲକ ଜାବିନପୁର ଗ୍ରାମର ଟୁକୁନା ମୁଣ୍ଡା, ତାଙ୍କ ସ୍ତ୍ରୀ ଆଛି ମୁଣ୍ଡା, ସନା ମୁଣ୍ଡା। ସନାଙ୍କ ସ୍ତ୍ରୀ ସୋମବାରୀ ମୁଣ୍ଡାଙ୍କୁ ଗୁରୁତର ଅବସ୍ଥାରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଆହତ ଅଟୋ ଚାଳକ ଜଳସରପୁର ଗ୍ରାମର ଓକିଲ ଯେନା ଆନନ୍ଦପୁର ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ୪ଜଣ ଅଟୋରେ ମୟୂରଭଞ୍ଜର ସାତକୋଶିଆ ଅଞ୍ଚଳକୁ ହାଟ କରିବାକୁ ଯାଇଥିଲେ। ହାଟ ସାରି ଫେରୁଥିବା ବେଳେ ଆନନ୍ଦପୁର ଥାନା ଅଧୀନ କୋଡ଼ପଡ଼ା ଛକ ନିକଟରେ ଘସିପୁରା ତହସିଲ ଅନ୍ତର୍ଗତ ଓସ୍ତପୁରାରୁ ଚିପ୍‌ସ ବୋଝେଇ କରି ଯାଉଥିବା ହାଇୱା ସାମ୍ନାପଟୁ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଦୁଇଟି ଯାକ ଗାଡ଼ି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଅଟୋରେ ଯାଉଥିବା ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ ଅଧିକାରୀ ପ୍ରତାପ ସିଂହଙ୍କ ନେତୃତ୍ୱରେ ଏକ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲା। ଆନନ୍ଦପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଥିବା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ ଅଟୋ।

## ସ୍କୁଲ ବହି ବିକି ପ୍ରଧାନ ଶିକ୍ଷକ ନିଲମ୍ବିତ

**ଟେନ୍‌ସା, ୨୧।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ସର୍ଗିଗଡ଼ ସରକାରୀ ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛନ୍ଦାଚରଣ ସିଂ ଛାତ୍ରୀଛାତ୍ରଙ୍କ ବହିକୁ କବାଡିବାଲାକୁ ବିକ୍ରି କରିଥିଲେ। ଏହି ଅଭିଯୋଗରେ କୋଇଡ଼ା ବିଇଓ ମହମ୍ମଦ ଏସ.ରେହେମାନ ଗୁରୁବାର ପ୍ରଧାନ ଶିକ୍ଷକ ସିଂଙ୍କୁ ନିଲମ୍ବିତ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ସରକାରଙ୍କ ତରଫରୁ ମାଗଣାରେ ବହି ଯୋଗାଇ ଦିଆଯାଉଥିଲା। ସେହି ବହିକୁ ଛାତ୍ରୀଛାତ୍ରଙ୍କୁ ବାଣ୍ଟିବା ବଦଳରେ କବାଡିବାଲାକୁ ବିକ୍ରି କରିବାବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲା। ୩ହଜାରରୁ ଅଧିକ ବହି ଅଟୋରେ ବୋଝେଇ ହୋଇ ଯାଉଥିବାବେଳେ ଲୋକେ ଧରିଥିଲେ। ଘଟଣା ଲୋକଲୋଚନକୁ ଆସିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କୋଇଡା ବିଇଓ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି।



**ଆଜିର ମନ୍ତବ୍ୟ**

"ଏସୀୟ ରାଷ୍ଟ୍ରଗୁଡ଼ିକ ସମ୍ପୃକ୍ତ କ୍ଷେତ୍ରର ଭବିଷ୍ୟତ ନିଜେ ନିର୍ଦ୍ଧାରଣ କରନ୍ତୁ। ସବୁ ରାଷ୍ଟ୍ରର ସାର୍ବଭୌମତ୍ୱକୁ ସମ୍ମାନ ଦେଇ ଏକ ବୈଶ୍ୱିକ ସୁରକ୍ଷା ପଦକ୍ଷେପର ପରିଯୋଜନା କରାଯାଉ।

– ଶି ଜିନ୍‌ପିଙ୍ଗ୍, ଚାଇନା ରାଷ୍ଟ୍ରପତି



## ଜନ୍ମଦିନର ଶୁଭେଚ୍ଛା



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପୋଲିସ ଆଉଟପୋଷ୍ଟ...

ସବ୍‌ଇନ୍ସପେକ୍ଟର ଓ ୬ଜଣ ଲେଖାଏ କନ୍‌ଷ୍ଟେବଲ ନିୟୋଜିତ ହେବେ। ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ବିଭିନ୍ନ ଆପରାଧିକ ଅନୁସନ୍ଧାନ କ୍ଷେତ୍ରରେ ସେମାନେ ଦାୟିତ୍ୱ ନିର୍ବାହ କରିବେ। ଏହାଦ୍ୱାରା ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା ଅଧିକ ଦୃଢ ହୋଇପାରିବ। ଏହି ନୂତନ ପଦବୀଗୁଡ଼ିକ ରାଜ୍ୟ ସରକାରଙ୍କ ଓଆରଭି ସମେତ ନିଯୁକ୍ତି ନିୟମାବଳୀର ସମସ୍ତ ବ୍ୟବସ୍ଥା ଅନୁଯାୟୀ ପୂରଣ କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଲାଗିବା ଘର,**
**ମଙ୍ଗୁଲିଲା ବର,**
**ୟାଙ୍କୁ ନ ରଖିବ ବହୁତ କାଳ।**

ଛାଉଣି ପାଇଁ ଉଲୁରାଯାଇଥିବା ଘରକୁ ବେଶି ଦିନ ଖୋଲା ପକାଇ ରଖିବା ଅଶୁଭ ଲକ୍ଷଣ ହୋଇଥାଏ। ସେହିପରି ମଙ୍ଗୁଳା ହୋଇଥିବା ବରକୁ ଅଧିକ ସମୟ ନ ରଖି ଯଥାଶୀଘ୍ର ତା'ର ବିବାହ କରାଇଦେବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ଉଡ଼ିଗଲେ ଗେଣ୍ଡାଳିଆ**
**ଝାଡ଼ିଦେଲେ ପର;**
**ତୁ ଛାଡ଼ିଲୁ ବାପ ଭାଇ**
**ମୁଁ ଛାଡ଼ିଲି ଘର।**

କୁହାଯାଏ ପ୍ରେମ ଦୁଇ ମନର ପବିତ୍ର ମିଳନ। ଏହା ମାନେନା ଆକଟ, ବାଧା କିମ୍ବା ବନ୍ଧନ। ପାରିବାରିକ ସ୍ୱୀକୃତି ଥାଉ ବା ନ ଥାଉ ଦୁଇ ପ୍ରେମୀ ମୁକ୍ତ ବିହଙ୍ଗ ହୋଇ ଉଡ଼ିବାକୁ ହୋଇଉଠନ୍ତି ବ୍ୟାକୁଳ। ସମସ୍ତ ସୀମା ସରହଦ ଡେଇଁ ଦୁଇ ପ୍ରେମୀ ପରସ୍ପର ସାନ୍ନିଧ ପାଇଁ ବ୍ୟାକୁଳ ହୋଇ ଉଠୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ରବି ଉଚ୍ଚଭାବରେ ରହିଥିବାରୁ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିବେ। ବୁଧଙ୍କ ପ୍ରଭାବରୁ ନିକଟସ୍ଥ ଲୋକଙ୍କୁ ଆପଣାର କରିବା ଦ୍ୱାରା ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ। ଅତ୍ୟାବଶ୍ୟକ ସମୟରେ ପାଖରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ଅର୍ଥନୈତିକ, ସାମାଜିକ, ପ୍ରଶାସନିକ କ୍ଷେତ୍ର ବହୁତ ଭଲ ରହିବ।

**ବୃଷ**

ଶୁକ୍ରଙ୍କ ସୁପ୍ରଭାବ ଆପଣଙ୍କୁ ବିଳାସ ସାମଗ୍ରୀ କ୍ରୟ ପାଇଁ ଅନୁପ୍ରେରିତ କରିପାରେ। କଳା, ସାହିତ୍ୟ, କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ପାଇପାରନ୍ତି। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ନୁହେଁ, ଅବଶ୍ୟ ବିଶେଷ ଲାଭବାନ୍ ନ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସୁନାମ ମିଳିବ।

**ମିଥୁନ**

ଉପରିସ୍ଥଙ୍କ ଆଦେଶରେ ବାଧ୍ୟବାଧକତାର ସହ କେତେକ କାମ କରିବାକୁ ପଡ଼ିପାରେ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ବିରୁଦ୍ଧାତ୍ମକ କଥାବାର୍ତ୍ତା କରିପାରନ୍ତି। ଅର୍ଥବଳ ଥିଲେ ମଧ୍ୟ ସହଯୋଗ ଅଭାବରୁ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ନ ହୋଇପାରେ। ଆଜିର ଫେରନ୍ତା ବାଟରେ ମିତ୍ରତା ଯୋଗୁ ମନ ଖୁସି ରହିବ ।

**କର୍କଟ**

ଆଜି ପରିବାରରେ ବିବାଦୀୟ ପରିସ୍ଥିତି ଦେଖାଦେବାର ସୂଚନା ରହିଛି। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଆଶାୟୀଥିବା କୌଣସି ସକାରାତ୍ମକ ଖବର ମନକୁ ଆହ୍ଲାଦିତ କରିବ। ଗୃହୋପଯୋଗୀ ଜମିଜମା ସକାଶେ କୌଣସି ବ୍ୟକ୍ତିଙ୍କ ସହ ଆଲୋଚନାରୁ ସଫଳତା ମିଳିବ।

**ସିଂହ**

ଆଜି ଆପଣ ଯାହା ଚାହୁଁଛନ୍ତି ତାହା ପାଇବା ସକାଶେ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ସରକାରୀ ସ୍ତରରେ ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅଯଥା ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପ୍ରତିଯୋଗିତା କ୍ଷେତ୍ରରେ କିମ୍ବା ମାମଲାମକଦ୍ଦମାରେ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି।

**କନ୍ୟା**

ବନ୍ଧୁମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସେମାନଙ୍କ ପ୍ରତି ରହିଥିବା ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ। ପଦାଧିକାରୀଙ୍କ ଚାପରେ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**ତୁଳା**

ନିକଟସ୍ଥ କୌଣସି ବ୍ୟକ୍ତିବିଶେଷ ଆପଣଙ୍କ ପାଇଁ ସମସ୍ୟାର କାରଣ ସାଜିପାରନ୍ତି । ଆକସ୍ମିକ ଅର୍ଥାଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଆଲୋଚନା ପରିସରରେ କିମ୍ବା ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ। ଆତ୍ମୀୟସ୍ୱଜନଙ୍କ ପ୍ରେରଣାରେ ଧର୍ମ କାର୍ଯ୍ୟ ପ୍ରତି ଆଗ୍ରହୀ ହେବେ।

**ବିଛା**

କୌଣସି ଅସୁବିଧା ନ ଥିଲେ ମଧ୍ୟ ପୁରୁଣା ସମ୍ପର୍କ ହାନି ସମ୍ବନ୍ଧିତ ସମସ୍ୟା ଦୁଶ୍ଚିନ୍ତା ସୃଷ୍ଟି କରିବ। ରାଜନୈତିକ ସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି । ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ କାରଣରୁ ମନରେ ଅଶାନ୍ତି ଆସିବ। ସ୍ୱାସ୍ଥ୍ୟହାନି ହେତୁ ନିରାକରଣ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରନ୍ତି।

**ଧନୁ**

ଆଜିର ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ କୌଣସି ଅସୁବିଧା ରହିବ ନାହିଁ। କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପାଇଁ ସମୟ ଭଲ ରହିବ। କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ସକାଶେ କେତେକ ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି।

**ମକର**

ବନ୍ଧୁଙ୍କର ସାମାନ୍ୟ ଅସମ୍ମାନଜନକ କଥା ଓ ବ୍ୟବହାରରେ ଚିଡ଼ିକି ଉଠି ଅନର୍ଥ ଘଟାଇ ପାରନ୍ତି। ଅନ୍ୟମାନଙ୍କ ସାହାଯ୍ୟ ନେଇ ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସମସ୍ୟାର ସମାଧାନ କରିବେ। କର୍ମାରମ୍ଭ ସକାଶେ ସହଯୋଗ ପାଇବା ଦୁଷ୍କର ହୋଇପାରେ। କଳା, ସାହିତ୍ୟ, ବକ୍ତୃତା ଏବଂ ଆଲୋଚନା ପାଇଁ ଦିନଟି ବହୁତ ଭଲ।

**କୁମ୍ଭ**

ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ। କର୍ମକ୍ଷେତ୍ରରେ ଆପଣଙ୍କ ମତ ଓ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହେବ। ନିଜ ଲୋକମାନେ ସେମାନଙ୍କର ସ୍ୱାର୍ଥ ସାଧନକୁ ଗୁରୁତ୍ୱ ଦେଇ ଆପଣଙ୍କ କାମକୁ ଅବହେଳା କରିବେ । ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ**

କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତାର ଅସଲ ପରିଚୟ ପ୍ରଦାନ କରି ପ୍ରଶଂସିତ ହେବେ। ଆତ୍ମୀୟ ସ୍ୱଜନାଦିଙ୍କ ବିରୁଦ୍ଧାଚରଣ କେତେକ ସମସ୍ୟା ସୃଷ୍ଟି କରିପାରେ । ସାମାଜିକସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମାନୁଷ୍ଠାନ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, ଅବଶ୍ୟ ଭଲ ନ ହେଲେ ମଧ୍ୟ ବିଶେଷ ମନ୍ଦ ନୁହେଁ ।


# classifieds Everyday
0674-2580101, 2549302





## SALE

Plot for sale at Chhatabar Per Sqft @299/-. 9583295832, 9937816565. D-201

**Duplex sale at Bhubaneswar @45lakhs and apartment@42lakhs. 9439206202.** D-73235

ଜାଗାକିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ପିଲାପଲ୍ଲୀ ଛକରୁ ୧୦୦ ମିଟର **distance**ରେ **BDA yellowzone plot** ଘରବାରି **boundary/ Patta** ସହ ସୁଲଭ ମୂଲ୍ୟରେ **plot** ମିଳୁଛି। **7978159745.** D-71494

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

ଭୁବନେଶ୍ୱର **BDA** ଏରିଆ ଗୁଡ଼ିଆପୋଖରୀ ସାଇ ମନ୍ଦିର ପାଖରେ ଘରବାଡ଼ି ପ୍ଲଟ୍ ବାଉଣ୍ଡରୀ, **30** ଫୁଟର ପକ୍କା ରାସ୍ତା ସହିତ ଅତି ଉଚ୍ଚକୋଟୀର ବିକାଶଶୀଳ କାର୍ଯ୍ୟକରିକି ଦିଆଯାଉଛି, ଅତିଶୀଘ୍ର ଘର କରିବା ପାଇଁ ସମସ୍ତ ସୁବିଧା ଅଛି। ପରିଦର୍ଶନ ପାଇଁ ଯୋଗାଯୋଗ: **9438109040, 8144658008.** D-198

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

At Heart of Chandikhole, Gharabari plot in front of Chandikhole Govt. College. Mob: 9776025750, 9861072465. D-172

**ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862.** D-73231

Plot for sale at Pitapalli NH-16 Side @299/-. 9583295832, 9937816565. D-200

**Gharabari plot for sale near Pahala, Bhingarpur, Kesura (Bankual). Contact: 6371268258 / 8144128238.** D-71976

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

## PURCHASE

ପ୍ଲଟ୍ ଆବଶ୍ୟକ- ଭୁବନେଶ୍ୱର ପୁରୀ **Town** ବା ଭୁବନେଶ୍ୱରରୁ ପୁରୀ **NH**ରୁ **500** ମିଟର ଭିତରେ ଛୋଟ ବା ବଡ଼ ପ୍ଲଟ୍ ଆବଶ୍ୟକ। **Genuine seller** ବା **mediator contact me: 9438109040, 8144658008.** D-197

## GENERAL

## SALE

**Automatic stone crusher plant for sale at Chatrama, Khurdha. 9937427861, 9337767967.** D-045





Newly open SPA positively health benefits expert therapist, Kalpana. 7846814019. D-71489

**Relax, Refresh your body, mind at Saikrupa Spa with best therapies. 8984068077.** D-129

Newly open full body massage ladies and gents. 8327740003. D-71890

Ayurvedic full body massage by experienced male/ female therapist. 7381172169. D-71493


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦ, ଓଡ଼ିଶା କଟକ ମହୋଦୟଙ୍କ ଇଜିଲାସ (କ୍ୟାମ୍ପ ଅଫିସ୍, ଭୁବନେଶ୍ୱର)

୧. ଓ.ଏସ୍.ଏସ୍. କେସ୍ ନଂ.- ୫୦୨/୨୦୧୫, ଉମାକାନ୍ତ ମହାପାତ୍ର

...ବାଦୀ

ବନାମ

ସେଟେଲମେଣ୍ଟ ଅଫିସର, ଜୋବ୍ରା, କଟକ ଏବଂ ଓଗେର

.......ପ୍ରତିବାଦୀ

୨. ଓ.ଏସ୍.ଏସ୍. କେସ୍ ନଂ.- ୫୦୩/୨୦୧୫, ଶରତଚନ୍ଦ୍ର ରାଉତ

.....ବାଦୀ

ବନାମ

ସେଟେଲମେଣ୍ଟ ଅଫିସର, ଜୋବ୍ରା, କଟକ ଏବଂ ଓଗେର

......ପ୍ରତିବାଦୀ

ବନାମ

୧. ଭୋବନୀ ପଟ୍ଟନାୟକ, ପିତା- ବୀର ପଟ୍ଟନାୟକ, ୨. ପୁରୁଷୋତମ ପଟ୍ଟନାୟକ, ପିତା- ବୀର ପଟ୍ଟନାୟକ, ୩. ବାନାମ୍ବର ପଟ୍ଟନାୟକ, ପିତା- ପଦ୍ମଚରଣ ପଟ୍ଟନାୟକ, ୪. ପ୍ରଭାକର ପଟ୍ଟନାୟକ, ପିତା- ରଘୁ ପଟ୍ଟନାୟକ, ୫. ହାଡ଼ିବନ୍ଧୁ ପଟ୍ଟନାୟକ, ପିତା- ଗୋପାଳ ପଟ୍ଟନାୟକ, ୬. ଗୋବିନ୍ଦ ପଟ୍ଟନାୟକ, ପିତା- ଗୋପାଳ ପଟ୍ଟନାୟକ, ୭. ଈଶ୍ୱର ପଟ୍ଟନାୟକ, ପିତା- ବାସୁଦେବ ପଟ୍ଟନାୟକ, ୮. ସତ୍ୟବାଦୀ ପଟ୍ଟନାୟକ, ପିତା- କ୍ଷେତ୍ରମୋହନ ପଟ୍ଟନାୟକ, ୯. ନରୋତମ ପଟ୍ଟନାୟକ, ପିତା- ଜଗବନ୍ଧୁ ପଟ୍ଟନାୟକ, ୧୦. ଭଗୁ ଓରଫ ଭଗବାନ ପଟ୍ଟନାୟକ, ପିତା- ବାନାମ୍ବର ପଟ୍ଟନାୟକ, ୧୧. ନାରାୟଣ ପାତ୍ର, ପିତା- କୃପାସିନ୍ଧୁ ପାତ୍ର, ୧୨. ସୁବାସଚନ୍ଦ୍ର ପଣ୍ଡା, ପିତା- ନରସିଂହ ପଣ୍ଡା, ୧୩. ନିଲମ୍ ସୁରୁଣୀ, ପିତା- ମାନସୀ ସୁରୁଣୀ, ୧୪. ନିହାରରଞ୍ଜନ ମିଶ୍ର, ପିତା- ଜୟରାମ ମିଶ୍ର, ୧୫. ନେତ୍ରାନନ୍ଦ ଦାସ, ପିତା- ଶଶି ଭୂଷଣ ଦାସ, ୧୬. ନବକିଶୋର ମାଝୀ, ପିତା- ଲକ୍ଷ୍ମଣ ମାଝୀ, ୧୭. ଯଯାତି କିଶୋର ମାଝୀ, ପିତା- ଲକ୍ଷ୍ମଣ ମାଝୀ, ୧୮. ରାଜକିଶୋର ମାଝୀ, ପିତା- ଲକ୍ଷ୍ମଣ ମାଝୀ, ୧୯. କମଳା ମାଝୀ, ସ୍ୱାମୀ- ଲକ୍ଷ୍ମଣ ମାଝୀ, ୨୦. କେ. ଦିଲ୍ଲୀପ କୁମାର ରାଓ, ପିତା- ବଂଶୀଧର ବସ୍ତିଆ, ୨୧. କୃଷ୍ଣଚନ୍ଦ୍ର ତ୍ରିପାଠୀ, ପିତା- ବଳରାମ ତ୍ରିପାଠୀ, ୨୨.ଗାନ୍ଧୀ ଶେଖର ରେଡି ପିତା- ବି. ଗୋପାଳ ରେଡି, ୨୩. ଗୀତା ଜେନା, ସ୍ୱାମୀ- ଦେବୀ ପ୍ରସାଦ ଜେନା, ୨୪. କବିରାଜ ପଟ୍ଟନାୟକ, ପିତା- ହାଡ଼ିବନ୍ଧୁ ପଟ୍ଟନାୟକ, ୨୫. ମନମୋହନ ବିଶ୍ୱାଳ, ପିତା- ସଚ୍ଚିଦାନନ୍ଦ ବିଶ୍ୱାଳ, ୨୬. ସସ୍ମିତା ବିଶ୍ୱାଳ, ସ୍ୱାମୀ- ମନମୋହନ ବିଶ୍ୱାଳ, ୨୭. ଗୋପାଳ ଚରଣ ଦାସ, ପିତା- ଅନ୍ତର୍ଯ୍ୟାମୀ ଦାସ, ୨୮. ପାର୍ବତୀ କୁମାର ନାୟକ, ପିତା- ପ୍ରାଣବନ୍ଧୁ ନାୟକ, ୨୯. ହରେକୃଷ୍ଣ ଦଳେଇ, ପିତା- ମଣିଚରଣ ଦଳେଇ, ୩୦. ପରିକ୍ଷିତ ଚରଣ ରାଉତ, ପିତା- କୃଷ୍ଣଚନ୍ଦ୍ର ରାଉତ, ୩୧. ହେମନ୍ତ କୁମାର ଦାସ, ପିତା- ଅଚ୍ୟୁତାନନ୍ଦ ଦାସ, ୩୨. ବିଭାଷ କୁମାର ପଣ୍ଡା, ପିତା- ହେମନ୍ତ କୁମାର ପଣ୍ଡା, ୩୩. ପ୍ରଶାନ୍ତ କୁମାର ନାୟକ, ପିତା- ଭୀମସେନ ନାୟକ, ୩୪. ବସନ୍ତ କୁମାର ଦାସ, ପିତା- ଅଚ୍ୟୁତାନନ୍ଦ ଦାସ, ୩୫. ରେଣୁବାଳା ନାୟକ, ପିତା- ବିରେନ୍ କୁମାର ନାୟକ, ୩୬. ଭାସ୍କର ଚରଣ ଲେଙ୍କା, ପିତା- କୁଳମଣି ଲେଖା, ୩୭. ମଞ୍ଜୁଲତା ଦଳାଇ, ସ୍ୱାମୀ- ଅମରନାଥ ମହାଳିକା, ୩୮. ମନୋରମା ନାୟକ, ସ୍ୱାମୀ- ରାଧାକାନ୍ତ ନାୟକ, ୩୯. ଏସ୍. ଲକ୍ଷ୍ମୀ, ସ୍ୱାମୀ- ଭି. ଅଶୋକ ଭଟ୍ଟ, ୪୦. ସବିତା ମହାପାତ୍ର, ସ୍ୱାମୀ- ପ୍ରସନ୍ନ କୁମାର ମହାପାତ୍ର, ୪୧. ପଦ୍ମାବତୀ ପଟ୍ଟନାୟକ, ପିତା- ୰ଶରତ ଚନ୍ଦ୍ର ପଟ୍ଟନାୟକ, ୪୨. ଶର୍ମିଷ୍ଠା କର, ପିତା- ବୀରକିଶୋର କର, ୪୩. ସଂଯୁକ୍ତା ରାଉତ, ସ୍ୱାମୀ- ପରୀକ୍ଷିତ ରାଉତ, ୪୪. ଶରତଚନ୍ଦ୍ର ଢ଼େଲ, ପିତା- ରାମକୃଷ୍ଣ ଢ଼େଲ, ୪୫. ସୁପ୍ରଭା ଦାଶ, ସ୍ୱାମୀ- କମଳା ରଞ୍ଜନ ଦାଶ, ୪୬. ସ୍ୱାତୀ ପାଣିଗ୍ରାହୀ, ସ୍ୱାମୀ- ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ୪୭. ସୁଜିତ୍ କୁମାର ବଳ, ପିତା- ସୁଦାମଚରଣ ବଳ, ୪୮. ସୁବ୍ରତ କୁମାର ବଳ, ପିତା- ସୁଦାମଚରଣ ବଳ, ୪୯. ଶ୍ୱେତା ପାଣିଗ୍ରାହୀ, ସ୍ୱାମୀ- ସାଭାଶୁଶେଖର ନନ୍ଦ, ୫୦. କଲ୍ୟାଣୀ ବେହେରା, ସ୍ୱାମୀ- ବିନତାଇ ଚରଣ ବେହେରା, ୫୧. ସୁଜିତ କୁମାର ନାୟକ, ପିତା- ଧ୍ରୁବଚରଣ ନାୟକ, ୫୨. ଦେବପ୍ରସାଦ ଜେନା, ପିତା- ସନ୍ନ୍ୟାସୀ ଚରଣ ଜେନା, ୫୩. ଶୁଧାଂଶୁ ନନ୍ଦ, ପିତା- ଦାଶରଥି ନନ୍ଦ, ୫୪. ରୁକ୍ମଣୀ ପ୍ରଧାନ, ପ ସ୍ୱାମୀ- ପ୍ରଶାନ୍ତ କୁମାର ପ୍ରଧାନ, ୫୫. ହରିରାମ କେଡିଆ, ପିତା- ୰ରାଧାକୃଷ୍ଣ କେଡିଆ, ସା- ମାନସିଂହ ପାଟଣା (ମାଳିଆ ସାହି), ଥାନା- ଲାଲ୍‌ବାଗ୍, କଟକ, ୫୬. କୁମାରୀ ଶୀର୍ଷା, ପିତା- ଜି. କୁମାରୀ ରାଓ, ୫୭. କୁମାରୀ ହର୍ଷା, ପିତା- ଜି. କୁମାରୀ ହର୍ଷା, ୫୮. ମାଧବ ନାୟକ, ପିତା- ଧନୁ ନାୟକ, ୫୯. ବାସନ୍ତୀଲତା, ସ୍ୱାମୀ- ଅକ୍ରୁର ସ୍ୱାଇଁ, ୬୦. ଲଲାଟେନ୍ଦୁ ସାମଲ, ପିତା- ଗଣେଶ୍ୱର ସାମଲ, ୬୧. ରତୀକାନ୍ତ ଚାନ୍ଦ, ପିତା- ମଧୁସୂଦନ ଚାନ୍ଦ, ୬୨. ଅକ୍ଷୟ କୁମାର ପଟ୍ଟନାୟକ, ପିତା- ଶଙ୍କର ପଟ୍ଟନାୟକ, ୬୩. ମନୋସିନୀ ପଟ୍ଟନାୟକ, ପିତା- ଶଙ୍କର ପଟ୍ଟନାୟକ, ୬୪. ପ୍ରଜ୍ଞାସିନୀ ପଟ୍ଟନାୟକ, ପିତା- ଶଙ୍କର ପଟ୍ଟନାୟକ, ୬୫. ଜମୁନା ପଟ୍ଟନାୟକ, ପିତା- ଶଙ୍କର ପଟ୍ଟନାୟକ, ୬୬. ମାନସ କୁମାର ଦାସ, ପିତା- ନବକିଶୋର ଦାସ, ୬୭. କୁଞ୍ଜବିହାରୀ ପାଣ୍ଡବ, ପିତା- ରବୀନ୍ଦ୍ର ନାଥ ପାଣ୍ଡବ, ୬୮. କାଳନ୍ଦୀ ଚରଣ ବସନ୍ତିଆ, ପିତା- ବଂଶୀଧର ବସନ୍ତିଆ, ୬୯. ଡିଏଲ. ଅରୁଣରା, ପିତା- ଡି. ବାଲି ଭିଏସ୍ ପ୍ରଭାକର, ୭୦. ପ୍ରଦୋଶ ଚନ୍ଦ୍ର ମହାନ୍ତି, ପିତା- ପ୍ରକାଶ ଚନ୍ଦ୍ର ମହାନ୍ତି, ୭୧. ରବି ନାରାୟଣ ମଲ୍ଲିକ, ପିତା- ଗଣେଶ୍ୱର ମଲ୍ଲିକ, ୭୨. ମନ୍ଦିରା ସେନାପତି, ସ୍ୱାମୀ- ପୂର୍ଣ୍ଣଚନ୍ଦ୍ର ସେନାପତି, ୭୩. ବବିତା ବେହେରା, ସ୍ୱାମୀ- ତପନ ବେହେରା, କ୍ରମିକ ନଂ.- ୧ ଠାରୁ ୧୦ ଓ ୬୨ରୁ ୬୫, କ୍ରମିକ ନଂ.- ୨୪, କ୍ରମିକ ନଂ. ୪୧, ଗ୍ରାମ ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, କ୍ରମିକ ନଂ.-୧୨ ଗ୍ରାମ- ନହରକଣ୍ଟା, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, କ୍ରମିକ ନଂ.-୧୩ ଗ୍ରାମ- ବ୍ରହ୍ମାନଗର (୩ଲେନ୍), ଥାନା- ବୈଦନାଥପୁର, ଜିଲ୍ଲା- ଗଞ୍ଜାମ, କ୍ରମିକ ନଂ.-୧୪, ଗ୍ରାମ- ଝରିପାଣି, କ୍ରମିକ ନଂ. ୧୫ ଓ ୧୬, ଗ୍ରାମ- ଶ୍ୟାମସୁନ୍ଦରପୁର, ଥାନା- ଖଲ୍ଲିକୋଟ, ଜିଲ୍ଲା- ଗଞ୍ଜାମ, କ୍ରମିକ ନଂ. ୧୭ ଠାରୁ ୨୦, ଗ୍ରାମ- ଦେଉରାଇ ଜିହି ଥାନା- ତିରିଙ୍ଗ, ଜିଲ୍ଲା- ମୟୂରଭଞ୍ଜ, କ୍ରମିକ ନଂ.-୨୧, ଗ୍ରାମ ପ୍ଲଟ୍- ବିଏ ୩୩୨, ଶୈଳଶ୍ରୀ ବିହାର, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, କ୍ରମିକ ନଂ.-୨୨, ଗ୍ରାମ ବଟିପଦା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା, କ୍ରମିକ ନଂ.-୨୩ ଓ ୨୫, ଗ୍ରାମ- ନୂଆପଡ଼ା, ଥାନା- ଖଣ୍ଡପଡ଼ା, ଜିଲ୍ଲା- ବାଲେଶ୍ୱର, କ୍ରମିକ ନଂ. ୨୬ ଓ ୨୭, ଗ୍ରାମ- ଶ୍ୟାମସୁନ୍ଦରପୁର, ଥାନା- ବଡମ୍ବା, ଜିଲ୍ଲା- କଟକ, କ୍ରମିକ ନଂ.-୨୮, ଗ୍ରାମ- ଡଙ୍ଗପୂଜା, ଜିଲ୍ଲା- ସମ୍ବଲପୁର, କ୍ରମିକ ନଂ.-୨୯, ଗ୍ରାମ- ଗନ୍ଧର୍ବପୋଖରୀ, ପୋଷ୍ଟ- ସନ୍ତିଧୋଳ, ଥାନା- ତିରିଡ଼ି, ଜିଲ୍ଲା- ଭଦ୍ରକ, କ୍ରମିକ ନଂ.- ୩୦, ଗ୍ରା/ପୋ- ଆନନ୍ଦପୁରୁଷା, ଜିଲ୍ଲା- କେନ୍ଦୁଝର, କ୍ରମିକ ନଂ.-୩୧, ଗ୍ରାମ- ହଜାରିବଗିତା, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, କ୍ରମିକ ନଂ. ୩୨ ରେଣାପଡ଼ା, ଥାନା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, କ୍ରମିକ ନଂ. ୩୩ ଗ୍ରାମ- ଦେଉଳି ସାହି, ତୁଳସୀପୁର, କଟକ, କ୍ରମିକ ନଂ. ୩୪ ଗ୍ରାମ- କଚେରୀ ଗାଁ, ଥାନା/ଜିଲ୍ଲା- ଯାଜପୁର, କ୍ରମିକ ନଂ. ୩୫ ଗ୍ରାମ- ନରେଣପଡ଼ା, ଥାନା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, କ୍ରମିକ ନଂ. ୩୬ ଓ ୩୭ ଗ୍ରାମ- ଶଙ୍କରଭୋଳ, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା, କ୍ରମିକ ନଂ. ୩୮ ଗ୍ରା/ପୋ- ଆନନ୍ଦପୁର, ଜିଲ୍ଲା- କେନ୍ଦୁଝର, କ୍ରମିକ ନଂ. ୩୯ ଗ୍ରାମ- କାଶୀପୁର, ଥାନା/ଜିଲ୍ଲା- ଯାଜପୁର, କ୍ରମିକ ନଂ. ୪୦ ଗ୍ରାମ- ରାୟନରସିଂପୁର, ଥାନା- କାମାକ୍ଷାନଗର, ଜିଲ୍ଲା- ଢ଼େଙ୍କାନାଳ, କ୍ରମିକ ନଂ. ୪୨ ଗ୍ରାମ- କୁମ୍ଭରାଜପୁର, ଥାନା/ଜିଲ୍ଲା- କଟକ, କ୍ରମିକ ନଂ.୪୩ ଗ୍ରାମ- ହଜାରବଗିଜା, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, କ୍ରମିକ ନଂ. ୪୪ ଗ୍ରାମ- କଣ୍ଟାବିଞ୍ଝା, ଜିଲ୍ଲା- ବଲାଙ୍ଗୀର, କ୍ରମିକ ନଂ. ୪୫ ଡାଲିବାଲି, ଥାନା- ବାଲିକୁଦା, ଜିଲ୍ଲା- ଜଗତ୍‌ସିଂହପୁର, କ୍ରମିକ ନଂ. ୪୬ ଗ୍ରାମ- ପଟ୍ଟନାୟକପଡ଼ା, ଥାନା/ଜିଲ୍ଲା- ସମ୍ବଲପୁର, କ୍ରମିକ ନଂ. ୪୭ ଓ ୪୮ ଗ୍ରାମ- ସିଂହାଟିଆ, ଥାନା- ବଡ଼ସାହି, ଜିଲ୍ଲା- ମୟୂରଭଞ୍ଜ, କ୍ରମିକ ନଂ. ୪୯, ଗ୍ରାମ- ଅମଳାପଡ଼ା, ଜିଲ୍ଲା- ଅନୁଗୋଳ, କ୍ରମିକ ନଂ.୫୦, ଗ୍ରାମ- ଖୋଲସା, ଥାନା/ଜିଲ୍ଲା- ଜଗତ୍‌ସିଂହପୁର କ୍ରମିକ ନଂ.୫୧ ଓ ୫୨ ଗ୍ରାମ- କେରକେରା, ଥାନା- ଯାଜପୁର, ଜିଲ୍ଲା- ଭଦ୍ରକ, କ୍ରମିକ ନଂ. ୫୩ ଗ୍ରାମ- ପାରାବେଢ଼ା, ଥାନା- ଜୟପୁଟ, ଜିଲ୍ଲା- କୋରାପୁର, କ୍ରମିକ ନଂ. ୫୪ ଗ୍ରାମ- ଶ୍ରୀବିହାର କଲୋନୀ, ଥାନା- ବିଡାନାସୀ, ଜିଲ୍ଲା- କଟକ, କ୍ରମିକ ନଂ.- ୫୬ ଠାରୁ ୫୯ ଗ୍ରାମ- ହରିପୁର, ଥାନା- ବଡ଼ଚଣା, ଜିଲ୍ଲା- ଯାଜପୁର, କ୍ରମିକ ନଂ. ୬୦ ଗ୍ରାମ- ଜଣଗୁଜ, ଥାନା/ଜିଲ୍ଲା- ଭଦ୍ରକ, କ୍ରମିକ ନଂ ୬୬ ଗ୍ରାମ- କଲ୍ୟାଣପୁର, ଜିଲ୍ଲା-ଯାଜପୁର, କ୍ରମିକ ନଂ. ୬୭ ଗ୍ରାମ- ବଟିପଡ଼ା, ପୋ- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା, କ୍ରମିକ ନଂ. ୬୮ ଗ୍ରାମ- ଫତେପୁର, ଥାନା- ଧାମନଗର, ଜିଲ୍ଲା- ଭଦ୍ରକ, କ୍ରମିକ ନଂ.-୬୯ ସା ଏଚ୍. ଆଇ. ଜି. ୬୧୭, ବିଡିଏ ହାଉସିଂ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା, କ୍ରମିକ ନଂ.- ୭୦ ଗ୍ରାମ- ମାତୃନିଳୟ ବିକାଶ ନଗର, ବାଦାମବାଡ଼ି, ଜିଲ୍ଲା- କଟକ, କ୍ରମିକ ନଂ.- ୭୧ ଗ୍ରାମ- ତରଡ଼ା, ଜିଲ୍ଲା- ଢ଼େଙ୍କାନାଳ, କ୍ରମିକ ନଂ. ୭୨ ସା ପ୍ଲଟ୍ ନଂ.-୧୦୦୭, ବି. ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, କ୍ରମିକ ନଂ.- ୭୩ ଗ୍ରାମ- ଅରବିନ୍ଦନଗର, ଥାନା- ମଧୁପାଟଣା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,

....ପ୍ରତିବାଦୀମାନେ

ନୋଟିସ୍

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ନିମ୍ନରେ ଦର୍ଶାଯାଇଥିବା ତଫସିଲ ଜମିକୁ ରେଜିଷ୍ଟ୍ରି ଦଲିଲ ମାଧ୍ୟମରେ କ୍ରୟ ଦୃଷ୍ଟେ ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କ ଇଜିଲାସରେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନ ୧୯୫୮ର ଧାରା ୧୫ (ଖ) ଅନୁଯାୟୀ ଉପରୋକ୍ତ ରିଭିଜନ କେସ୍ ଦାୟର କରିଅଛନ୍ତି। ଏହି ରିଭିଜନ କେସ୍ ସମ୍ବନ୍ଧୀୟ ନୋଟିସ୍ ଆପଣମାନଙ୍କର ଦର୍ଶାଯାଇଥିବା ଠିକଣାରେ ଯାଇ ବିଭିନ୍ନ କାରଣ ଯୋଗୁ ଫେରସ୍ତ ଆସିଥିବାରୁ ଆପଣମାନଙ୍କର ଅବଗତି ନିମନ୍ତେ ଉକ୍ତ ଖବର କାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇଦିଆଯାଉଅଛି ଯେ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି, ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ (ୟୁନିଟ୍ ୫ କେଶରିନଗର, ରାଜୀବ ଭବନ ପଛ ପାର୍ଶ୍ୱରେ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ତା୦୨।୦୬।୨୦୨୨ରିଖ ଦିବା ୧୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ବାଦୀ ନଂ.୧ମଙ୍କ ତଫସିଲ ବୃତ୍ତି

ମୌଜା- ପଥରଗାଡ଼ିଆ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ସାବିକ ଖାତା ନଂ.- ୨୬୨, ସାବିକ ପ୍ଲଟ୍ ନଂ.- ୬୪୪, ଦାବି ରକବା- ଏ୦.୦୮୫ଡି, ହାଲ ଖାତା ନଂ.-୧୩୩୫, ହାଲ ପ୍ଲଟ୍ ନଂ.- ୩୦୭୯, ହାଲ୍ ପ୍ଲଟ୍‌ର ମୋଟ ରକବା- ଏ୦.୦୨୧ଡି

ବାଦୀ ନଂ.-୨ୟଙ୍କ ତଫସିଲ ବୃତ୍ତି

ମୌଜା- ପଥରଗାଡ଼ିଆ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ସାବିକ ଖାତା ନଂ.-୨୬୨, ସାବିକ ପ୍ଲଟ୍ ନଂ.- ୬୪୪, ଦାବି ରକବା- ଏ୦.୦୭୬ଡି, ହାଲ୍ ଖାତା ନଂ.-୧୩୩୫, ହାଲ ପ୍ଲଟ୍ ନଂ.- ୩୦୭୮, ହାଲ ପ୍ଲଟର ମୋଟ୍ ରକବା- ଏ୦.୦୫୬ଡି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନାନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ସ୍ୱା./- ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ
ଅନୁସଚିବ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ

ଧ-୭୧୫୨୮


ପ୍ରଥମ ପୃଷ୍ଠାରୁ...

## ଆମକୁ ଆଇନ...

ଏହି ଆକ୍ରମଣ ପାଇଁ ଗୁଜରାଟରୁ ମୁମ୍ବାଇକୁ ଅସ୍ତ୍ରଶସ୍ତ୍ର ନେଇ ଯାଇଥିଲେ ବୋଲି ପ୍ରମାଣିତ ହେବାରୁ ୨୦୧୭ରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହା ପୂର୍ବରୁ ଲମ୍ବା ଆଇନଗତ ଲଢ଼େଇ ପରେ ୨୦୦୫ ନଭେମ୍ବର ୧୧ରେ ପର୍ତ୍ତୁଗାଲ ତାଙ୍କୁ ପ୍ରତ୍ୟର୍ପଣ କରିଥିଲା। ତେବେ ସଲେମ ନିଜ ବିରୋଧରେ ହୋଇଥିବା ଦଣ୍ଡାଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୀର୍ଷ ଅଦାଲତ ଗତ ଫେବୃୟାରୀ ୨ରେ ଏହା ଉପରେ ଜବାବ ଦାଖଲ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ମଙ୍ଗଳବାର ଖଣ୍ଡପୀଠଙ୍କୁ କହିଥିଲେ, ସଲେମଙ୍କୁ ପ୍ରତ୍ୟର୍ପିତ କରି ଆଣିବା ସମୟରେ ତାଙ୍କୁ ୨୫ ବର୍ଷରୁ ଅଧିକ ସମୟ ଜେଲରେ ରଖାଯିବ ନାହିଁ ବୋଲି ୨୦୦୨ ଡିସେମ୍ବର ୧୭ରେ ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ୍‌ଭାନୀ ପର୍ତ୍ତୁଗାଲ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ୨୦୩୦ ନଭେମ୍ବର ୧୦ରେ ଏହି ୨୫ ବର୍ଷିଆ ଅବଧି ଶେଷ ହେବା ପରେ ଉପଲବ୍ଧ ବିକଳ୍ପ ଆଧାରରେ କେନ୍ଦ୍ର ସରକାର ଏହା ଉପରେ ପରବର୍ତ୍ତୀ ନିଷ୍ପତ୍ତି ନେବେ। ତେବେ ଏହି ପ୍ରସଙ୍ଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଧ୍ୟ ଏକ ସତ୍ୟପାଠ ଦାଖଲ କରିଥିଲା। ପର୍ତ୍ତୁଗାଲକୁ ଭାରତ ଦେଇଥିବା ପ୍ରତିଶ୍ରୁତିକୁ ଭାରତୀୟ କୋର୍ଟଗୁଡ଼ିକ ମାନିବାକୁ ବାଧ୍ୟ ନୁହନ୍ତି ବୋଲି ତଦନ୍ତକାରୀ ସଂସ୍ଥା ଏଥିରେ ଦର୍ଶାଇଥିଲା। ସିବିଆଇର ଏହି ଯୁକ୍ତିକୁ ନେଇ ମଧ୍ୟ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, କାର୍ଯ୍ୟପାଳିକାର ଆଭିମୁଖ୍ୟ ଯାହା ହେଉନା କାହିଁକି ନ୍ୟାୟପାଳିକା ଆଇନାନୁସାରେ ସବୁ ମାମଲାର ନିଷ୍ପତ୍ତି ନେବା ପାଇଁ ସ୍ୱାଧୀନ। ସରକାରୀ ଆଭିମୁଖ୍ୟକୁ ଭିତ୍ତିକରି ସଲେମଙ୍କ ଅପିଲର ଶୁଣାଣିକୁ ଆମେ ସ୍ଥଗିତ ରଖିପାରିବୁ ନାହିଁ। ସଲେମ ନିଜ ସପକ୍ଷରେ ଯୁକ୍ତି ବାଢ଼ିପାରିବେ ନାହିଁ ବୋଲି କେନ୍ଦ୍ର କହିପାରିବ ନାହିଁ। ପ୍ରକାଶ ଯେ, ଉତ୍ତର ପ୍ରଦେଶସ୍ଥିତ ଆଜମଗଡ଼ ଜିଲ୍ଲା ସରାଇ ମୀର ଗ୍ରାମରେ ଜନ୍ମିତ ଅବୁ ସଲେମଙ୍କୁ ମୁମ୍ବାଇର ଏକ ଟାଡା କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେ ଆର୍ଥର ରୋଡ୍ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି।

## ଜଳଛତ୍ର କେନ୍ଦ୍ର...

କୋଏଲ (୨୪) ଏବଂ ଏମ୍‌ଭି-୧୧୬ ଗ୍ରାମର ତୁଷାର ମଣ୍ଡଳ (୨୨)। ସମସ୍ତଙ୍କୁ ପ୍ରଥମେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଖବରରୁ ଜଣାପଡ଼ିଛି ଗ୍ରାମବାସୀ ଓ ପଞ୍ଚାୟତର ଉଦ୍ୟମରେ ଏମ୍‌ପିଭି-୪୯ ଗ୍ରାମ ମୁଖ୍ୟ ଛକଠାରେ ଏକ ସପ୍ତାହ ତଳେ ଏହି ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲା। ଜଳଛତ୍ର କେନ୍ଦ୍ରର ରକ୍ଷଣାବେକ୍ଷଣ ସହ ପ୍ରତ୍ୟହ ପାଣି ଭର୍ତ୍ତି ପାଇଁ ଗ୍ରାମର ସନ୍ଧ୍ୟାରାଣୀ ମଣ୍ଡଳଙ୍କୁ ଗ୍ରାମବାସୀ ଚୟନ କରି ଦାୟିତ୍ୱ ଦେଇଥିଲେ। ପଞ୍ଚାୟତ ପକ୍ଷରୁ ମଧ୍ୟ ତାଙ୍କୁ ପାରିଶ୍ରମିକ ଦେବାକୁ ସ୍ଥିର ହୋଇଥିଲା। ସନ୍ଧ୍ୟାରାଣୀ ପ୍ରତ୍ୟେକ ଦିନ ଭଳି ବୁଧବାର ମାଠିହାଣ୍ଡିରେ ପାଣି ରଖି ସେଠାରେ ବାଟୋଇଙ୍କୁ ଜଳ ବିତରଣ କରୁଥିଲେ। ଅପରାହ୍ନ ୩ଟାରେ କୌଣସି କାମରେ ନିଜ ଘରକୁ ଚାଲିଯାଇଥିଲେ। ପରେ ସେଠାରେ କେତେଜଣ ପହଞ୍ଚି ଉକ୍ତ ଜଳଛତ୍ର କେନ୍ଦ୍ରରୁ ପାଣି ପିଇ ଯାଇଥିଲେ। ପାଣି ପିଇବାର କିଛି ସମୟ ପରେ ୩ ଜଣ ଅସୁସ୍ଥ ହୋଇପଡ଼ିଥିଲେ। ଖବରପାଇ ଗ୍ରାମବାସୀ ସେଠାରେ ପହଞ୍ଚି ମାଠିଆ ପାଣି ଯାଞ୍ଚ କରିବାରୁ ସେଥିରେ ଚାଷରେ ବ୍ୟବହୃତ ହେଉଥିବା ବିଷାକ୍ତ କୀଟନାଶକ ମିଶାଯାଇଥିବା ଜଣାପଡିଥିଲା। ପାଣିର ରଙ୍ଗ ମଧ୍ୟ ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଜଳଛତ୍ର କେନ୍ଦ୍ରର ସନ୍ଧ୍ୟାରାଣୀଙ୍କୁ ପଚାରିବାରୁ ସେ କହିଲେ, ମୁଁ ସବୁଦିନ ପରି ବୁଧବାର ମଧ୍ୟ ମାଠିଆ ପାଣି ବଦଳାଇଥିଲି। ପାଣି ବିଷାକ୍ତ କିପରି ହୋଇଛି ମୁଁ କହିପାରିବିନାହିଁ। ଏନେଇ ଖବରପାଇ ଏମ୍‌ଭି-୭୯ ଥାନା ଏଏସ୍‌ଆଇ ସନ୍ତୋଷ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେସ୍ ନଂ. ୩୭/୨୨ରେ ଏକ ମାମଲା ରୁଜୁ ହୋଇଛି।

ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ

# ମିଥେନ ହ୍ରାସ ପ୍ରତିବଦ୍ଧତା




ସାରା ଭୋଗେଲ
ବରିଷ୍ଠ ଉପାଧ୍ୟକ୍ଷା (ସ୍ୱାସ୍ଥ୍ୟ), ପରିବେଶ ସୁରକ୍ଷା ପାଣ୍ଠି

ମାର୍ସେଲୋ ମେନା
ସିଇଓ, ଗ୍ଲୋବାଲ ମିଥେନ ହବ୍ ତଥା ଚିଲିର ପୂର୍ବତନ ପରିବେଶ ମନ୍ତ୍ରୀ

ଗ୍ଲାସ୍‌ଗୋରେ ଗତବର୍ଷ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍୨୬) ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀର ସବୁଠୁ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ବୈଶ୍ୱିକ ମିଥେନ ସଙ୍କଳ୍ପ ଥିଲା ଅନ୍ୟତମ। ଉକ୍ତ ସଙ୍କଳ୍ପରେ ୨୦୩୦ ସୁଦ୍ଧା ମିଥେନ ନିର୍ଗମନ ୩୦% କମାଇବା ଲାଗି ୧୦୦ରୁ ଊର୍ଦ୍ଧ୍ୱ ଦେଶ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ତେବେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଗ୍ରହଣ କରାଯାଉଥିବା ପ୍ରଭାବୀ ପଦକ୍ଷେପଗୁଡ଼ିକ ମଧ୍ୟରେ ମିଥେନ ନିର୍ଗମନ ହ୍ରାସ ପ୍ରକ୍ରିୟାର ଗୁରୁତ୍ୱ ଅଧିକ। ମିଥେନ ନିର୍ଗମନ ହ୍ରାସ ଜଳବାୟୁ ପରିବର୍ତ୍ତନ ରୋକିବା ସହ ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଭୂମିକା ନେଇପାରିବ। ମିଥେନ ଗ୍ୟାସ୍ ଅତି କ୍ଷତିକାରକ ସବୁଜ ଗୃହ ବାଷ୍ପ। ବାୟୁମଣ୍ଡଳରେ ଏହା କାର୍ବନ ଡାଇଅକ୍ସାଇଡ ତୁଳନାରେ ୮୦ ଗୁଣ ଅଧିକ ତାପମାତ୍ର ଅବଶୋଷଣ କରିଥାଏ। ସାମ୍ପ୍ରତିକ ବିଶ୍ୱତାପନ ବୃଦ୍ଧି କରୁଥିବା ଗ୍ୟାସଗୁଡ଼ିକ ମଧ୍ୟରେ ମିଥେନ ପରିମାଣ ପ୍ରାୟ ଏକ ଚତୁର୍ଥାଂଶ। ସେଥିପାଇଁ ଲଗାତର ତୀବ୍ର ପାଣିପାଗ କୈନ୍ଦ୍ରିକ ଘଟଣାଗୁଡ଼ିକ ଘଟୁଛି, ଖାଦ୍ୟ ଅସୁରକ୍ଷା ବୃଦ୍ଧି ପାଉଛି, ସଂକ୍ରାମକ ରୋଗ ବିପଦ ବଢୁଛି, ସ୍ୱଚ୍ଛ ଜଳ ପାଇବା କଷ୍ଟକର ହୋଇପଡୁଛି ଏବଂ ବାୟୁର ମାନ ନଷ୍ଟ ହେଉଛି। କେବଳ ଏତିକି ନୁହେଁ, ସାର୍ବଜନୀନ ସ୍ୱାସ୍ଥ୍ୟ ମଧ୍ୟ ଗଭୀର ଭାବେ ପ୍ରଭାବିତ ହେଉଛି। ବିଶେଷ କରି ଗରିବ ଏବଂ ସଂସାଧନରୁ ବଞ୍ଚିତ ବର୍ଗ ସ୍ୱାସ୍ଥ୍ୟସେବା ନ ପାଇବା, ଖରାପ ପୋଷଣ, ଅସୁରକ୍ଷିତ ବାସ ଓ କର୍ମ ପରିବେଶରେ ରହିବା ଯୋଗୁ ସେମାନେ ଅତ୍ୟଧିକ ବିପଦର ସମ୍ମୁଖୀନ ହୋଇଛନ୍ତି।

ଏଭଳି ପ୍ରଦୂଷଣ ସଂସ୍ପର୍ଶରେ ଆସିବା ଫଳରେ ଶ୍ୱାସନଳୀ ନଷ୍ଟ ହୋଇଥାଏ, ଫୁସ୍‌ଫୁସ୍ ରୋଗ ଏବଂ ଶ୍ୱାସ ରୋଗ ବୃଦ୍ଧିପାଏ, ହୃଦ୍‌ରୋଗ ଓ ତତ୍‌ଜନିତ ମୃତ୍ୟୁହାର ମଧ୍ୟ ବଢ଼ିଯାଏ। ଏହା ମଧ୍ୟ ହୃଦ୍‌ଘାତ ଆଶଙ୍କା ବୃଦ୍ଧିକରେ। ପରିଣାମ ସ୍ୱରୂପ ଉତ୍ପାଦକତା ହ୍ରାସ ପାଇବା ସହ ଚିକିତ୍ସା ଖର୍ଚ୍ଚ ବଢୁଛି ଏବଂ ସ୍ୱାସ୍ଥ୍ୟାବସ୍ଥାରେ ଉପରେ ଅଧିକ ଚାପ ପଡୁଛି। ପ୍ରଦୂଷିତ ଓଜୋନ ଶସ୍ୟ ବୃଦ୍ଧିକୁ ରୋକିବା ସହ ଖାଦ୍ୟ ଅସୁରକ୍ଷା ବଢାଇବାର ସମ୍ଭାବନା ରହିଛି। କିନ୍ତୁ ଗୋଟିଏ ଭଲ ଖବର ହେଉଛି, କାର୍ବନ ଡାଇଅକ୍ସାଇଡ ଭଳି ମିଥେନ ବାୟୁମଣ୍ଡଳରେ ଅଧିକ ଦିନ ରହିବା ସମ୍ଭାବନା ନାହିଁ। ଏଣୁ ମିଥେନ ନିର୍ଗମନ ହ୍ରାସ କରିବାର ପ୍ରଭାବ ଶୀଘ୍ର ଅନୁଭବ କରିହେବ ଏବଂ ଏଥିପାଇଁ ବୈଶ୍ୱିକ ମିଥେନ ସଙ୍କଳ୍ପ ସ୍ପଷ୍ଟତଃ ଏକ ଉଚିତ ପଦକ୍ଷେପ। କିନ୍ତୁ ହାରାହାରି ବିଶ୍ୱତାପନ ୧.୫ ଡିଗ୍ରୀ ସେଲ୍‌ସିୟସରେ ସୀମିତ ରଖିବାରେ ଲକ୍ଷ୍ୟ ହାସଲ କରିବା ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ହେଲେ ବିଶ୍ୱକୁ ଆହୁରି ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ନେବାକୁ ପଡ଼ିବ। ୨୦୩୦ ସୁଦ୍ଧା ମିଥେନ ନିର୍ଗମନ ୪୫% କମାଇ ପାରିଲେ ୨୦୪୦ ସୁଦ୍ଧା ବିଶ୍ୱତାପନ ୦.୩% ହ୍ରାସ ହେବ। ଏହି ପଦକ୍ଷେପଗୁଡ଼ିକୁ ଗତିଶୀଳ କରିବା ଲାଗି କଲ୍ୟାଣକାରୀ କାର୍ଯ୍ୟରେ ଜଡ଼ିତ ପ୍ରମୁଖ ସଂସ୍ଥାଗୁଡ଼ିକ ଏକାଠି ଗତ ବର୍ଷ ଏକ ଗ୍ଲୋବାଲ ମିଥେନ ହବ୍ ଆରମ୍ଭ କରିଛନ୍ତି ଓ ଲୋକ ହିତରେ ୩୩୦ ମିଲିୟନ ଡଲାର ଉପଯୋଗ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଏହି ହବ୍ କ୍ଲାଇମେଟ ଆଣ୍ଡ୍ କ୍ଲିନ୍ ଏୟାର କୋଆଲିସନ ବା ଜଳବାୟୁ ଏବଂ ସ୍ୱଚ୍ଛ ବାୟୁ ମେଣ୍ଟକୁ ୧୦ ମିଲିୟନ ଡଲାର ଆବଣ୍ଟନ କରିବାକୁ ଘୋଷଣା କରିସାରିଛି। ମିଥେନ ନିର୍ଗମନ ହ୍ରାସ ଯୋଜନା ପ୍ରସ୍ତୁତ ଲାଗି ୩୦ ଦେଶକୁ ସାହାଯ୍ୟ କରିବାକୁ ଏଭଳି କରିଛି। ନିର୍ଗମନ କମ୍ କରିବା ସକାଶେ ନୂତନ ଆବିଷ୍କାରଗୁଡ଼ିକୁ ସହଯୋଗ କରିବାକୁ ଉକ୍ତ ହବ୍ ଏଗ୍ରିକଲ୍‌ଚର ଇନୋଭେଶନ ମିଶନ୍ ଫର୍ କ୍ଲାଇମେଟ୍ ସହ ମଧ୍ୟ ଯୋଗଦେଇଛି। ଏଣୁ ଏନ୍‌ଜିଓ ଓ ତୃଣମୂଳ ସ୍ତରରେ ସଂଗଠନଗୁଡ଼ିକୁ ସହଯୋଗ କରି ପଶୁପାଳନ (ବୈଶ୍ୱିକ ମିଥେନ୍ ନିର୍ଗମନର ୩୦% ), ତୈଳ ଓ ଗ୍ୟାସ ( ୨୫%) ଏବଂ ବାହାରେ ଥୁଳ ହେଉଥିବା ବର୍ଜ୍ୟ(୧୫%)ରୁ ନିର୍ଗମନ ହ୍ରାସ କରିବା ପାଇଁ ପ୍ରକ୍ରିୟାରେ ଉନ୍ନତି ଆଣିବା ହବ୍‌ର ମୁଖ୍ୟ ଲକ୍ଷ୍ୟ ହେବ।



ତୈଳ ଓ ବାଷ୍ପ କ୍ଷେତ୍ରକୁ ବିଚାର କରାଯାଉ। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) ଆକଳନ ଅନୁଯାୟୀ, ଏବେ ଏହି କ୍ଷେତ୍ରରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକୁ ଅନେକ ଦେଶ ଗ୍ରହଣ କଲେ ନିର୍ଗମନ ଅଧା କମାଯାଇପାରିବ। ଆଇଇଏ ଅନୁସାରେ, ଉପଲବ୍ଧ ହେଉଥିବା ଅତିରିକ୍ତ ପଦକ୍ଷେପ ଦ୍ୱାରା ବୈଶ୍ୱିକ ତୈଳ ଓ ବାଷ୍ପ କାର୍ଯ୍ୟଧାରାରୁ ଟେକ୍‌ନିକାଲି ମିଥେନ ନିର୍ଗମନ ଏକ ତୃତୀୟାଂଶ ହ୍ରାସ କରିବା ସମ୍ଭବ ହେବ। ଟେକ୍‌ନୋଲୋଜି ଓ ଅନ୍ୟ ସବୁ ବ୍ୟବସ୍ଥାର ସୁଯୋଗ ନେଇ ସବୁଠୁ ଅଧିକ ମିଥେନ ନିର୍ଗମନକାରୀ ସେକ୍ଟରଗୁଡ଼ିକୁ ନଜରରେ ରଖି ନୀତି ନିର୍ଦ୍ଧାରକମାନେ ଜଳବାୟୁ କାର୍ଯ୍ୟକ୍ରମକୁ ଆଗେଇ ନେଇପାରିବେ ଏବଂ ତୈଳ ଓ ବାଷ୍ପ କାର୍ଯ୍ୟକଳାପ ଚାଲୁଥିବା ସ୍ଥାନ ନିକଟରେ ରହୁଥିବା ଲୋକମାନଙ୍କୁ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଉପକାର ପହଞ୍ଚାଇପାରିବେ। ମିଥେନ ସହ କ୍ଷତିକାରକ କଣିକା ନିର୍ଗତ ହେଉଥିବା ତୈଳ ଓ ବାଷ୍ପ କୂପ ନିକଟରେ ଥିବା ବସତିରେ ଶ୍ୱାସ ହାର ବଢ଼ିବା, କମ୍ ଓଜନର ଶିଶୁ ଜନ୍ମ ନେବା, ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ହେବା ଭଳି ସମସ୍ୟା ବୃଦ୍ଧି ପାଇବାର ଗବେଷଣାଲବ୍ଧ ପ୍ରମାଣ ରହିଛି। ଏଣୁ ଏହି ସେକ୍ଟରରେ ମିଥେନ ନିର୍ଗମନ ହ୍ରାସ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ହିଁ ପ୍ରଥମ ପଦକ୍ଷେପ। ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଗ୍ୟାସ ଇନ୍ଧନ ଚାଳିତ ଷ୍ଟୋଭ ଏବଂ ୱାଟର ହିଟରରୁ ମିଥେନ ନିର୍ଗତ ହୋଇ ଘର ଭିତର ଓ ବାହାର ପରିବେଶକୁ ପ୍ରଦୂଷିତ କରୁଛି। ଏହାର ସମାଧାନ ଲାଗି ନୀତିନିର୍ଦ୍ଧାରକମାନେ ଅକ୍ଷୟ ଶକ୍ତି କ୍ଷମତା ଓ ବିଦ୍ୟୁତୀକରଣକୁ ବ୍ୟାପକ ସମ୍ପ୍ରସାରିତ କରିବା ଉଚିତ।

କୃଷି ଓ ବର୍ଜ୍ୟ ପରିଚାଳନାରୁ ବାହାରୁଥିବା ମିଥେନ ପରିମାଣ କମାଇବା ଲାଗି ମଧ୍ୟ ବହୁ ସୁଯୋଗ ରହିଛି। ପଶୁଙ୍କୁ ଉନ୍ନତ ମାନର ଚାରା ଖାଇବାକୁ ଦେଇ ପାକକ୍ରିୟାରେ ଅନ୍ତନଳୀରୁ ନିର୍ଗତ ମିଥେନ ପରିମାଣ ହ୍ରାସ କରାଯାଇପାରିବ। ବର୍ଜ୍ୟରୁ ପ୍ରକ୍ରିୟାକରଣ ପଦ୍ଧତିରେ ବିଦ୍ୟୁତ ଯୋଗାଇଦେଲେ ମିଥେନ ନିର୍ଗମନ ହ୍ରାସ ପାଇବ। ତେବେ ହଠାତ୍ ମିଥେନ ନିର୍ଗମନ ହ୍ରାସ କରିବା ଏକ କଠିନ ବ୍ୟାପାର ଏବଂ ବୈଶ୍ୱିକ ମିଥେନ ସଙ୍କଳ୍ପ ମଧ୍ୟ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇ କରିବା ଲାଗି ଏଭଳି ପଦକ୍ଷେପଗୁଡ଼ିକର ଗୁରୁତ୍ୱ ସମ୍ପର୍କରେ ବିଶ୍ୱସ୍ତରରେ ସଚେତନତା ବଢ଼ାଉଛି। କିନ୍ତୁ ପ୍ରତିବଦ୍ଧତାକୁ ବାସ୍ତବ ପ୍ରଗତିରେ ପରିବର୍ତ୍ତନ କରିବା ଏତେ ସହଜ ହେବ ନାହିଁ। ସେଥିପାଇଁ ମିଥେନ ନିର୍ଗମନ ହ୍ରାସ କରିବା ଯୋଗୁ କେଉଁ ସ୍ୱାସ୍ଥ୍ୟଗତ ଉପକାର ମିଳୁଛି, ତାହାକୁ ଲୋକଲୋଚନକୁ ଆଣିବା ଗୁରୁତ୍ୱପୂର୍ଣ୍ଣ। ମିଥେନ ନିର୍ଗମନ ହ୍ରାସ କରିବା ଏବଂ ବିଶ୍ୱରେ ସାର୍ବଜନୀନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲାଗି ଗବେଷକ, ସମାଜ, ସ୍ୱାସ୍ଥ୍ୟ କର୍ମୀଙ୍କ ସାହାଯ୍ୟରେ ଆମେ ଏକ ସହଯୋଗୀ, ସହଭାଗୀ ପ୍ରକ୍ରିୟା ଗଢ଼ିବା ସହ ନିବେଶ ପାଇଁ ଉତ୍ତମ ସ୍ଥିତି ସୃଷ୍ଟି କରିବା ଉଚିତ।

# ଅହଂମତ୍ତତା



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ମଣିଷ ଅହଂମତ୍ତ ହେଲେ ଅନ୍ଧ ଭଳି ଦିଗ୍ ବିଦିଗ୍-ଶୂନ୍ୟ ହୋଇ ବିବେକର ବିଚାର ଏବଂ ଆଦର୍ଶବୋଧକୁ ସମ୍ପୂର୍ଣ୍ଣ ଉପେକ୍ଷା କରି ଅପରିଣାମଦର୍ଶୀ କାର୍ଯ୍ୟ କଳାପ ଦ୍ୱାରା ନିଜର ତଥା ନିଜ ପରିବେଶ ଏବଂ ଦେଶ ଓ ଦଶର ସମୂହ ଧ୍ୱଂସର କାରଣ ହୋଇଥାଏ। ପୁରାଣ-ଇତିହାସ ପୃଷ୍ଠାରୁ ଜଣାଯାଏ କ୍ଷମତା ମଦରେ ଅଭିଭୂତ ହୋଇ ଅତୀତରେ ଅନେକ ରାଜା, ମହାରାଜା, ସମ୍ରାଟ ଏବଂ ରାଷ୍ଟ୍ରନାୟକମାନେ ନିଜର ତଥା ନିଜ ଦେଶର ବିନାଶର କାରଣ ହୋଇଛନ୍ତି। ସମ୍ପ୍ରତି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଦ୍ୱାରା ୟୁକ୍ରେନ୍ ଉପରେ ପ୍ରଚଣ୍ଡ ଆକ୍ରମଣ ତଥା ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରି ଅଗଣିତ ନିରୀହ ମଣିଷ-ବୃଦ୍ଧ-ଶିଶୁ-ନାରୀ-ପୀଡ଼ିତମାନଙ୍କର ଅସୀମ ଦୁଃଖ-ଦୁର୍ଦ୍ଦଶାର କାରଣ ହେବା ସେହିପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାର ଅନ୍ତିମ ପରିଣତି ସ୍ୱରୂପ ଭୟଙ୍କର ଆଣବିକ ଯୁଦ୍ଧଜନିତ ମହାବିନାଶକୁ ଆମନ୍ତ୍ରଣ କରିବାର ଆଶଙ୍କା ଦେଖାଦେଇଛି। ନାଟୋ ଏବଂ ୟୁରୋପୀୟ ଦେଶଗୁଡ଼ିକ ରୁଷିଆ ଉପରେ ନାନା ପ୍ରକାର ଅର୍ଥନୈତିକ କଟକଣା ପ୍ରୟୋଗ କରିବା ହେତୁ ଅଚିରେ ରୁଷୀୟ ଅର୍ଥନୀତି ବିଧ୍ୱସ୍ତ ହେବାର ସମ୍ଭାବନା ଦେଖାଦେଇଛି। ଏଣେ ଆମେରିକାର ଆର୍ଥିକ ତଥା ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ବଳୀୟାନ ହୋଇ ୟୁକ୍ରେନ୍ ରୁଷୀୟ ସେନାକୁ ମୁକାବିଲା କରୁଛି। ୟୁକ୍ରେନ୍‌କୁ ରୁଷୀୟ ସେନା ସମ୍ପୂର୍ଣ୍ଣ ଅଧିକାର କରିପାରିନାହିଁ। କିମ୍ବା ଆତ୍ମସମର୍ପଣ କରିବାକୁ ବାଧ କରିପାରିନାହିଁ।

ବର୍ତ୍ତମାନ ପୁଟିନ୍‌ଙ୍କ ପାଇଁ ୟୁକ୍ରେନ୍ 'ନାଗସାପର ଚୁଚୁନ୍ଦ୍ରା ଗିଳିବା' ଭଳି ହୋଇଛି। ଅର୍ଥାତ୍ ନା ଗିଳିପାରୁଛି ନା ଓକାଳି ପାରୁଛି। ଜଣେ ବିଚକ୍ଷଣ କୂଟନୀତିଜ୍ଞ ଏବଂ ବୁଦ୍ଧିମାନ ରାଷ୍ଟ୍ରମୁଖ୍ୟ ହୋଇ ମଧ୍ୟ ସେ କିପରି ଏଭଳି ଅପରିଣାମଦର୍ଶୀ ପଦକ୍ଷେପ ଗ୍ରହଣ କଲେ ତାହା ହିଁ ଆଶ୍ଚର୍ଯ୍ୟର କଥା। ଏହାକୁ କହନ୍ତି ଅହଂମତ୍ତତା, ଏଭଳି ପରିସ୍ଥିତି ଯୋଗୁ ଭାରତ ମଧ୍ୟ ଆନ୍ତର୍ଜାତିକ ସ୍ତରରେ ଅତ୍ୟନ୍ତ ଜଟିଳ ପରିସ୍ଥିତି ଭିତରକୁ ଟାଣି ହୋଇଯାଇଛି। କାରଣ ରୁଷିଆ ଭାରତର ଏକ ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ ବନ୍ଧୁ ହୋଇ ଆସିଛି, ବିଶେଷ କରି କଶ୍ମୀର ବ୍ୟାପାରରେ ଆନ୍ତର୍ଜାତିକ ସ୍ତରରେ ଭାରତକୁ ଅନ୍ଧ ଭାବେ ସମର୍ଥନ ଦେଇଛି। ତେଣୁ ନୀତିଗତ ଭାବେ ଭାରତ ରୁଷିଆକୁ ସମର୍ଥନ ଜଣାଇବାକୁ ବାଧ୍ୟ। କିନ୍ତୁ ପୁଟିନ୍‌ଙ୍କ ନୀତି ବିରୁଦ୍ଧ କାର୍ଯ୍ୟକଳାପ ଏବଂ ଯୁଦ୍ଧଖୋର ମନୋଭାବ ଯୋଗୁ ସମଗ୍ର ବିଶ୍ୱର ଜନମତ ତାହା ବିରୋଧରେ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ତାହାର ସମର୍ଥକ ଭାବରେ ଭାରତ ମଧ୍ୟ ବିଶ୍ୱଦରବାରରେ ନିନ୍ଦିତ ହେଉଛି। ଏଭଳି ପରିସ୍ଥିତିରେ ଭାରତ କେତେଦିନ ପୁଟିନ୍‌ଙ୍କ ନୀତିକୁ ସମର୍ଥନ ଦେଇପାରିବ ତାହାହିଁ ଚିନ୍ତାର ବିଷୟ। ଅନ୍ୟାୟ କରୁଥିବା ବ୍ୟକ୍ତିକୁ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ସମର୍ଥନ କରିବା ଅନ୍ୟାୟ ସହିତ ସମାନ। 'ସତ୍ୟାନୁସରଣ'ରେ କୁହାଯାଇଛି- ''ତୁମ ବନ୍ଧୁ ଯଦି କୁପଥରେ ଯାଏ, ଆଉ ତୁମେ ଯଦି ତାକୁ ଫେରାଇବାକୁ ଚେଷ୍ଟା ନ କର ବା ତ୍ୟାଗ କର, ତା'ର ଶାସ୍ତି ତୁମକୁ ମଧ୍ୟ ତ୍ୟାଗ କରିବ ନାହିଁ।'' ତେଣୁ ଆମ ପ୍ରଧାନମନ୍ତ୍ରୀଙ୍କୁ ଏବେ ସମସ୍ତ କୂଟନୈତିକ କୌଶଳ ପ୍ରୟୋଗ କରି ପୁଟିନ୍‌ଙ୍କୁ ଯୁଦ୍ଧରୁ ନିବୃତ୍ତ କରିବା ଏକାନ୍ତ କର୍ତ୍ତବ୍ୟ ବୋଲି ମନେହୁଏ। ଅବଶ୍ୟ ୟୁକ୍ରେନ୍‌ରେ ଏହି ବିସ୍ଫୋରକ ପରିସ୍ଥିତି ପାଇଁ ପୁଟିନ୍ ଏକାମାତ୍ର ଦାୟୀ ନୁହନ୍ତି। ଆଜି ରୁଷିଆ ଏବଂ ୟୁକ୍ରେନ୍‌ର ପରିସ୍ଥିତିକୁ ଅତୀତର ଭାରତ-ପାକିସ୍ତାନ ସମ୍ପର୍କ ସହିତ ତୁଳନା କରାଯାଇପାରେ। ପାକିସ୍ତାନ ଭାରତ-ଭୂଖଣ୍ଡରୁ ଅଲଗା ହେବା ପରେ ଆମେରିକା ତାହାକୁ ପ୍ରକାଶ୍ୟରେ ଅଥବା ଗୁପ୍ତରେ ନାନାପ୍ରକାର ଅସ୍ତ୍ରଶସ୍ତ୍ର ସାହାଯ୍ୟ କରି ପରୋକ୍ଷରେ ଭାରତ ବିରୋଧରେ ପ୍ରରୋଚିତ କରିଆସିଛି। ଯାହାଫଳରେ ପାକିସ୍ତାନ ଭାରତର ଚିରଶତ୍ରୁ ହେବା ସଙ୍ଗେ ସଙ୍ଗେ ଦୀର୍ଘ ପଚାଶବର୍ଷରୁ ଊର୍ଦ୍ଧ୍ୱ ସମୟ ଭାରତ ସହିତ ସୀମା ବିବାଦ ଏବଂ ଯୁଦ୍ଧ ବିଗ୍ରହରେ ଲିପ୍ତ ରହିଛି। ଅନୁରୂପ ଭାବେ ୟୁକ୍ରେନ୍ ସୋଭିଏଟ ୟୁନିୟନରୁ ଅଲଗା ହେବା ପରେ ଆମେରିକା ତାହା ସହିତ ମିତ୍ରତା ଜମାଇ ତାକୁ ରୁଷିଆ ବିରୋଧରେ ଉସୁକାଇ ଚାଲିଛି ଏବଂ ଏହି ଯୋଜନାକୁ ଆଗେଇ ନେବା ପାଇଁ ୟୁକ୍ରେନ୍‌କୁ ନାଟୋ ସଂଗଠନର ସଦସ୍ୟ କରିବାକୁ ମସୁଧା କରିଛି।

ୟୁକ୍ରେନ୍ ରାଷ୍ଟ୍ରପତି ଆମେରିକାର ହାତବାରିସି ଭଳି କାର୍ଯ୍ୟ କରୁଛନ୍ତି। ମାତ୍ର ପୁଟିନ୍ ଏହି ଚକ୍ରାନ୍ତକୁ ପଣ୍ଡ କରିବାକୁ ଦୃଢ଼ସଂକଳ୍ପ। ଯାହା ହେଉନା କାହିଁକି ଏହି ଧ୍ୱଂସାତ୍ମକ ଯୁଦ୍ଧ ବନ୍ଦ ହୋଇ ଶାନ୍ତି ଫେରିଆସୁ ଏବଂ ଏଥିପାଇଁ ଭାରତକୁ ସକ୍ରିୟ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡ଼ିବ।

ପ୍ଲଟ୍ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୯୪୩୭୨୮୭୯୬୪

## ଏଇ ଭାରତରେ

ଝାଡ଼ଖଣ୍ଡର କନ୍ଦୋନି ସୋରେନଙ୍କ ଅଦମ୍ୟ ସାହସ ଓ ନିଷ୍ଠା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଲୋକେ ତାଙ୍କୁ କହୁଛନ୍ତି 'ଜଙ୍ଗଲର ସିଂହୀ'। କନ୍ଦୋନି ତାଙ୍କ ଗାଁ ସରକାଘାଟର ୪୦ ଜଣ ଆଦିବାସୀ ମହିଳାଙ୍କୁ ଏକାଠି କରି ୨୫୦ ଏକର ଜଙ୍ଗଲ ଜଗିଥିବାରୁ ତାଙ୍କୁ ଲୋକେ ଏଭଳି ସମ୍ବୋଧନ କରୁଛନ୍ତି। ବେଆଇନ ଭାବେ ଗଛ କାଟୁଥିବା ବ୍ୟକ୍ତିଙ୍କୁ ସୋରେନ ଏବଂ ତାଙ୍କ ଟିମ୍‌ର ମହିଳାମାନେ ଦୃଢ଼ତାର ସହ ମୁକାବିଲା କରୁଛନ୍ତି। ସେମାନେ ପାଳି କରି ଦିନରାତି ଜଙ୍ଗଲ ଜଗୁଛନ୍ତି। ପ୍ରତିଦିନ ସକାଳେ ସେମାନେ ହାତରେ ଧନୁତୀର ଓ ଠେଙ୍ଗା ଧରି ଜଙ୍ଗଲକୁ ବାହାରି ଯାଆନ୍ତି। ଜାମସେଦପୁର ପୋଲିସରେ କନ୍ଦୋନି ଗୃହରକ୍ଷୀ ଭାବେ କାର୍ଯ୍ୟ କରିବା ସହ ୨୦୧୧ରୁ ଏହି ଅଭିଯାନ ଚଳାଉଛନ୍ତି। ସେ ଦିନରେ ଡ୍ୟୁଟି କରି ରାତିରେ ଜଙ୍ଗଲ ସୁରକ୍ଷାରେ ମହିଳାମାନଙ୍କ ସହ ରହୁଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ସେ ପଞ୍ଚାୟତରୁ ଆରମ୍ଭ କରି ଜଙ୍ଗଲ ବିଭାଗକୁ ଜଣାଇବା ପରେ କୌଣସି ସୁଫଳ ନ ମିଳିବାରୁ ଗାଁର ମହିଳାମାନଙ୍କୁ ଏକାଠି କରି 'ହରିୟାଲୀ ସକ୍କମ' ଅର୍ଥାତ୍ 'ସବୁଜ ପତ୍ର' ନାମରେ ଜଙ୍ଗଲ ସୁରକ୍ଷା କମିଟି ଗଠନ କରିଥିଲେ। ଏମାନଙ୍କ ପ୍ରୟାସରେ ୮୦-୯୦ ପ୍ରତିଶତ ବେଆଇନ ଗଛକଟା ରୋକାଯାଇ ପାରିଛି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୨୨ ଏପ୍ରିଲ ୧୯୯୭

- ପରିଚାଳନାଗତ ତ୍ରୁଟି ଓ ବିକିରଣଜନିତ ବାରମ୍ବାର ଦୁର୍ଘଟଣା ଯୋଗୁ ଜାପାନ ସରକାର ସ୍ଥାୟୀ ଭାବରେ ଫାଷ୍ଟ ବ୍ରିଡର ରିଆକ୍ଟର ପ୍ଲାଣ୍ଟକୁ ବନ୍ଦ କରିଦେଇଛନ୍ତି।
- ମିଳିତ କଞ୍ଜରଭେଟିଭ୍ ସରକାରର ସୁରକ୍ଷା ପାଇଁ ଫ୍ରାନ୍ସକୁ ଏକକ ୟୁରୋପୀୟ ମୁଦ୍ରା ଭିତରେ ରଖିବା ଉଦ୍ଦେଶ୍ୟରେ ଫ୍ରାନ୍ସ ରାଷ୍ଟ୍ରପତି ଜ୍ୟାକ୍ ଶିରାଜ୍ ନ୍ୟାଶନାଲ ଆସେମ୍ବ୍ଲିକୁ ଭାଙ୍ଗିଦେଇ ସାନି ନିର୍ବାଚନ ଲାଗି ନିର୍ଦ୍ଦେଶ ଦେଇଛନ୍ତି।
- ରାଷ୍ଟ୍ରପତି ଡ. ଶଙ୍କର ଦୟାଲ ଶର୍ମା ଦେଶର ଦ୍ୱାଦଶ ପ୍ରଧାନମନ୍ତ୍ରୀ ଭାବେ ଇନ୍ଦର କୁମାର ଗୁଜରାଲଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | 7 | | 5 |
| | 2 | | | | 1 | | | |
| | | | 9 | | | | 4 | |
| | | 7 | | | | | | 6 |
| | | | 2 | | | | 1 | 4 |
| 2 | 3 | | | | 5 | | | |
| | | | | | | | 2 | 7 |
| 4 | | | | 2 | | | 5 | |
| | 6 | | 1 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 9 | 1 | 2 | 3 | 5 | 7 |
| 1 | 3 | 7 | 5 | 6 | 4 | 9 | 2 | 8 |
| 5 | 9 | 2 | 7 | 8 | 3 | 6 | 4 | 1 |
| 7 | 5 | 6 | 4 | 3 | 9 | 8 | 1 | 2 |
| 9 | 8 | 3 | 1 | 2 | 5 | 7 | 6 | 4 |
| 4 | 2 | 1 | 8 | 7 | 6 | 5 | 3 | 9 |
| 2 | 1 | 8 | 6 | 5 | 7 | 4 | 9 | 3 |
| 3 | 4 | 5 | 2 | 9 | 8 | 1 | 7 | 6 |
| 6 | 7 | 9 | 3 | 4 | 1 | 2 | 8 | 5 |

ଗତକାଲିର ଉତ୍ତର

# ମହାବିଲୁପ୍ତି ପଥେ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଦ୍ରୁତ ଗତିରେ ଜୀବଜଗତ ଲାଗି ବାସୋପଯୋଗିତା ହରାଇବାରେ ଲାଗିଛି ଧରିତ୍ରୀ। ତା'ର ଯେଉଁ ସମୁନ୍ନତ ପରିବେଶ ଏହାର ଆବିର୍ଭାବ, ବିକାଶ ଏବଂ ଧାରଣ ପାଇଁ ଅନୁକୂଳ ଥିଲା, ତାହା ଏବେ ଘୋର ବିପର୍ଯ୍ୟୟର ସମ୍ମୁଖୀନ। ଆମର ଲୋଭଗ୍ରସ୍ତ ବସ୍ତୁବାଦୀ ଜୀବନଧାରା ପ୍ରାକୃତିକ ସଂସାଧନରେ ଘୋର ଅପଚୟ ଘଟାଇ ଚାଲିଛି, ଯାହାକି ପୁନଃପୂରଣ କରିବାର ସାମର୍ଥ୍ୟ ରହୁଛି ଧରିତ୍ରୀର। ଅତଏବ ତାହାର ଅପୂରଣୀୟ କ୍ଷତି ଘଟୁଛି ଏବଂ ପରିବେଶ ଅଧିକରୁ ଅଧିକ ବାସ ପାଇଁ ଅନୁପଯୋଗୀ ହୋଇ ଚାଲିଛି। ଏକ ଗଣନାରୁ ଜଣାପଡ଼ିଛି ଯେ ବିକାଶ ନାମରେ ନିଜର ଅସରନ୍ତି ତଥା ସଦା ଅତୃପ୍ତ ଲାଳସାର ତୃପ୍ତି ନିମନ୍ତେ ଆମେ ଏବେ ଯେଉଁ ହାରରେ ପ୍ରାକୃତିକ ସଂସାଧନର ଉପଯୋଗ କରିଚାଲିଛେ, ତାହା ଗୋଟିଏ ଧରିତ୍ରୀ ଦ୍ୱାରା ପୂରଣ ଅସମ୍ଭବ। ସେଥିପାଇଁ ଲୋଡ଼ା ତହିଁରୁ ୧.୭ ଟି। ଜନସଂଖ୍ୟା ବୃଦ୍ଧି, ସହରୀକରଣ ଏବଂ ସର୍ବୋପରି ଲାଳସା ଏହାର ଗୋଟିଏ ଗୋଟିଏ କାରଣ। ଏହାର ପରିପ୍ରକାଶ ଘଟୁଛି ପରିବେଶ ପ୍ରଦୂଷଣ, ନାନାଦି ପରିସଂସ୍ଥୀୟ ବିପର୍ଯ୍ୟୟ, ଜାଗତିକ ଉଷ୍ମତା ବୃଦ୍ଧି ଇତ୍ୟାଦି ମାଧ୍ୟମରେ।

ସମୟାନୁକ୍ରମେ ଆମେ କିପରି ପ୍ରାକୃତିକ ସଂସାଧନକୁ ଅଧିକରୁ ଅଧିକ ଅପଚୟ କରି ଚାଲିଛେ ଏବଂ ଏହି ସମ୍ପଦକୁ ଗୋଟିଏ ବର୍ଷର କେଉଁଦିନ ମଧ୍ୟରେ ଶେଷ କରି ଦେଉଛେ ତାହାର ଆକଳନ ଲାଗି ସୂତ୍ରଟିଏ ନିର୍ଦ୍ଧାରଣ କରାଯାଉଛି। ସେହି ଦିନଟି ପରେ ଏହାର ଯେଉଁ ଅପବ୍ୟୟ ହେବାରେ ଲାଗିଛି ତାହା ଧରିତ୍ରୀର କ୍ଷତି ଘଟାଉଛି ଅପୂରଣୀୟ ଭାବେ। ଫଳରେ ହଜି ହଜି ଯାଉଛି ଏହାର ଜୀବଜଗତକୁ ଧାରଣ କରିବାର ସାମର୍ଥ୍ୟ। ଅର୍ଥନୀତିଜ୍ଞ ଏବଂ ବୈଜ୍ଞାନିକମାନେ ଉକ୍ତ ଦିନଟିକୁ ଆଗରୁ କହୁଥିଲେ ପରିସଂସ୍ଥୀୟ ଋଣ ଦିବସ ବା 'ଇକୋଲୋଜିକାଲ୍ ଡେବ୍‌ଟ ଡେ'। ଏବେ ଏହାକୁ 'ଆର୍ଥ ଓଭରସୁଟ୍ ଡେ' ବା ଧରିତ୍ରୀର ସାମର୍ଥ୍ୟ ଅତିକ୍ରମ ଦିବସ' ବୋଲି କୁହାଯାଉଛି। ଏହା ଗଣନା କରାଯାଉଛି ଧରିତ୍ରୀର ଜୈବ ସକ୍ଷମତା ବା 'ବାୟୋକାପାସିଟି' (ବର୍ଷକ ମଧ୍ୟରେ ପୃଥିବୀରେ ଉତ୍ପନ୍ନ ହେଉଥିବା ପ୍ରାକୃତିକ ସଂସାଧନର ପରିମାଣ)କୁ ତା'ର ପରିସଂସ୍ଥୀୟ ପଦଚିହ୍ନ ବା 'ଇକୋଲୋଜିକାଲ୍ ଫୁଟ୍ ପ୍ରିଣ୍ଟ' (ସେ ବର୍ଷ ମଣିଷଜାତି ଉପଯୋଗ କରିଥିବା ପୃଥିବୀର ସଂସାଧନର ପରିମାଣ)ରେ ବିଭାଜିତ କରି ଭାଗଫଳକୁ ୩୬୫ (ବର୍ଷକ ମଧ୍ୟରେ ଦିବସ ସଂଖ୍ୟା)ରେ ଗୁଣନ କରିବା ଦ୍ୱାରା। ଅର୍ଥନୈତିକ ଦୃଷ୍ଟିକୋଣରୁ ବର୍ଷର ଏହି ଦିନ ଆମେ, ଅର୍ଥାତ୍ ମଣିଷ ଜାତି ପରିସଂସ୍ଥୀୟ ବ୍ୟୟ 'ଅଭାବ' ମଧ୍ୟକୁ ପ୍ରବେଶ କଲା ବୋଲି କୁହାଯାଏ।

ମଣିଷ ଜାତିର ଆବଶ୍ୟକତା ମେଣ୍ଟାଇବା ପାଇଁ ଲୋଡ଼ା ହେଉଥିବା ପ୍ରାକୃତିକ ସଂସାଧନ ତଥା ପରିସଂସ୍ଥୀୟ ସେବାର ଆକଳନ କରୁଥିବା ଅନ୍ୟତମ ଅନୁଷ୍ଠାନ 'ଗ୍ଲୋବାଲ୍ ଫୁଟ୍ ପ୍ରିଣ୍ଟ୍ ନେଟୱର୍କ' ୨୦୦୭ ମସିହାଠାରୁ ପ୍ରତିବର୍ଷ ବିଶ୍ୱରେ ଧରିତ୍ରୀର ସୀମିତ ସଂସାଧନ ସମ୍ପର୍କରେ ସଚେତନତାର ପ୍ରସାର ଲାଗି 'ଧରିତ୍ରୀ ସାମର୍ଥ୍ୟ ଅତିକ୍ରମ ଦିବସ' ବା 'ଆର୍ଥ ଓଭରସୁଟ୍ ଡେ' ପାଳନ କରିଆସୁଛି। ଏଥିସହିତ ଯୋଗଦେଇଛି 'ୱାର୍ଲ୍ଡ ୱାଇଲ୍ଡ ଲାଇଫ୍ ଫଣ୍ଡ'। ଏମାନଙ୍କ ଆକଳନ ଅନୁସାରେ ଏବେ ଆମେ ସମଗ୍ର ବର୍ଷକ ମଧ୍ୟରେ ଧରିତ୍ରୀ ଯୋଗାଇପାରିବା ପ୍ରାକୃତିକ ସଂସାଧନକୁ ମାତ୍ର ୮ମାସ ମଧ୍ୟରେ ଶେଷ କରି ଦେଉଛୁ।

ମଣିଷ ଜାତିର ଇତିହାସରେ ଅଧିକାଂଶ ସମୟ ଲାଗି ଆମେ ବିନିଯୋଗ କରିଆସୁଥିବା ପ୍ରାକୃତିକ ସଂସାଧନ ଧରିତ୍ରୀର ବଜେଟ ମଧ୍ୟରେ ସୀମିତ ରହୁଥିଲା। କିନ୍ତୁ ୧୯୭୦ ଦଶକଠାରୁ ତାହାର ସର୍ବୋଚ୍ଚ ସୀମା ଉଲ୍ଲଂଘନ ହୋଇ ଚାଲିଛି- ଆମ ଉପଯୋଗ ଆମ ଗ୍ରହ ଯେତିକି ପୁନଃ ଉତ୍ପାଦନ କରିବାକୁ ସମର୍ଥ ତାହା ଅତିକ୍ରମ କରିଯାଉଛି। 'ଗ୍ଲୋବାଲ ଫୁଟ୍ ପ୍ରିଣ୍ଟ ନେଟ୍‌ୱର୍କ'ର ସୂଚନା ଅନୁସାରେ ବର୍ତ୍ତମାନ ଆମର ପୁନଃ ନବୀକରଣକ୍ଷମ ପରିସଂସ୍ଥୀୟ ସଂସାଧନ ଏବଂ ତାହା ଯୋଗାଉଥିବା ସେବା ଗୋଟିଏ ନୁହେଁ, ବରଂ ୧.୭ଟି ଧରିତ୍ରୀ ସହନୀୟ ଭାବେ ଯୋଗାଇପାରିବ। ଚଳିତ ଶତାବ୍ଦୀର ମଧ୍ୟଭାଗ ବେଳକୁ ଏହା ୨ଟି ଧରିତ୍ରୀର ସମକକ୍ଷ ହୋଇଯିବ।

୨୦୨୦ରେ 'ସର୍କୁଲାର ଇକୋନୋମି' ସଂସ୍ଥା ଦ୍ୱାରା ପ୍ୟାରିସ୍‌ଠାରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏବେ ମଣିଷ ଜାତି ବାର୍ଷିକ ୧୦୦ ବିଲିୟନ ଟନ୍‌ରୁ ଅଧିକ ପ୍ରାକୃତିକ ସଂସାଧନ ବ୍ୟବହାର କରୁଛି। ୨୦୧୫ ରେ ଏହା ୯୩ ବିଲିୟନ ଟନ୍ ଥିଲା ବେଳେ ୨୦୧୭-୧୮ ବେଳକୁ ତାହା ୧୦୦.୬ ବିଲିୟନ ଟନ୍‌ରେ ପହଞ୍ଚି ଯାଇଥିଲା। ପୁନଶ୍ଚ ଏହି ସମୟ ମଧ୍ୟରେ ବ୍ୟବହୃତ ପଦାର୍ଥର ପୁନଃ ଚକ୍ରଣ କ୍ରମେ ୯.୧ ଶତାଂଶରୁ ୮.୬ ଶତାଂଶକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ, ୧୯୭୦ରୁ ୨୦୦୦ ମଧ୍ୟରେ ବିଶ୍ୱ ଜନସଂଖ୍ୟା ଦ୍ୱିଗୁଣିତ ହେବା ସଙ୍ଗେ ସଙ୍ଗେ ଜାଗତିକ ଅର୍ଥନୀତି ଚତୁର୍ଗୁଣିତ ଏବଂ ବ୍ୟବସାୟ ୧୦ଗୁଣକୁ ବଢ଼ିଛି। ଫଳରେ ସଂସାଧନ ତଥା ଶକ୍ତିର ଉପଯୋଗ ତଦନୁଯାୟୀ ବୃଦ୍ଧିପ୍ରାପ୍ତ ହେବାରେ ଲାଗିଛି। ଚଳିତ ଶତାବ୍ଦୀର ମଧ୍ୟଭାଗକୁ ପ୍ରାକୃତିକ ସଂସାଧନର ଆବଶ୍ୟକତା ୧୭୦-୧୮୪ ବିଲିୟନ ଟନ୍‌ରେ ପହଞ୍ଚି ଯାଇପାରେ ବୋଲି ଏଥିରେ ସୂଚିତ କରାଯାଇଛି। ଏପରିସ୍ଥଳେ, ଧରିତ୍ରୀର 'ଓଭରସୁଟ୍' ଦିବସ ତଦନୁଯାୟୀ ଅଧିକରୁ ଅଧିକ ନିକଟତର ହୋଇଚାଲିବ।

ଏହି ଦିବସ ସମ୍ପର୍କରେ ପ୍ରଥମେ ୧୯୭୦ ବେଳକୁ ସୂଚିତ କରାଗଲା ସମୟରେ ତାହା ଥିଲା ଡିସେମ୍ବର ୩୦ ତାରିଖ। ଅତଏବ ଧରିତ୍ରୀର ସଂସାଧନ ଉତ୍ପାଦନ ଏବଂ ଆମେ କରୁଥିବା ତାହାର ଉପଯୋଗ ପ୍ରାୟ ସମତୁଲ ଥିଲା। କିନ୍ତୁ ୧୯୭୫ ବେଳକୁ ତାହା ନଭେମ୍ବର ୩୦, ୧୯୮୦ ବେଳକୁ ନଭେମ୍ବର ୪, ୧୯୯୦ ବେଳକୁ ଅକ୍ଟୋବର ୧୦, ୨୦୦୦ ବେଳକୁ ସେପ୍ଟେମ୍ବର ୨୨ ଏବଂ ୨୦୧୦ ମସିହା ବେଳକୁ ଅଗଷ୍ଟ ୬ରେ ଶେଷ ହୋଇଗଲା। ଅନ୍ୟପକ୍ଷରେ ୨୦୧୮ ମସିହାରେ ଏହା ଜୁଲାଇ ୨୫ ହେଲାବେଳେ କୋଭିଡ୍ ୧୯ ମହାମାରୀ ଯୋଗୁ କଳକାରଖାନା ସମେତ ବିବିଧ ମଣିଷକୃତ କାର୍ଯ୍ୟକଳାପ ବନ୍ଦ ରହିବା ହେତୁ ଉକ୍ତ ଦିବସଟି ଆସିଯାଇଥିଲା ଅଗଷ୍ଟ ୨୨ ତାରିଖକୁ। ତେବେ ୨୦୨୧ରେ ପୁଣି ଜୁଲାଇ ୨୯କୁ ଚାଲିଗଲା ଏବଂ ଚଳିତବର୍ଷ, ୨୦୨୨ରେ ସେ ଦିନଟି ଜୁଲାଇ ୨୫ କିମ୍ବା ୨୬ ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଅତଏବ ବର୍ଷସାରା ଧରିତ୍ରୀ ଯେତିକି ସଂସାଧନ ସୃଷ୍ଟି କରିବାକୁ ସକ୍ଷମ ତାହା ପ୍ରାୟ ୬ ମାସ ମଧ୍ୟରେ ଶେଷ ହୋଇଯିବ। ଅନ୍ୟଭାଷାରେ କହିବାକୁ ଗଲେ ଆମ ସର୍ବଗ୍ରାସୀ ଲାଳସା ମେଣ୍ଟାଇବାକୁ ଲୋଡ଼ା ହେବ ଦୁଇଟି ପୃଥିବୀ। ଏହାର ପରିଣାମ ଯେ ଆଗକୁ ଭୟଙ୍କର ଏଥିରେ କେହି ଦ୍ୱିମତ ନୁହନ୍ତି, କିନ୍ତୁ ଏଥିନେଇ ଉଚିତ ପଦକ୍ଷେପ ନେବାକୁ ସମସ୍ତେ ପଶ୍ଚାତ୍‌ପଦ। ଉଦାହରଣ ସ୍ୱରୂପ, ଆମେରିକା ସମେତ କେତେକ ୟୁରୋପୀୟ ଦେଶଗୁଡ଼ିକରେ ମୁଣ୍ଡପିଛା ପ୍ରାକୃତିକ ସଂସାଧନ ଉପଯୋଗ ଅନେକ ବିକାଶଶୀଳ ଆଫ୍ରିକୀୟ ଦେଶ ତୁଳନାରେ ପ୍ରାୟ ୧୦ ଗୁଣ ଅଧିକ। ସେମାନେ ଦାୟିତ୍ୱବାନ୍ ହୋଇ ଏହା ହ୍ରାସ ନ କଲେ ସମସ୍ୟା ଗୁରୁତର ହୋଇଚାଲିବ। ଫଳରେ ଏବେ ଆରମ୍ଭ ହେବାକୁ ଲାଗିଥିବା ଷଷ୍ଠ ମହାବିଲୁପ୍ତି ପ୍ରକ୍ରିୟାର ଆଗମନ ଦ୍ରୁତରୁ ଦ୍ରୁତତର ହେବ।

ମୋ-୯୯୩୭୯୮୫୭୬୭

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତ ପରାକ୍ରମ ବୃଦ୍ଧି ସୁଯୋଗ

ମହାଶୟ,

ରୁଷିଆ ସୈନିକ ଭାବିଥିଲେ କ୍ରିମିଆ ଭଳି ୟୁକ୍ରେନ୍‌ର ଜନସାଧାରଣ ସେମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବେ। ବିଧିର ବିଧାନ ଆଜି ଭିନ୍ନ ଚିତ୍ର ଆଙ୍କିଛି। ରାସ୍ତାଘାଟରେ ୟୁକ୍ରେନ୍ ଜନସାଧାରଣଙ୍କ ମୃତଦେହ ବ୍ୟତୀତ ରୁଷିଆ ସୈନିକ ଓ ୟୁକ୍ରେନ୍ ସୈନିକଙ୍କ ଶବ ଶଢୁଛି। ବହୁ ଦେଶ ନିଜର ଆତ୍ମରକ୍ଷା ପାଇଁ ଆଜି ଅସ୍ଥିର ହୋଇଉଠିଛନ୍ତି। ସମଗ୍ର ବିଶ୍ୱ ଏବେ ଏକ ଆଶଙ୍କା ଭିତରେ ଗତି କରୁଛି। ଭାରତ ଗସ୍ତରେ ଯୁଦ୍ଧକାଳରେ ଆସି ରୁଷିଆର ବିଦେଶମନ୍ତ୍ରୀ ଘୋଷଣା କରିଛନ୍ତି ୟୁକ୍ରେନ୍ ବିବାଦରେ ଭାରତ ମଧ୍ୟସ୍ଥତା ଭୂମିକା ନିର୍ବାହ କଲେ ରୁଷିଆ ଖୁସି ହେବ। ଯୁଦ୍ଧର ବିଭୀଷିକା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏହି ବିନାଶ କାଳରେ ନୂଆଦିଲ୍ଲୀ ମଧ୍ୟସ୍ଥ ସାଜି ଉଭୟପକ୍ଷଙ୍କୁ ମନେଇନେବା ସମୟର ଆହ୍ୱାନ। ଭିଟୋ କ୍ଷମତା ପାଇବାକୁ ହେଲେ ଭାରତକୁ ବିଶ୍ୱ ପ୍ରସଙ୍ଗରେ ଅଦମ୍ୟ ସାହସ ଦେଖାଇବାକୁ ପଡ଼ିବ।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ

ଓଡ଼ିଶା ସରକାର ସର୍ବଦା ଲୋକାଭିମୁଖୀ ପ୍ରଶାସନ ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚୁ ଏବଂ ଲୋକଙ୍କ ଦୁଃଖ ଶୁଣୁ ଏହା ସରକାରଙ୍କ ଲକ୍ଷ୍ୟ। ଲୋକଙ୍କ ପାଖରେ ସରକାରୀ ସୁବିଧା ସୁଯୋଗ ପହଞ୍ଚିବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। କିଛି ସ୍ୱାସ୍ଥ୍ୟଗତ ମୌଳିକ ସମସ୍ୟାକୁ ନେଇ ବିଭାଗୀୟ କର୍ମଚାରୀମାନଙ୍କ ଗୋଟିଏ ସଂଘର ସଭାପତି ଭାବେ ମୁଁ ଚିନ୍ତିତ। ଉଚ୍ଚ କର୍ତ୍ତୃପକ୍ଷଙ୍କ ସାକ୍ଷାତ୍ ଆଲୋଚନାର ସୁଯୋଗ ପାଉନାହିଁ। ପ୍ରଶାସନର ସର୍ବୋଚ୍ଚ ସ୍ତରରେ ଥିବା ବରିଷ୍ଠ ପ୍ରଶାସକମାନେ ଲୋକଙ୍କଠାରୁ ହିଁ ବ୍ୟବସ୍ଥାର ପରିଚାଳନା ନେଇ ଠିକଣା ଖବର ପାଇଥା'ନ୍ତି। ହେଲେ ଏଭଳି ସ୍ୱର ଯଦି ଉଚ୍ଚ ସ୍ତରରେ ପ୍ରଶାସକଙ୍କ ନିକଟରେ ପହଞ୍ଚି ନ ପାରେ, ତେବେ ପ୍ରଶାସନରେ ଥିବା ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାର ସୁଧାର ଆସିପାରିବ ନାହିଁ।

-ସତୀଶ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି କର୍ମଚାରୀ କଲ୍ୟାଣ ସଂଘ

### ଚିରନ୍ତନୀ

ଜୀବନେ ଜୀବନେ ଚିର ସହଚର
ସଜାଇବ ଚିର ବିବାହ-ବାସର
ବଳିନାହିଁ ମୋର ବିବାହର ତିଥି
ସରିନାହିଁ ଯଉବନ
ମଧୁ ଶେଯୁଁ ମୋତେ ଜଗାଇବ ସେ ତ
ଲାଗିଲେ ଉଷା-ପବନ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶାଳିଜଙ୍ଗା ପଞ୍ଚାୟତରେ ଜଳ ସମସ୍ୟା ଉତ୍କଟ

**କଳିଙ୍ଗନଗର,୨୧।୪(ଡି.ଏନ.ଏ.)**

ଦାନଗଦି ବ୍ଲକ ଅଧୀନ ଶାଳିଜଙ୍ଗା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ପଞ୍ଚାୟତର କୁଲାପିଟା, ନହ୍ଲୁରାଣୀପଶି, ବାଲିଆପାଳ ମହାନ୍ତ ସାହି, ଗହ୍ଣାରୀପାଟିଆ ଓ ବାଘୁଆପାଳ ଆଦି ଗ୍ରାମରେ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ସମସ୍ତ ସରକାରୀ ସେବା ଅଚଳ ହୋଇପଡ଼ିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

- **କାମରେ ଆସୁନି ସୌରଚାଳିତ ଜଳ ପ୍ରକଳ୍ପ**
- **ଚୁଆରୁ ପିଇବା ପାଣି ସଂଗ୍ରହ କରୁଛନ୍ତି ଲୋକେ**

ଅନ୍ୟପକ୍ଷରେ ୨ ବର୍ଷ ତଳୁ ନିର୍ମାଣ ସରିଥିବା ପଞ୍ଚାୟତର ବୃହତ୍ ପାଇପ ଜଳ ଯୋଗାଣ ପ୍ରକଳ୍ପକୁ ମଧ୍ୟ କାର୍ଯ୍ୟକାରୀ କରାଯାଉନାହିଁ।

ବିଶେଷକରି ବାଲିଆପାଳ ମହାନ୍ତ ସାହିରେ ଲୋକେ ମନୁଷ୍ୟକୃତ ଜଳ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଅନୁଗୋଳ-ବାଘୁଆପାଳ ରେଳପଥ ନିର୍ମାଣ ହେବା ପରେ ରେଳ ଟ୍ରାକ୍ ନିର୍ମାଣ ପାଇଁ ମାତ୍ରାଧିକ ଗଭୀର ଭୂ-ଖନନ କରାଯାଇଛି। ଏଥିଯୋଗୁ ଏଠାରେ ୨ବର୍ଷ ହେଲା ଭୂତଳ ଜଳସ୍ତର ନିମ୍ନଗାମୀ ହୋଇପଡ଼ିଛି। ରେଳପଥର ଉଭୟ ପାର୍ଶ୍ୱରେ ଥିବା ଗ୍ରାମ ଗୁଡ଼ିକରେ ସମସ୍ତ ସରକାରୀ ଏବଂ ବେସରକାରୀ ପାନୀୟ ଜଳ ଉତ୍ସ ଅଚଳ ହୋଇପଡ଼ିଛି। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଏକାଧିକ ଥର ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ଏହି ସମସ୍ୟା ଦୂର ପାଇଁ ରେଳ ପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ପ୍ରତିଶ୍ରୁତିବଦ୍ଧ ହୋଇଥିଲା। ମାତ୍ର ଲୋକେ ପାନୀୟଜଳ ପାଇଁ ବର୍ଷ ତମାମ ହଇରାଣ ହେଉଥିଲେ ମଧ୍ୟ ଉକ୍ତ ଠିକାସଂସ୍ଥା ଅଦ୍ୟାବଧି ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ସକ୍ଷମ ହୋଇନାହିଁ। କେବଳ ଗ୍ରାମରେ ଏକ ବୋରିଂ କରି ଠିକାସଂସ୍ଥା ନିଜର କର୍ତ୍ତବ୍ୟ ଶେଷ କରିଛି।

ସେହିପରି ଶାଳିଜଙ୍ଗାର ଆଦିବାସୀ ଗ୍ରାମ ବେଲଦାରେ ପ୍ରତିବର୍ଷ ଖରାଦିନେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରୁଥିବାବେଳେ ଚଳିତ ବର୍ଷ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ନଳକୂପରୁ ପାନୀୟ ଉପଯୋଗୀ ଜଳ ବାହାରୁ ନ ଥିବାରୁ ଗ୍ରାମ ବାହାରେ ଥିବା ଏକ ମାତ୍ର ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ ଉପରେ ଲୋକେ ନିର୍ଭର କରୁଥିଲେ। ତେବେ ତାହା ଏବେ ଅଚଳ ହୋଇଯାଇ ଥିବାରୁ ଗ୍ରାମବାସୀ ଚୁଆ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ନୀଳକଣ୍ଠପୁରଠାରେ ସରକାରୀ ପାଣ୍ଠି ବିନିଯୋଗରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ୩ ବର୍ଷ ହେଲା ତାହା କାର୍ଯ୍ୟକ୍ଷମ କରାଯାଇନାହିଁ। ଏଠାରେ ବୋରିଂ ହେବା ସହିତ ପାଣି ମଟର ଚଲାଇବା ପାଇଁ ଏକ ଘର ମଧ୍ୟ ନିର୍ମାଣ ହୋଇଛି। ମାତ୍ର ନିର୍ମାଣ ପରଠାରୁ ଘରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ପ୍ରକଳ୍ପରୁ ଗୋଟିଏ ଦିନ ବି ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇନାହିଁ। ସେହିପରି ଗହ୍ଣାରୀପାଟିଆର ଗଣ୍ଡାସାହିରେ ଲୋକେ ବର୍ଷ ବର୍ଷ ଧରି ଜଳଯାତନାରେ ସନ୍ତୁଳି ହେଉଛନ୍ତି। ଆଦିବାସୀ ସମ୍ପ୍ରଦାୟର ୨୦୦ ପାଖାପାଖି ଲୋକ ରହୁଥିବା ଏହି ଗ୍ରାମବାସୀଙ୍କ ପାଇଁ ଅଦ୍ୟାବଧି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇନାହିଁ। ଲୋକେ ଏକ ଚୁଆର ଦୂଷିତ ପାଣିକୁ ପିଇବା ପାଇଁ ବ୍ୟବହାର କରୁଛନ୍ତି। ତେବେ ବାଘୁଆପାଳ ଏବଂ ଗହ୍ଣାରୀପାଟିଆଠାରେ ଥିବା ୨ଟି ସୌର ଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ଦିନ ତଳୁ ଅଚଳ ହୋଇପଡ଼ିଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ସଚଳ କରିବାକୁ ଆଗ୍ରହ ପ୍ରକାଶ କରୁନାହିଁ। ବେଣାପାଟିଆର ୨ ସାହିମଧ୍ୟରୁ ଗୋଟିଏ ସାହିରେ ସୌର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଥିବା ବେଳେ ଅନ୍ୟ ଟିରେ ଥିବା ନଳକୂପ ଗୁଡ଼ିକ ପାନୀୟ ଉପଯୋଗୀ ଜଳବାହାରୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଲୋକେ ଏତେ ସମସ୍ୟାରେ ଥିଲେ ମଧ୍ୟ ଜଳ ଯୋଗାଣ ବିଭାଗ, ଦାନଗଦି ବ୍ଲକ କର୍ତ୍ତୃପକ୍ଷ ଓ ଶାଳିଜଙ୍ଗା ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ତେଣୁ ପଞ୍ଚାୟତରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଏଠାରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ କରାଯିବ।


ଗ୍ରାମବାସୀ ଚୁଆରୁ ପିଇବା ପାଣି ସଂଗ୍ରହ କରୁଛନ୍ତି।

# ଡାହାଣୀ ସନ୍ଦେହରେ ହୋଇଥିଲା ହତ୍ୟା: ୪ ଗିରଫ

**କଳିଙ୍ଗନଗର,୨୧।୪ (ଡି.ଏନ.ଏ.)**

- **ରେଳ ଧାରଣାରୁ ମହିଳାଙ୍କ ମୃତଦେହ ମିଳିବା ଘଟଣା**
- **ଆଜି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ**

ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ବାଘୁଆପାଳ ଷ୍ଟେଶନ ନିକଟ ରେଳ ଧାରଣାରୁ ଗତ ୫ ତାରିଖରେ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ସମ୍ପୃକ୍ତା ମହିଳା ହେଲେ ଟମକା ଥାନା ଗୋବର୍ଦ୍ଧନପୁର ପଞ୍ଚାୟତ ଅନ୍ତର୍ଗତ ଜଅଁର ଗ୍ରାମର ମଶ ମାଝିଙ୍କ ଝିଅ ଶୁରୁ। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ଟମକା ପୋଲିସ ଜାଣିବା ପରେ ତଦନ୍ତ ଆରମ୍ଭ କରିଥିଲା। ସମସ୍ତ ତଥ୍ୟ ପ୍ରମାଣ ପାଇବା ପରେ ପୋଲିସ ଗୁରୁବାର ୪ ଯୁବକଙ୍କୁ ଗିରଫ କରିଛି। ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ଏହି ହତ୍ୟାକାଣ୍ଡ ସଙ୍ଗଠିତ ହୋଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଲେ ପଡ଼ିଆପଶି ଗ୍ରାମର କାଳନ୍ଦୀ ହାଁସଦା, ଚିନୁ ମାଝି, ପଦ୍ମନାଭ ହାଁସଦା ଓ ପାଲୁ ମାଝି। ଏମାନଙ୍କ ସମେତ କେତେଜଣ ଗ୍ରାମବାସୀ ସମ୍ପୃକ୍ତା ମହିଳାଙ୍କୁ ପିଟି ହତ୍ୟା କରିଥିଲେ ବୋଲି ଅଭିଯୁକ୍ତମାନେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ସୂଚନା ମୁତାବକ, ମଶ ମାଝି ଗତ ୧୪ ତାରିଖରେ ତାଙ୍କ ବିବାହିତା ଝିଅ ଶୁରୁ ନିଖୋଜ ଥିବା ସମ୍ପର୍କରେ ଟମକା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଝିଅ ଚିତ୍ରି ନୂଆଗାଁ ପଡ଼ିଆପଶି ଗ୍ରାମର ମଙ୍ଗଳ ମାଝିଙ୍କୁ ବିବାହ କରିଥିଲେ। ତେବେ ମନୋମାଳିନ୍ୟ ପାଇଁ ଶୁରୁ ଦୀର୍ଘଦିନ ଧରି ତାଙ୍କ ବାପ ଘରେ ରହୁଥିଲେ। ଗତ ୪ ତାରିଖରେ ଶୁରୁ ଚାଉଳ ଆଣିବାକୁ ଯାଇଥିବା ବେଳେ ତାଙ୍କ ମୃତଦେହ ବାଘୁଆପାଳ ଷ୍ଟେଶନଠାରୁ ଅଳ୍ପ ଦୂର ରେଳଧାରଣାରୁ ମିଳିଥିଲା। ତେବେ ମୃତଦେହ ଚିହ୍ନଟ ହେବା ପରେ ଶୁରୁଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିବା ସମ୍ପର୍କରେ ବାପା ମଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟପକ୍ଷରେ ହତ୍ୟାକାଣ୍ଡରୁ ଦୃଷ୍ଟି ଏଡ଼ାଇବା ପାଇଁ ଅଭିଯୁକ୍ତମାନେ ମୃତଦେହକୁ ରାତିରେ ରେଳ ଧାରଣାରେ ପକାଇ ଦେଇଥିଲେ। ଫଳରେ ଟ୍ରେନ୍ ମୃତଦେହକୁ କାଟି ଦେଇଥିଲା। ପାଖାପାଖି ଦୁଇ ସପ୍ତାହ ପରେ ପୋଲିସ ତଦନ୍ତ ଖିଅ ଧରି ୪ ଯୁବକଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗାକୁ ଗ୍ରାମରୁ ପୋଲିସ ଜବତ କରିଛି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଚୁଆରେ ବୁଡ଼ି ନାବାଳକ ମୃତ

**ଯାଁଳା,୨୧।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡ଼ା ଗ୍ରାମରେ ଗୁରୁବାର ଚୁଆରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖଣ୍ଡଗିରି ଥାନା ଅଧୀନ ପାତ୍ରପଡା ଗ୍ରାମର ସନ୍ତୋଷ ବାରିକଙ୍କ ପୁଅ ଜଗନ(୧୨)। ଗଙ୍ଗପଡ଼ା ଗ୍ରାମର ମେଳଣ ଦେଖିବାକୁ ଜଗନ ମା'ନର୍ମଦାଙ୍କ ସହ ମାମୁ ଘରକୁ ଆସିଥିଲେ। ପୂର୍ବାହ୍ନ ୧୧ଟାରେ ଜଗନ ଜଣେ ସାଙ୍ଗଙ୍କ ସହ ଏକ ଚୁଆ ନିକଟକୁ ଯାଇଥିଲେ। କୌଣସି କାରଣରୁ ଉକ୍ତ ଚୁଆରେ ପଡ଼ିଯାଇଥିଲେ। ଚୁଆରେ ପଙ୍କ ଥିବାରୁ ଜଗନ ବାହାରି ପାରି ନ ଥିଲେ। ଜଗନଙ୍କ ସାଙ୍ଗ ଆସି ପରିବାର ଲୋକଙ୍କୁ ଜଣାଇଥିଲା। ଲୋକେ ପହଞ୍ଚି ଉଦ୍ଧାର କରିଥିଲେ ମଧ୍ୟ ଜଗନଙ୍କ ମୃତ୍ୟୁ ହୋଇଯାଇଥିଲା।

### ଅଧାପିକାଙ୍କ ପରଲୋକ

**ବରୀ,୨୧।୪(ଡି.ଏନ.ଏ.):** ବରୀ ବ୍ଲକ ଅଧୀନ ରାଜାତୋଟାସ୍ଥିତ କାଦମ୍ବିନୀ ପାଳ ମହିଳା ମହାବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗ ଅଧାପିକା ମାନସୀ ଜେନାଙ୍କ ବୁଧବାର ରାତିରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ଛୋଟି ଅଞ୍ଚଳରେ। ତେବେ ଏଠାରେ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନରୁ ସେ ଅଧାପନା କରି ଆସୁଥିଲେ। ମାତ୍ର କିଛି ଦିନ ପୂର୍ବରୁ ତାଙ୍କର କେନ୍ଦ୍ରାପଡ଼ା ଜିଲାକୁ ବଦଳି ହୋଇଥିଲା। ତାଙ୍କର ଶିକ୍ଷାଦାନ ଏବଂ ଛାତ୍ରୀମାନଙ୍କ ସହିତ ଉତ୍ତମ ସମ୍ପର୍କ ଯୋଗୁ ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ଥିଲା। ତାଙ୍କ ମୃତ୍ୟୁ ଖବର ପାଇ ମହିଳା ମହାବିଦ୍ୟାଳୟ ଯୁକ୍ତ ୨ ଅଧ୍ୟକ୍ଷ ଶଙ୍କର୍ଷଣ ପଣ୍ଡା, ଯୁକ୍ତ ୩ ଅଧ୍ୟକ୍ଷା ରଶ୍ମି ବେଉରିଆ, ବରିଷ୍ଠ କିରାଣି ଚନ୍ଦ୍ରଭାନୁ ନାୟକ, ବିବେକ ମିଶ୍ର, ଅଧାପିକା ଜୟନ୍ତୀ ଦାଶ ଓ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ସମେତ ମହାବିଦ୍ୟାଳୟର ଅଧାପିକାଅଧାପକ ଓ କର୍ମଚାରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ମରଶରୀରକୁ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପୁଅ ରାଜା ମୁଖାଗ୍ନି ଦେଇଛନ୍ତି।

# ମେଗା ପାନୀୟ ଜଳ ପ୍ରକଳ୍ପ ଷ୍ଟକ୍‌ୟାର୍ଡକୁ ବିରୋଧ


ପାଇପ୍ ଗଚ୍ଛିତକୁ ନେଇ ସ୍ଥାନୀୟ ଲୋକଙ୍କ ବିକ୍ଷୋଭ ପ୍ରଦର୍ଶନ।

**ଧର୍ମଶାଳା,୨୧।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରଞ୍ଜିଆ ପଞ୍ଚାୟତ ପୋବଳ ଗ୍ରାମରେ ଥିବା ମେଗା ପାନୀୟ ପ୍ରକଳ୍ପର ଷ୍ଟକ୍‌ୟାର୍ଡକୁ ଗୁରୁବାର ଗ୍ରାମବାସୀ ବିରୋଧ କରିଛନ୍ତି। ଏଠାରେ ଦୀର୍ଘ ଦୁଇ ବର୍ଷ ହେଲା ପ୍ରକଳ୍ପର ପାଇପ ଓ ଅନ୍ୟ ସାମଗ୍ରୀ ରଖାଯାଇ ପାଞ୍ଚ ଏକର ପରିମିତ ସ୍ଥାନକୁ ଅବରୋଧ କରାଯାଇଛି। ଫଳରେ ଏହି ଗୋଚର ଜମିରେ ଗାଁର ଗୋରୁ ଚରିବା ନିମନ୍ତେ ସମସ୍ୟା ସୃଷ୍ଟି ହୋଇଛି। ଅପରପକ୍ଷେ ପ୍ରକଳ୍ପ ପାଇଁ ଏଠାରେ ଦୈନନ୍ଦିନ ବଡ଼ବଡ଼ ଗାଡି ଯିବା ଆସିବା ଫଳରେ ରାସ୍ତା ଖରାପ ହେବା ସହ ଧୂଳିଧୂଆଁରେ ଗ୍ରାମବାସୀ ଅତିଷ୍ଠ ହୋଇପଡୁଛନ୍ତି। ଏନେଇ ଗ୍ରାମବାସୀ ଧର୍ମଶାଳା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ତେଣୁ ବାଧ୍ୟ ହୋଇ ଶତାଧିକ ଗ୍ରାମବାସୀ କମ୍ପାନୀର ଷ୍ଟକ ୟାର୍ଡର ଫାଟକ ସମ୍ମୁଖରେ ହୋହଲ୍ଲା କରିବା ସହ ଏହାକୁ ତୀବ୍ର ବିରୋଧ କରିଛନ୍ତି।

# କୃଷକ ସାଥୀ ସଙ୍ଗଠନର ବୈଠକ

**ଚଢ଼େଇଧରା,୨୧।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ କୃଷକ ସାଥୀ ସଙ୍ଗଠନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ରବୀନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ଜିଲାର ୧୦ଟି ବ୍ଲକର ସଭାପତି ଓ ସମ୍ପାଦକଙ୍କ ସହିତ କୃଷକ ସାଥୀମାନେ ଯୋଗ ଦେଇଥିଲେ। ବୈଠକରେ କୃଷକ ସାଥୀଙ୍କ ସ୍ଥାୟୀ ନିଯୁକ୍ତ, ମାସିକ ପାରିଶ୍ରମିକ ବୃଦ୍ଧି, ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମରେ କୃଷକ ସାଥୀଙ୍କ ଅଂଶଗ୍ରହଣ, ପରିଚୟପତ୍ର ପ୍ରଦାନ, ଖରିଫ୍ ଚାଷ ପାଇଁ ଚାଷ ଓ ବିହନ ବୁଣିବା ପାଇଁ ସଚେତନତା ସୃଷ୍ଟି କରାଇବା, ଯୁବକମାନଙ୍କୁ ଚାଷପ୍ରତି ଆକୃଷ୍ଟ କରିବାକୁ ଉତ୍ସାହିତ କରିବା ଆଦି ପ୍ରସ୍ତାବମାନ ରାଜ୍ୟ ସରକାରଙ୍କୁ ଜଣାଇବା ପାଇଁ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସଭାପତି ଓ ଜିଲା ସମ୍ପାଦକ ହରିହର ସ୍ୱାଇଁ, ରବୀନ୍ଦ୍ର ଖଟୁଆ, ବୈରାଗୀ ଚରଣ ନାୟକ, ସୌମ୍ୟ ରଞ୍ଜନ ସାମଲ, କଳାକାର ସାହୁ, ହୃଦାନନ୍ଦ ସେଠୀ, ଧ୍ରୁବାନନ୍ଦ ରାଉତ, ନରେଶ ଚନ୍ଦ୍ର ସାମଲ, ପଦନ ଚରଣ ମହାନ୍ତି, ନୀଳମଣି ସାହୁ, ବଲ୍ଲଭ କୁମାର ସାମଲ ଓ ଦେବବ୍ରତ ସାହୁ ଉପସ୍ଥିତ ଥିଲେ।

# କେତକିଆଁ ଝାମୁଯାତ୍ରା ଉଦ୍‌ଯାପିତ

**ଯାଜପୁର ସଦର,୨୧।୪(ଡି.ଏନ.ଏ.)**

ଯାଜପୁର ବ୍ଲକ ଅନ୍ତର୍ଗତ ଉପରବରୁହାଁ ପଞ୍ଚାୟତର କେତକିଆଁ ଆଦ୍ୟାଶକ୍ତି ଜଗତ୍‌ଜନନୀ ମହାମାୟା ବିଶ୍ୱରୂପା ପୀଠରେ ୪ ଦିନ ଧରି ଚାଲିଥିବା ଝାମୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଝାମୁଯାତ୍ରା ୪୦ବର୍ଷରୁ ଉର୍ଦ୍ଧ୍ୱ ହେବ ପାଳନ ହୋଇଆସୁଛି। ବିଶ୍ୱାସ ରହିଛି ଯେ ଏହି ପୀଠରେ ମାନସିକ ରଖି ଝାମୁଯାତ୍ରାର ନିଆଁ ଉପରେ ଚାଲିଲେ ମାନସିକ ପୂରଣ ହୋଇଥାଏ। ତେବେ କରୋନା କଟକଣା ପାଇଁ ୨ବର୍ଷ ଯାତ୍ରା ବନ୍ଦ ରହିଥିଲା। ଏବର୍ଷ ପୁଣି ଯାତ୍ରା ହୋଇଥିବାରୁ ଏହି ଦୃଶ୍ୟ ଦେଖିବାକୁ ହଜାରହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୀଠର ମୁଖ୍ୟ ପୁରୋଧା ପୂଜକ ନନ୍ଦକିଶୋର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା କରାଯାଇଥିଲା। ପୀଠର ମୁଖ୍ୟ ପରିଚାଳକ ନୃସିଂହ ଚରଣ ସିଂ, ଅନାଦି ସେଠୀ, ଦୁର୍ଲଭ ଦାସ, ସୁରେନ୍ଦ୍ର ଦାସ, ରାମ ସେନାପତି ଓ ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଝାମୁଯାତ୍ରା ପରିଚାଳନା କରିବା ସହିତ ଭକ୍ତମାନଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା କରିଥିଲେ।


ମାନସିକଧାରୀ ନିଆଁରେ ଚାଲୁଛନ୍ତି।

# କାଳିଆସୁଣୀ ଯଜ୍ଞ ଉଦ୍‌ଯାପିତ

**ଚଢ଼େଇଧରା,୨୧।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଭୁବନପୁରସ୍ଥିତ ମା' କାଳିଆସୁଣି ପୀଠରେ ୩ ଦିନ ଧରି ଚାଲିଥିବା କାଳିଆସୁଣି ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଶୁଭାଧିବାସ ସହିତ କଳସ ଶୋଭାଯାତ୍ରା କରାଯାଇ ଗ୍ରାମ ପରିକ୍ରମା ପରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ଅବସରରେ ଦୁଇ ଦିନ ଧରି ବାଗ୍ମୀ ବୈରାଗୀ ବେହେରାଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଅନ୍ତିମ ଦିନରେ ଗୀତସାଗର ଦ୍ୱାରା ଭଜନ ଓ ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ଗ୍ରାମରେ ୩ ଦିନ ଧରି ଆମିଷ ଭକ୍ଷଣ ନିଷେଧ ଥିଲା। ଦୁଇ ବର୍ଷ ପରେ ମା'ଙ୍କ ଯଜ୍ଞ ଅନୁଷ୍ଠିତ ହୋଇଥିବାରୁ ପ୍ରବଳ ଜନସମାଗମ ହୋଇଥିଲା। ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଶାନ୍ତି ଶୃଙ୍ଖଳାରେ ଯଜ୍ଞ ସମାପନ ହୋଇଥିଲା।

# 'ବିରଜା ଜ୍ୟୋତି' ପତ୍ରିକା ଉନ୍ମୋଚିତ

**ଯାଜପୁର ସଦର,୨୧।୪(ଡି.ଏନ.ଏ.)**

ଯାଜପୁରରୁ ପ୍ରକାଶ ପାଉଥିବା ଆଧାତ୍ମିକ, ସାଂସ୍କୃତିକ ଓ ଗବେଷଣାତ୍ମକ ଷଡ଼ମାସିକ ପତ୍ରିକା 'ବିରଜା ଜ୍ୟୋତି' ଉନ୍ମୋଚିତ ହୋଇଯାଇଛି। ମା' ବିରଜା ମନ୍ଦିର ପରିସରରେ ଏହି ପତ୍ରିକାକୁ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାମଲ ଉନ୍ମୋଚନ କରିଛନ୍ତି। ପତ୍ରିକାର ମୁଖ୍ୟ ସମ୍ପାଦକ ପଣ୍ଡିତ ଡ. ଜ୍ଞାନରଞ୍ଜନ ପତି ଅତିଥି ଓ ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ ବେଦପାଠ କରିଥିଲେ। ବରିଷ୍ଠ ସଦସ୍ୟ ପଣ୍ଡିତ ପ୍ରମୋଦ କୁମାର ଦ୍ୱିବେଦୀ ବିରଜା ଜ୍ୟୋତି ପ୍ରକାଶନର ୪୦ ବର୍ଷର ଇତି ବୃତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ବରିଷ୍ଠ ସଦସ୍ୟ ନୃସିଂହ ଚରଣ ମହାପାତ୍ର ପତ୍ରିକାର ପୃଷ୍ଠ ପୋଷକ ସଂଗ୍ରହ ଉପରେ ଆଲୋକପାତ କରିଥିଲେ। ସଦସ୍ୟ ଗଦାଧର କୁଣ୍ଡୁ ପତ୍ରିକା ପ୍ରକାଶନରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ସୂଚନା ଦେଇ ଆର୍ଥିକ ସଙ୍କଟ ଦୂରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ପତ୍ରିକା ସମ୍ପାଦନ କାର୍ଯ୍ୟରେ ସମ୍ପାଦକଙ୍କୁ ସହଯୋଗ ପାଇଁ ଆଉ ୩ ବିରଜା ସଂସ୍କୃତି ପ୍ରେମୀ ଯୁବବ୍ୟକ୍ତିଙ୍କୁ ସମ୍ପାଦକ ମଣ୍ଡଳୀରେ ଗ୍ରହଣ କରିବା ପାଇଁ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ ଯୋଗଦେଇ ବିରଜା ଜ୍ୟୋତିରେ ପ୍ରକାଶ ପାଉଥିବା ଉଚ୍ଚ ମାନର ଲେଖାଗୁଡ଼ିକୁ ଏକ ସ୍ୱତନ୍ତ୍ର ସଙ୍କଳନରେ ପ୍ରକାଶ କରାଗଲେ ଜିଜ୍ଞାସୁ ବିରଜାନୁଗାମୀମାନେ ବିଶେଷ ଉପକୃତ ହୋଇପାରନ୍ତେ ବୋଲି କହିଥିଲେ। ଶେଷରେ ପାଣ୍ଡବ ସାହୁ ଧନ୍ୟବାଦ ଦେଇଥିଲେ। ମନ୍ଦିର ବରିଷ୍ଠ ସେବାୟତ ସୁବାସ ଚନ୍ଦ୍ର ପାଣି, ସୁକାନ୍ତ ପାଣିଙ୍କ ସମେତ ଅନ୍ୟ ସେବାୟତ ଉପସ୍ଥିତ ରହି ପତ୍ରିକା ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର

**ଯାଜପୁର ଟାଉନ,୨୧।୪(ଡି.ଏନ.ଏ.)**

ଯାଜପୁର ବ୍ଲକ ଅନ୍ତର୍ଗତ ନାଥସାହି ଆଞ୍ଚଳିକ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଅଶୋକ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିରଜା ମହିଳା ମହାବିଦ୍ୟାଳୟ ନୋଡାଲ୍ ଅଫିସର ଡ. ଅଖିଳ ରଞ୍ଜନ ପାଢ଼ୀ, ସମ୍ମାନିତ ଅତିଥି ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. ବିନୋଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦାନ କରି ବାଳିକାଙ୍କ ଆତ୍ମରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ଇଂଲିଶ ବିଭାଗ ମୁଖ୍ୟ ଜ୍ଞାନଚାନ୍ଦ ଦାସ, ଅଧ୍ୟାପକ ରତିକାନ୍ତ ତ୍ରିପାଠୀ, ନିରଞ୍ଜନ ମହାନ୍ତ, ଉମାକାନ୍ତ ନାୟକଙ୍କ ସମେତ ମହାବିଦ୍ୟାଳୟର ପର୍ଶୁରାମ ମହାପାତ୍ର, ରଶ୍ମିତା ମହାନ୍ତି ଓ ମନୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରେନର ଭାଗ୍ୟଶ୍ରୀ ମହାପାତ୍ର ଓ ରଜିଆ ବେଗମ୍ ପରିଚାଳନା କରିଥିଲେ। ସଂଯୋଜକ ଅଧ୍ୟାପକ ଜ୍ଞାନେନ୍ଦ୍ର ବଲ୍ଲଭ ରାଉତରାୟ ଧନ୍ୟବାଦ ଦେଇଥିଲେ।


ଛାତ୍ରୀମାନେ ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଛନ୍ତି।


बैंक ऑफ़ बड़ौदा
Bank of Baroda
VIJAYA DENA

**REGIONAL OFFICE, BHUBANESWAR**
**1st Floor, Bivab Gulmohar, Behera Sahi, Nayapalli**
**Bhubaneswar-751012, Odisha, Phone-(0674) 24221210**

**ASSIGNMENT OF DUTIES OF SPECIAL ASSISTANT**

It has been decided to fill up the vacancies of Special Assistant at the Following branches in the Region, in terms of the provisions of "The Settlement of assignment of duties of Special Assistant-1991 and Amendment Settlement on Special Assistant-2003 dated 03.04.2003.

| Sr. No. | ORGANIZATION NAME | ALPHA |
|---|---|---|
| 1 | KAKATPUR | KAKATP |
| 2 | BHUBANESWAR, KHANDAGIRI | KHANDG |

In view of the above, online applications are invited from clerical staff members who have put in minimum -3- years of service in clerical cadre and who are not otherwise ineligible in terms of the following:-

1. An employee who is transferred at his/her own request and forgoes/undertake not to claim special pay for a Specified period in terms of the administrative guidelines, shall not be considered for assignment of duties carrying special pay for that period.
2. Once an employee refuses to accept offer of assignment of duties of Special Assistant on regular basis, he/she shall be ineligible for assignment of such duties on regular as well as temporary basis for a period of -2- years from the date of such offer. His/her case would be considered only after that period if he/she makes a written request after that period for consideration of his/her case in future.
3. When an employee refuses to accept offer of assignment of duties of Special Assistant on temporary basis on three occasions, he/she shall be ineligible for assignment of such duties on regular as well as on temporary basis for a period of -2- years from the date of the offer. His/her case would be considered only after that period if he/she makes a written request after that period for consideration of his/her case in future.
4. Conditional acceptance of offer of duties of Special Assistant on temporary or on regular basis shall be deemed as a refusal to accept the offer. For this purpose, offer by the Bank and acceptance by the employee shall be done only in proforma 'A' and ' B' respectively. Acceptance of offer if any in other form shall constitute refusal of the offer.
5. Clause (1) & (2) above shall also be applicable in cases where employees have opted and have been given reversion from the post of Special Assistant.
6. The Principles of para 529 of Sastry Award shall be applicable for assignment of duties cf Special Assistant and 'the Bank' shall have the right to supersede a senior employees in terms of the principles laid down under the paragraph.

**Special Assistant, who have completed -3- years of service as Special Assistant and has been posted as Special Assistant outside the place of posting is eligible for applying to any of the above mentioned post of Special Assistant in terms of Clause of re-transfer of Special Assistant and they have to submit their application as per Annexure-II.**

**MODE OF SELECTION:**

- The application received from amongst eligible clerical staff members, as mentioned above, will be listed in terms of their seniority reckoned in terms of clause 3.2 and 3.3 of the settlement for assignment of duties of "duties of Special Assistant -1991" as on the date of occurrence of vacancy centre wise.
- The -3- senior most eligible applicants from the aforesaid seniority list of each identified centre will be called for interview. The senior most eligible candidate found suitable in the interview for the aforesaid vacancies shall be assigned the duties of Special Assistant at respective centre of vacancy.
- The applicant so selected and assigned the duties of Special Assistant at a place other than the place of his immediate preceding posting shall be considered to have been transferred and posted at the instance of the Bank.

The eligible employees of clerical cadre as mentioned above may submit their ON-LINE application on or before **28.04.2022**. They shall take print of the application and submit the printed copy of the application to the Branch Heads. The Branch Heads shall forward the same to the Regional Authority on or before **29.04.2022**.

**Please note that if any Business Associate wants to apply for more than one Branch, have to apply separately for each vacancy.**

Please bring the contents of this circular to the notice of the clerical staff members of the branch/office and also display this circular on the "Notice Board" of the Branch/office so as to enable the clerical staff members to apply. A copy of this circular and proforma be sent to the eligible staff members who are on sanctioned leave during the above period.

**Place: Bhubaneswar**
**Date: 21.04.2022**

**Sd/-Asst. General Manager,**
**Bank of Baroda**

## ସଂକ୍ଷେପରେ

### ମା'କୁତାମଚଣ୍ଡୀଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା

**ନାଉଗାଁ,୨୧।୪(ସ୍ୱ.ପ୍ର):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁରସ୍ଥିତ ଦେବୀଦୋଳର ପ୍ରାଚୀନ ଶକ୍ତି ପୀଠ ମା'କୁତାମଚଣ୍ଡୀଙ୍କ ପୀଠରେ ଗୁରୁବାର ପ୍ରସିଦ୍ଧ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋଭିଡ କଟକଣା ଯୋଗୁ ୨ ବର୍ଷ ହେବ ଏହି ଯାତ୍ରା ନିରାଡ଼ମ୍ବର ଭାବେ ପାଳନ କରାଯାଇଥିଲା। ଏବେ କଟକଣା ଉଠିବା ପରେ ଚଳିତ ବର୍ଷ ଏହି ଯାତ୍ରା ଆଡ଼ମ୍ବରର ସହ ପାଳନ କରାଯାଇଛି। ମନ୍ଦିର ଚତୁଃପାର୍ଶ୍ୱରେ ବିଭିନ୍ନ ଦୋକାନ ଖୋଲା ଯାଇଛି। ଚୈତ୍ର ମାସ ଚତୁର୍ଥ ଓ ପଞ୍ଚମ ଗୁରୁବାର ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଝାମୁଯାତ୍ରା ପାଇଁ ମା'ଙ୍କୁ ଯଥାରୀତି ପୂର୍ବକ ପୂଜାର୍ଚ୍ଚନା କରାଯିବା ସହ ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା। ମା'ଙ୍କୁ ମହାକାଳୀ ରୂପରେ ସୁସଜ୍ଜିତ କରାଯାଇଥିଲା। ଏହାପରେ କାଳିଶି ନିଆଁ ମଧ୍ୟରେ ଖାଲି ପାଦରେ ୩ ଘେରା ଚାଲିଥିଲେ। ଏହି ଯାତ୍ରା ଦେଖିବା ପାଇଁ ମାଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଯୁବକ ସଂଘର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

**ମାର୍ଶାଘାଇ,୨୧।୪(ଡି.ଏନ.ଏ.):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଟିରା ଗ୍ରାମର ଯାତ୍ରା ପଡିଆରେ ଶ୍ରୀସଚ୍ଚିଦାନନ୍ଦ ଯୁବକ ସଂଘର ପ୍ରଥମ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସଙ୍ଗଠନ ସଭାପତି ସତ୍ୟବ୍ରତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟକୁରା ଥାନା ଅଧିକାରୀ ସରୋଜ ସାହୁ, ମାର୍ଶାଘାଇ ଥାନା ଅଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ, ସାମାଜିକ କର୍ମୀ ମାନସ ଦାସ ଓ ବାବାଜୀ ଅମୃତାନନ୍ଦ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାମାଜିକ କର୍ମୀ, ଖବରଦାତା ଓ ସାମାଜିକ ଅନୁଷ୍ଠାନଙ୍କୁ ଶ୍ରୀଜଗନ୍ନାଥ ପ୍ରତିଭା ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୪୦ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଥିଲା। ଶେଷରେ ୧୪ବର୍ଷରୁ କାମ ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଓ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ହକରଙ୍କୁ ପରିଚୟ ପତ୍ର ପ୍ରଦାନ

**ଜଗତ୍‌ସିଂହପୁର ଅଫିସ, ୨୧।୪:** ଖବରକାଗଜ ହକରମାନଙ୍କୁ କୋଭିଡ୍ ସହାୟତା ରାଶି ୨୦୨୧ଡିସେମ୍ବର ୨୩ରେ ମୁଖ୍ୟମନ୍ତ୍ରୀ ଆଭାସି ମାଧମରେ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାରେ ଥିବା ୧୯୩ ଜଣ ହକରଙ୍କ ତାଲିକା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦନ ପରେ ପରିଚୟ ପତ୍ର ପ୍ରସ୍ତୁତ କରାଯାଇଥିଲା। ଗୁରୁବାର ଏହି ପରିଚୟ ପତ୍ର ଦିଆଯିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବ୍ୟବସ୍ଥା ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟାୱରୀ ପରିଚୟ ପତ୍ର ପ୍ରଦାନର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନ ଖବରକାଗଜ ବିତରକ ରବୀନ୍ଦ୍ର ମିଶ୍ର, ଅନନ୍ତ ଚରଣ ସାହୁ, ଲକ୍ଷ୍ମୀଧର ନାଥ, ଅଶୋକ ସ୍ୱାଇଁ, ଧନେଶ୍ୱର ଜେନା, କର୍ଣ୍ଣ ନାଥ ଓ ପବିତ୍ର ବେହେରାଙ୍କୁ ଜିଲାପାଳ ପରିଚୟ ପତ୍ର ପ୍ରଦାନ କରିଛନ୍ତି। ଏହି ପରିଚୟପତ୍ର ପାଇଥିବାରୁ ହକରମାନେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅମଳ ସମୟରେ ଆଳୁ କେଜି ୨୦ ଟଙ୍କା

**କେନ୍ଦ୍ରାପଡ଼ା ଅଫିସ, ୨୧।୪**

- କେନ୍ଦ୍ରାପଡ଼ା ଜିଲାରେ ପ୍ରତିଦିନର ଚାହିଦା ୬୦୦ କୁଇଣ୍ଟାଲ
- ଚାଷ ପାଇଁ ମିଳିଲାନି ବିହନ, ଚାଷୀ ହତାଶ
- ୬୬ ମାସ ପରେ କେଜି ପ୍ରତି ମୂଲ୍ୟ ୯୦ ଟଙ୍କା ହୋଇପାରେ



ଆଳୁ ଦରରେ ପକ୍ଷୀ ଲାଗିଛି । ଗତ ସପ୍ତାହରେ କେଜି ପ୍ରତି ଦର ୧୬ ଟଙ୍କା ଥିଲା। ଏବେ ବଜାର ଦର ୨୦ ଟଙ୍କାକୁ ଛୁଇଁଛି। ଆସନ୍ତା ନଭେମ୍ବର ଡିସେମ୍ବର ବେଳକୁ କେଜି ପ୍ରତି ୭୦ରୁ ୯୦ ଟଙ୍କା ରହିବ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ଏହି ସମୟରେ ଜିଲାର ବିଭିନ୍ନ ସ୍ଥାନରେ ଅମଳ ଆଳୁ କେଜି ପ୍ରତି ୨ରୁ ୭ଟଙ୍କାରେ ବିକ୍ରି ହେଉଥିଲା ବୋଲି କଂସାର ଗ୍ରାମର ଆଳୁ ଚାଷୀ ନିରଞ୍ଜନ ପରିଡ଼ା କହିଛନ୍ତି। ଚାଷ ଆରମ୍ଭରୁ ସରକାରୀ ବିହନ ମିଳିଲା ନାହିଁ। ସରକାରୀ ଦର କେଜି ପ୍ରତି ୧୧ଟଙ୍କା ୨୫ ପଇସା ବଦଳରେ ୪୫ ଟଙ୍କାରେ ଖୋଲା ବଜାରରୁ ବିହନ କିଣା ଯାଇଥିଲା। ଏହିବିହନ ମଧ୍ୟ ଉତ୍ପାଦନ ଠିକ୍ ଦେଲା ନାହିଁ ବୋଲି ସେ କହିଛନ୍ତି। କେବଳ ନିରଞ୍ଜନ ନୁହନ୍ତି, ଚାଷୀ, କୃଷକ ନେତା, ବୁଦ୍ଧିଜୀବୀମାନେ ଆଳୁ ମିଶନ ପ୍ରତି ବିଦ୍ରୁପ କରିବା ସହିତ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ଦୂରଦୃଷ୍ଟିକୁ ସମାଲୋଚନା କରିଛନ୍ତି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ପ୍ରତିଦିନ ୬୦୦ କୁଇଣ୍ଟାଲ ଆଳୁ ବ୍ୟବହାର ହେଉଛି। ଏଠାରେ ପ୍ରାୟ ୭୦୦ ହେକ୍ଟର ଜମିରେ ପ୍ରତିବର୍ଷ ଆଳୁଚାଷ ହୋଇଥାଏ। ଏହାବାଦ୍ ଆଳୁର ଚାହିଦା ପୂରଣ ପାଇଁ ପଶ୍ଚିମବଙ୍ଗରୁ ଆଳୁ ଆସିଥାଏ। ଚଳିତ ଆଳୁ ଅମଳ ବର୍ଷରେ ୧ ହଜାର ହେକ୍ଟର ଜମିରେ ଆଳୁଚାଷ ହେବ ବୋଲି ଉଦ୍ୟାନ କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ହେକ୍ଟର ପିଛା ୧୫ କୁଇଣ୍ଟାଲ ହିସାବରେ ଚାଷୀଙ୍କୁ ୧୫,୦୦୦ କୁଇଣ୍ଟାଲ ବିହନ ଆବଶ୍ୟକ ଥିବା ବେଳେ ଉପଯୁକ୍ତ ସମୟରେ ଦେଢ଼ କେଜି ଆଳୁ ବିହନ ଜିଲାରେ ପହଞ୍ଚି ପାରିଲା ନାହିଁ। କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗ ଗ୍ରାମର ହରେକୃଷ୍ଣ ବେହେରା କହିଛନ୍ତି, ଆମିଷ ହେଉ ଅଥବା ନିରାମିଷ, ସବୁଥିରେ ଆଳୁ ଲୋଡ଼ା। ଧନୀ କିମ୍ବା ଗରିବ ଘରେ ଆଳୁ ଏକ ଅତ୍ୟାବଶ୍ୟକ ପରିବା ହୋଇଛି। ଏହା ସତ୍ତ୍ୱେ ବଜାର ଦର ହୁ ହୁ ହୋଇ ବଢୁଛି। ଲେମ୍ବୁ ପରେ ଆଳୁର ଦର ଖାଉଟି ବଜାରରେ ଭୟ ସୃଷ୍ଟି କରିଛି। ପଟ୍ଟାମୁଣ୍ଡାଇର ବୁଦ୍ଧିଜୀବୀ କଳ୍ପତରୁ ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ କିମ୍ବା ଖଣି ନାହିଁ। ତେବେ ଏହି ଜିଲାର ଉର୍ବର ଭୂମି ଓ ନଦୀନାଳ କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରୁଛି। ଏହାସତ୍ତ୍ୱେ ଜିଲା ପ୍ରଶାସକ ଓ ରାଜନେତାଙ୍କ ଦୂରଦୃଷ୍ଟି ନ ଥିବାରୁ ଯୁବବର୍ଗ କୃଷି ଉତ୍ପାଦନକୁ ଭରସା କରିପାରୁନାହାନ୍ତି। ଜଳ ପରିଚାଳନା ଏଠାରେ ଏକ ମୁଖ୍ୟ ସମସ୍ୟା ହୋଇଛି। ଜଳ ନିଷ୍କାସନ ହେଉ ଅଥବା ସେଚନ ପାଇଁ କୌଣସି ସୁଚିନ୍ତିତ ଯୋଜନା ନାହିଁ। ଆଳୁ, ନଳିତା, ଆଖୁ, ଚିନାବାଦାମ, ସୋରିଷ, ରାଶି, ବାଇଗଣ ଆଦି ଉତ୍ପାଦନରେ ଏହି ଜିଲାର ପୂର୍ବରୁ ନାଁ ଥିଲା। ଏବେ ଯୋଜନାବଦ୍ଧ ଭାବେ ଏହି ଚାଷକୁ ପ୍ରୋତ୍ସାହନ ମିଳୁନାହିଁ। ଶୀତଳ ଭଣ୍ଡାର, ବଜାର ମଣ୍ଡି, ଉନ୍ନତ ବିହନ, ତାଲିମ ଆଦି କ୍ଷେତ୍ରରେ ଅଭାବ ରହିଛି। ରାଜ୍ୟ ସରକାରଙ୍କ ୨୦୧୫ର ଆଳୁ ମିଶନ ଏଠାରେ ଦେଖିବାକୁ ମିଳୁନାହିଁ। ଫଳରେ ବଜାର ଦରବୃଦ୍ଧିକୁ ଜିଲାବାସୀ ବାଧ୍ୟହୋଇ ସହୁଛନ୍ତି।

ସହରର ଆଳୁ ବ୍ୟବସାୟୀ ପ୍ରଦୀପ କୁମାର ସାହୁ କହିଛନ୍ତି, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ଆମଦାନୀ ହେଉଥିବା ଆଳୁର ପରିବହନ ଖର୍ଚ୍ଚ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଯୋଗୁ ବଢୁଛି। ପରିବହନ ଖର୍ଚ୍ଚ ଏବେ କୁଇଣ୍ଟାଲ ପିଛା ୬୦ରୁ ୭୦ ଟଙ୍କା ବଢ଼ିଛି। ଖରାଦିନ ପାଇଁ ବସ୍ତାରୁ ପଚା ଆଳୁ ବାହାରୁ ଥିବା ବେଳେ ଗୁଣ୍ଡ ଆଳୁ ପ୍ରତି ଗରାଖଙ୍କ ଆଗ୍ରହ ନାହିଁ। ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ କୁଇଣ୍ଟାଲ ପିଛା ୧୬୫୦ ଟଙ୍କା ହୋଲସେଲର କିଣୁଥିଲା ବେଳେ ରିଟେଲରମାନେ ଅଧିକ ୧୦୦ ଟଙ୍କା ଦେଉଛନ୍ତି। ସେହିପରି ଉତ୍ତରପ୍ରଦେଶରୁ ଆସୁଥିବା ଆଳୁ ଏଠାରେ ପହଞ୍ଚିବାକୁ ପ୍ରାୟ ୪ ଦିନ ଲାଗୁଛି। ଶୀତଳଭଣ୍ଡାରରୁ ଆଳୁ ଆଣିଲେ ଅଧିକ ୫୦ ଟଙ୍କା ଦେବାକୁ ପଡୁଛି। ଏସବୁ ହିସାବ କଲେ ଆଳୁ ବ୍ୟବସାୟ ଏବେ ବିପଦପୂର୍ଣ୍ଣ ହୋଇଛି। ବର୍ଦ୍ଧିତ ଦର ଏପରି ରହିଲେ ଆଗାମୀ ୬ ମାସ ମଧ୍ୟରେ କେଜି ପ୍ରତି ୯୦ରୁ ୧୦୦ ଟଙ୍କା ରହିବା ନେଇ ଆଶଙ୍କା ସୃଷ୍ଟି ହୋଇଥିବା ବ୍ୟବସାୟୀ ସାହୁ କହିଛନ୍ତି।

### ଯମଧରରେ ହେବ ହୋଲସେଲ ମାର୍କେଟ

**କେନ୍ଦ୍ରାପଡ଼ା ଅଫିସ,୨୧।୪**

କେନ୍ଦ୍ରାପଡା ସହର ନିକଟ ଯମଧର ପଞ୍ଚାୟତରେ ଥିବା ନିୟନ୍ତ୍ରିତ ବଜାର କମିଟି ପରିସରରେ ଏକ ହୋଲସେଲର ବଜାର ନିର୍ମାଣ ହେବ। ଏଥିପାଇଁ ୭ କୋଟି ଟଙ୍କାର ବ୍ୟୟ ଅଟ୍ଟକଳ କରାଯାଇଛି। ଏହି ଅର୍ଥ ନିୟନ୍ତ୍ରିତ ବଜାର କମିଟି ତା'ର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବ। ପରେ କେନ୍ଦ୍ର ସରକାର ଏହି ଅର୍ଥ ବହନ କରିବେ। ଏଥିପାଇଁ ୩୨ ଗୋଦାମ ଗୃହ ନିର୍ମାଣ ହେବ। ଏହି ଗୋଦାମ ଗୃହରେ ଚାଷୀମାନେ ଅମଳ କରୁଥିବା ପନିପରିବା ଓ ସାମଗ୍ରୀ ମହଜୁଦ ହୋଇ ରହିବ ବୋଲି ନିୟନ୍ତ୍ରିତ ବଜାର କମିଟିର ନିର୍ବାହୀ ଅଧିକାରୀ ଅଜୟ କୁମାର ରାଉତ କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଏହା ପରିସରରେ ୩ କୋଟି ଟଙ୍କା ବ୍ୟୟରେ ଏକ ଦୈନନ୍ଦିନ ବଜାର ମଧ ନିର୍ମାଣ କରାଯିବ। ସେଥିପାଇଁ ୮୦ଟି ଦୋକାନ ଗୃହ ନିର୍ମାଣ ହେବ। ଏଥିସହ ଜାତୀୟ କୃଷି ବଜାର ଯୋଜନାରେ ୨ କୋଟି ଟଙ୍କା ବ୍ୟୟରେ ସୁନ୍ଦର ରାସ୍ତା ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଯାହା ଫଳରେ ଗାଡି ମଟର ଦ୍ୱାରା ଚାଷୀଙ୍କ ଜିନିଷ ପରିବହନ ସୁବଧାରେ ହେବ। ୧୯୭୯ରେ ଏହି ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଥିଲା। ଏଥିପାଇଁ ୧୯୮୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏହା ସହରଠାରୁ ଦୂରରେ ହୋଇଥିବାରୁ ଲୋକମାନେ ଏହା ପରିସରକୁ ପନିପରିବା ସମେତ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ଆସିବାକୁ ସମସ୍ୟାରେ ପଡୁଛନ୍ତି। ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହିପରି ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ନିର୍ବାହୀ ଅଧିକାରୀ ରାଉତ କହିଛନ୍ତି।

## ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଫିସ୍ ସମ୍ମୁଖରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଧାରଣା



ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

**ଡେରାବିଶ,୨୧।୪(ସ୍ୱ.ପ୍ର.)**

ବିଭିନ୍ନ ଅନିୟମିତତା ପ୍ରତିବାଦରେ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଲେଭୁଲ୍-୫ (ଏକ୍ସ କ୍ୟାଡ଼ର) ସଂଘର ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁରୁବାର ୬ ଦଫା ଦାବି ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏକ୍ସ କ୍ୟାଡ଼ର ସଂଘ ସଭାପତି ନିର୍ମଳ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶିକ୍ଷକ ସମନ୍ୱୟ ସମିତିର ସଂଯୋଜକ ଭକ୍ତରଞ୍ଜନ ସ୍ୱାଇଁ, ଉପଦେଷ୍ଟା ସୁବୋଧ କୁମାର ପରିଡ଼ା, ଅଶ୍ୱିନୀ କୁମାର ରାଉତ, ଚକ୍ରଧର ନାୟକ, ହରେକୃଷ୍ଣ ମହାନ୍ତି, ଲଲାଟ କିଶୋର ଭୂୟାଁ, ଏକ୍ସକ୍ୟାଡ଼ର ସଂଘ ଉପସଭାନେତ୍ରୀ ଦେବସ୍ମିତା ବେହେରା, ସମ୍ପାଦିକା ରଶ୍ମିରେଖା ବରାଳ, ମାନସ ରଞ୍ଜନ ରାଉତ, ବୈକୁଣ୍ଠ ବିହାରୀ ଦାସ, ପ୍ରଭାତ କୁମାର ବେହେରା, ପ୍ରଦୀପ ବେହେରା ପ୍ରମୁଖ ବ୍ଲକ୍ ଶିକ୍ଷାଧିକାରୀଙ୍କ ଶିକ୍ଷକମାନଙ୍କ ପ୍ରତି ଅଣଦେଖା ଓ ମନମାନୀର ପ୍ରତିବାଦ କରିଥିଲେ। ଗଣଶିକ୍ଷକମାନଙ୍କୁ ସରକାରୀସ୍ତରରେ ଲେଭୁଲ୍-୫ ସରକାରୀ ଶିକ୍ଷକ ଭାବେ ମାନ୍ୟତା ଦିଆଯାଇଛି। ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ବକେୟା ଦରମା ୯୯ ହଜାର ଟଙ୍କା ୨ଥର ଆସିଥିଲା। କୌଣସି ସରକାରୀ ନିର୍ଦ୍ଦେଶ ନ ଥାଇ ପ୍ରତ୍ୟେକ ଶିକ୍ଷକଙ୍କ ୨୦ ହଜାର ଲେଖାଏ ୪୦ ହଜାର ଟଙ୍କା କାଟି ରଖିବା, ୨୦୧୭ରୁ ଆଜି ଯାଏ ଡିଏ ଓ ଏରିୟର ପ୍ରଦାନ ନ କରିବା, ମାସିକ ଦରମା ୧୭ ପ୍ରତିଶତ ବଦଳରେ ୩୧ ପ୍ରତିଶତ ଡିଏ ସହ ପ୍ରଦାନ, ୨୦୧୯ର ଇନ୍‌କ୍ରିମେଣ୍ଟ ଓ ବକେୟା ଦରମା ପ୍ରଦାନ ସହ ଶିକ୍ଷୟିତ୍ରୀଙ୍କ ପ୍ରସୂତୀକାଳୀନ ଅର୍ଥ ପ୍ରଦାନ, ରାଜ୍ୟ ସରକାରଙ୍କ ନୂତନ ନୀତି ଆଧାରରେ ଜିଆଇଏସ୍ ବାବଦକୁ ଦେୟ କାଟିବା, ଶିକ୍ଷକଙ୍କ ଏନ୍‌ପିଏସ୍ ଆକାଉଣ୍ଟରେ ତୁରନ୍ତ ମାସିକ ଅର୍ଥ କିସ୍ତି ଭରଣା ଓ ଶିକ୍ଷକମାନଙ୍କ ଖୋଲାଯାଇଥିବା ସେବାପ୍ରଦାନ ବହି କାର୍ଯ୍ୟାଳୟରେ ରଖିବା ପାଇଁ ସ୍ଥାନ ପ୍ରଦାନ ଇତ୍ୟାଦି ପ୍ରମୁଖ ଦାବି ଉପରେ ଏହି ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ଅପରାହ୍ନ ୩ଟାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟଙ୍କ ହସ୍ତକ୍ଷେପ ଫଳରେ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଧାରଣା ସ୍ଥଳକୁ ଆସି ଶିକ୍ଷକମାନଙ୍କ ଠାରୁ ସେମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ଖୁବ୍‌ଶୀଘ୍ର ଶିକ୍ଷକମାନଙ୍କ ସମସ୍ୟାକୁ ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ୮ ସପ୍ତାହରେ ପଦକ୍ଷେପ ନିଅ

**ଜଗତ୍‌ସିଂହପୁର ଅଫିସ, ୨୧।୪**

**କୁଜଙ୍ଗ ଅମୃତ ଦାଶ ହତ୍ୟା ମାମଲାରେ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ**

କୁଜଙ୍ଗ ଯୁବ ଇଞ୍ଜିନିୟର ଅମୃତ ଦାଶଙ୍କ ହତ୍ୟା ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି। ୧୭।୩।୨୨ରେ କମିଶନ ୮ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ଜଗତ୍‌ସିଂହପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ମୃତ ଅମୃତଙ୍କ ପରିବାର ସଦସ୍ୟ ଗୁରୁବାର ଏସ୍‌ପି ଅଖିଳେଶ୍ୱର ସିଂହଙ୍କୁ ସାକ୍ଷାତ ନ୍ୟାୟ ମାଗିଛନ୍ତି, ଅମୃତଙ୍କ ମା' ସୁଲୋଚନା ଦାଶ, ବଡ ଭାଇ ସୁବ୍ରତ ଦାଶ କହିଛନ୍ତି, ୨୦୧୯ ଜୁଲାଇ ୨୦ରେ ଅମୃତଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରଥମେ ତିର୍ତ୍ତୋଲ ଓ ପରେ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ଏହି ପରିବାରକୁ ନିରାଶ କରିଥିଲା। ବରଂ ଦୁର୍ଘଟଣା କହି ପ୍ରସଙ୍ଗକୁ ଭିନ୍ନ ମୋଡ ଦେଇଥିଲା। ଏଥପାଇଁ ପରିବାର ସଦସ୍ୟ କୁଜଙ୍ଗ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ। ନ୍ୟାୟାଳୟର ନିର୍ଦ୍ଦେଶ ପରେ କୁଜଙ୍ଗ ପୋଲିସ ମାମଲା ରୁଜୁ କରିଥିଲେ ସୁଦ୍ଧା ସନ୍ତୋଷଜନକ ତଦନ୍ତ ନ କରି ଚାର୍ଜଶିଟ୍ ଦାଖଲ କରିଛି। ଅମୃତ ମୃତ୍ୟୁକୁ ଇତିମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ସେମାନଙ୍କୁ ନ୍ୟାୟ ମିଳିପାରିନାହିଁ। ଏନ୍‌ଏଚ୍‌ଆର୍‌ସିରେ ତତ୍କାଳୀନ ଏସ୍‌ପି, କୁଜଙ୍ଗ ଓ ତିର୍ତ୍ତୋଲ ଥାନା ଆଇଆଇସି, ଜଣେ ଏସ୍‌ଆଇ ଓ ଜଣେ ଏଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା।



ମୃତକଙ୍କ ଭାଇ ଓ ମା' ଅଭିଯୋଗପତ୍ର ଓ ଫଟୋ ଦେଖାଉଛନ୍ତି।

### ମେଘମହ୍ଲାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ରାଜନଗର, ୨୧।୪(ଡି.ଏନ.ଏ.)**

ମା'ପାଟ୍ଟକୁମାରୀ କଳା ବିକାଶ ଯୁବ ସଙ୍ଗଠନ ମେଘ ମହ୍ଲାର ଏଣ୍ଟୁଳାପୁର ଆନୁକୂଲ୍ୟରେ ରାଜନଗର ବ୍ଲକର ଏଣ୍ଟୁଳାପୁର ଠାରେ ମେଘମହ୍ଲାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୮ଟି କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କନକଦୁର୍ଗା କ୍ରିକେଟ ଟିମ ନୁଆଗାଁ ଓ ବଜରଙ୍ଗୀ କ୍ରିକେଟ ଟିମ ବ୍ରାହ୍ମଣସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣସାହି କ୍ରିକେଟ ଟିମ୍ ବିଜୟ ଲାଭ କରିଥିଲା। ହାତିନା ପଞ୍ଚାୟତ ବିଜେଡି ସଭାପତି ଘନଶ୍ୟାମ ବଳ, ଗାଁର ମୁରବୀ ନିମାଇଁ ଚରଣ ଜେନା, ଅଭୟ କୁମାର ରାଉତ, ନଳିନୀକାନ୍ତ ଜେନା, ଶିକ୍ଷକ ଗୋଲଖ ବିହାରୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ମହାନଦୀ ଫେରିଘାଟ ୫୬ ଲକ୍ଷରେ ନିଲାମ

**ମହାକାଳପଡ଼ା,୨୧।୪(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ରାମନଗର ପଞ୍ଚାୟତ ବହାକୁଦସ୍ଥିତ ମହାନଦୀ-ମୂଷାଡିଆ ଫେରିଘାଟ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁବାର ନିଲାମ ଶେଷ ହୋଇଛି। ଏହି ନିଲାମରେ ମୋଟ ୧୨ ଜଣ ବିଡର ଅଂଶ ଗ୍ରହଣ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ୩୫ ଲକ୍ଷ ୭୬ ହଜାର ଟଙ୍କା ଉପରକୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନିଲାମଧାରୀମାନେ ପ୍ରଶାସନ ପକ୍ଷରୁ ଘୋଷଣା ଅନୁସାରେ ନିଲାମ ଡାକି ଥିଲେ। ଶେଷରେ ମାର୍ଶାଘାଇ ବ୍ଲକ ଅଧୀନ କୁସୁନପୁର ଗ୍ରାମର ଆନନ୍ଦ କୁମାର ସାହୁ ୫୬ ଲକ୍ଷ ୩ ହଜାର ଟଙ୍କାରେ ନିଲାମ ଧରିଥିବା ବିଡ଼ିଓ ଦେବାଶିଷ ରାଉତ ଘୋଷଣା କରିଛନ୍ତି। ଗତବର୍ଷ ୩୨ ଲକ୍ଷ ୫୧ ହଜାର ଟଙ୍କାରେ ଏହି ଫେରିଘାଟ ନିଲାମ ହୋଇଥିଲା। ନିଲାମ ଟଙ୍କା ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ସରପଞ୍ଚ ମିଳନ କୁମାର ଦେବନାଥ କହିଛନ୍ତି। ଏହି ନିଲାମ ପ୍ରକ୍ରିୟାରେ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ, ସହକାରୀ ବିଡ଼ିଓ କିରନ୍ କୁମାର ସାମଲ, ବ୍ଲକ ଏସିଓ ସଂଗ୍ରାମ କେଶରୀ ବେଉରା, ୨୩ନଂ. ଜିଲାପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ସଫା କରିବାକୁ କହି ସୁନାଚେନ, କାନଫୁଲ ଲୁଟ୍

**ରଘୁନାଥପୁର,୨୧।୪(ଡି.ଏନ୍.ଏ.)**

ରଘୁନାଥପୁର ଥାନା ଗୋକୁଳପୁର ଗ୍ରାମରେ ଅଭିନବ ଢଙ୍ଗରେ ଜଣେ ମହିଳାଙ୍କଠାରୁ ୨ ଜଣ ଦୁର୍ବୃତ୍ତ ସୁନାଚେନ ଓ କାନଫୁଲ ଲୁଟି ନେଇଛନ୍ତି। ଏନେଇ ରମେଶ ଚନ୍ଦ୍ର ସିଂହଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨ ଜଣ ଅଚିହ୍ନା ଯୁବକ ଗୁରୁବାର ତାଙ୍କ ଘରେ ପହଞ୍ଚିଥିଲେ। ସେମାନେ ନିଜକୁ ଏକ ଗହଣା ସଫେଇ ପାଉଡର କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇ ପ୍ରମୋଶନ ପାଇଁ ଆସିଥିବା କହିଥିଲେ। ଏହି ପାଉଡରରେ ସେମାନେ କଳା ପଡ଼ିଥିବା କଂସା, ପିତ୍ତଳ ସାମଗ୍ରୀ, ରୁପା ଓ ସୁନା ଅଳଙ୍କାରକୁ ସଫା କରିଦେବେ ବୋଲି କହିଥିଲେ। ସେମାନେ ପ୍ରଥମେ ଏକ ତମ୍ବା ପାତ୍ର ଓ ରୁପା ପାଉଁଜିକୁ ସଫା କରି ଶୁଭଲକ୍ଷ୍ମୀଙ୍କ ବିଶ୍ୱାସ ଜିତିଥିଲେ। ଏହାପରେ ଶୁଭଲକ୍ଷ୍ମୀ ପିନ୍ଧିଥିବା ସୁନାଚେନ ଓ କାନଫୁଲକୁ ସଫା କରିଦେବେ ବୋଲି କହିଥିଲେ। ଶୁଭଲକ୍ଷ୍ମୀ ଏଥିରେ ରାଜି ହେବାରୁ ଦୁର୍ବୃତ୍ତମାନେ ତାଙ୍କୁ ନିଜ ଜିନିଷ ଏକ ଧଳା ଜରିରେ ରଖିଦେବାକୁ କହିଥିଲେ। ଏହାପରେ ଦୁର୍ବୃତ୍ତଙ୍କ ଭିତରୁ ଜଣେ କିଛି ପାଉଡର ଜରି ଭିତରେ ପୂରେଇ ଏକ ପ୍ୟାକେଟ କରି ଫ୍ରିଜ୍ ଭିତରେ ୨୦ ମିନିଟ ରଖିଦେବାକୁ କହିଥିଲେ। ଏହାଦ୍ୱାରା ଉକ୍ତ ଗହଣା ସଫା ହୋଇଯିବ ବୋଲି କହି ଚାଲିଯାଇଥିଲେ। ଶୁଭଲକ୍ଷ୍ମୀ ଏହି ସମୟ ପରେ ଫ୍ରିଜରୁ ଉକ୍ତ ପ୍ୟାକେଟ କାଢ଼ି ଦେଖିବାବେଳକୁ ସେଥିରେ ଗହଣା ପରିବର୍ତ୍ତେ ଛୋଟ ଇଟା ଥିବା ଜଣାପଡ଼ିଥିଲା। ଏହାପରେ ପରିବାର ଲୋକେ ଦୁର୍ବୃତ୍ତଙ୍କୁ ଚାରିଆଡେ ଖୋଜିଥିଲେ ସୁଦ୍ଧା ପାଇ ନ ଥିଲେ। ଏ ସମ୍ପର୍କରେ ଆଇଆଇସି ପ୍ରଦ୍ୟୁମ୍ନ କୁମାର ବେହେରା କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଚାଲିଛି।

## ଜିଆରଏସ୍‌ଙ୍କୁ ନିଲମ୍ବିତ କଲେ ଜିଲାପାଳ

**ନାଉଗାଁ,୨୧।୪(ସ୍ୱ.ପ୍ର.)**

ଏମ୍‌ଜିଏନ୍‌ଆରଇଜିଏସ୍ ଅଭିଯୋଗର ତଦନ୍ତ ପରେ ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତର ଜିଆରଏସ୍ ଲଗ୍ନଜିତ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚିଠି ନଂ. ୧୧୬୮/୨୦-୪-୨୦୨୨ ଯୋଗେ ଏହି ନିର୍ଦ୍ଦେଶ ନିଆଯାଇଛି। ଏହି ନିର୍ଦ୍ଦେଶନାମାକୁ ଚିଠି ନଂ. ୧୧୬୯, ୧୧୭୦, ୧୧୭୧ ଯୋଗେ ଜିଆରଏସ୍ ସାହୁଙ୍କ ସମେତ ବିଡିଓ ଏବଂ ପଞ୍ଚାୟତିରାଜ ବିଭାଗ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି।

ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମାଗାନ୍ଧୀ ଜାତୀୟଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା)ରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ୨୦୨୧ ଜୁନ୍ ୨୯ରେ ଜବକାର୍ଡଧାରୀମାନେ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ୭ ଦଫା ସମ୍ବଳିତ ଦାବିପତ୍ର ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, କେତେଜଣ ଜବକାର୍ଡଧାରୀ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ନ କରି ୧୦୦ ଦିନର ମଜୁରି ପାଇଛନ୍ତି। ବହୁ ଜବକାର୍ଡଧାରୀଙ୍କୁ ଏହି ଯୋଜନାରେ କାମ ଦିଆ ନ ଯାଇ ମେସିନ ଦ୍ୱାରା କାର୍ଯ୍ୟ କରାଯାଇଛି। ଜବକାର୍ଡଧାରୀମାନେ ଅଧିକ ଦିନ କାର୍ଯ୍ୟ କରିଥିବା ବେଳେ ଜବକାର୍ଡରେ କମ୍ ଦିନ ଦର୍ଶାଯାଇଛି। କେତେଜଣ ଜବ୍‌କାର୍ଡଧାରୀଙ୍କ ଜବକାର୍ଡକୁ ବଳପୂର୍ବକ ରଖାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏନେଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଥିଲେ। ୧୫ ଦିନ ମଧ୍ୟରେ ଦାବିପୂରଣ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ଅନିଲ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଜବ୍‌କାର୍ଡଧାରୀମାନେ ପୁନର୍ବାର ଧାରଣା ଦେଇଥିଲେ।

୨୧ ଦିନ ଧାରଣା ଦେବାପରେ ଆନ୍ଦୋଳନକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ୩ ଜଣିଆ ଟିମ୍ ପହଞ୍ଚି ଏହାର ତଦନ୍ତ କରିଥିଲେ। ଏହି ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଥିଲା। ଏଥିରେ ଅନିୟମିତତା ହୋଇଥିବା ଜଣାପଡିବା ପରେ ଜିଆରଏସ୍ ସାହୁଙ୍କୁ ଜରିମାନା ବାବଦରେ ୭,୨୨୪ ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଚିଠି ନଂ. ୩୧୫୫ ଅନୁଯାୟୀ, ୨୦୨୧ ଅଗଷ୍ଟ ୨୪ରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଜିଆରଏସ୍ ସାହୁ ଜରିମାନା ରାଶି ପୈଠ ନ କରିବା ସହ ନୋଟିସର ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ଏହାପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି।

## ରିମାଣ୍ଡ ଅଭିଯୁକ୍ତଙ୍କ ଖସିଯିବା ଉଦ୍ୟମ ପଣ୍ଡ

**କୁଜଙ୍ଗ, ୨୧।୪ (ଡି.ଏନ୍.ଏ.)**

- ୧ ପିସ୍ତଲ, ୨ ଗୁଳି, ମାଗାଜିନ ଜବତ
- ଜଙ୍ଗଲରେ ୨ ଘଣ୍ଟା ଖୋଜିଥିଲା ପୋଲିସ
- ଶୌଚ ଯିବାକୁ କହି ଖସିଯାଇଥିଲେ



ଜେଲ୍‌ରୁ ରିମାଣ୍ଡରେ ଆସିଥିବା ଅଭିଯୁକ୍ତ ଦେବେନ୍ଦ୍ର ସ୍ୱାଇଁ ଗୁରୁବାର ପୋଲିସକୁ ଚକ୍‌ମା ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। ତାଙ୍କର ଏହି ଉଦ୍ୟମ ପଣ୍ଡ ହୋଇଛି। ଜେଏସ୍‌ଡବ୍ଲ୍ୟୁ ପ୍ରସଙ୍ଗକୁ ନେଇ ଜାନୁୟାରୀ ୧୪ରେ ଢିଙ୍କିଆରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଏହି ଘଟଣାରେ ସ୍ୱାଇଁ ଅନ୍ୟତମ ଅଭିଯୁକ୍ତ ଥିଲେ। ସେହିପରି ୧୨ ଡିସେମ୍ବର ୨୦୨୧ରେ ଜଣଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦିଆଯାଇଥିଲା। ଏହି ଘଟଣାରେ ସେ ମୁଖ୍ୟ ଅଭିଯୁକ୍ତ ଥିଲେ। ଉକ୍ତ ଦିନ ରାତିରେ ପାଟଣା ଗ୍ରାମର ବୈରାଗୀ ଦଳାଇଙ୍କ ପୁଅ ପ୍ରକାଶ ଜଣେ ସାଙ୍ଗ ସହ କାର୍‌ରେ ଘରକୁ ଫେରୁଥିବାବେଳେ ଦେବେନ୍ଦ୍ର ଓ ତାଙ୍କ ସହଯୋଗୀମାନେ ସେମାନଙ୍କୁ ଢିଙ୍କିଆ ଗ୍ରାମରେ ଅଟକାଇ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ପ୍ରକାଶଙ୍କ ଭାଇ ସନ୍ତୋଷ ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୧୩୬/୨୧) ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ପୋଲିସ ଏରସମା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବୁଧବାର ଦେବେନ୍ଦ୍ରଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଦିନଟିଏ ରିମାଣ୍ଡ ନେବାକୁ ଅନୁମତି ପାଇଥିଲା। ଗୁରୁବାର ତଦନ୍ତ ପାଇଁ ପୋଲିସ ତାଙ୍କୁ ଘଟଣାସ୍ଥଳକୁ ନେଇଥିଲା। ଗଲାବେଳେ ଯୋଗୀସାହି ନିକଟରେ ଦେବେନ୍ଦ୍ର ଶୌଚ ଯିବାକୁ କହିଥିଲେ। ପୋଲିସ ଅଟକିବାରୁ ସେ ଖସିଯାଇଥିଲେ। ପୋଲିସ ଧରିବାକୁ ଉଦ୍ୟମ କଲାବେଳେ ସେ ଅଭୟଚାନ୍ଦପୁର ଥାନା ସବ୍‌ଇନ୍ସପେକ୍ଟର ରଘୁନାଥ ବେହେରାଙ୍କ କାନ ମୁଣ୍ଡାକୁ ଫଟାଇଦେଇଥିଲେ। ଏଥିସହ ଖସିଯାଇ ନିକଟସ୍ଥ ଜଙ୍ଗଲରେ ଲୁଚିଯାଇଥିଲେ। ପ୍ରାୟ ୨ ଘଣ୍ଟା ଧରି ତଲାସି କରିବାରେ ପୋଲିସ ତାଙ୍କୁ କାବୁ କରିଛି। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୧୬୭/୨୨) ରୁଜୁ କରାଯାଇଛି। ଏହାପରେ ଦେବେନ୍ଦ୍ର ପୋଲିସ ଟିମ୍‌କୁ ପାଟଣାର ବଡଭାଗ ପୋଖରୀ ନିକଟକୁ ନେଇ ବନ୍ଧୁକ ପୋତିଥିବା ସ୍ଥାନକୁ ଦେଖାଇଥିଲେ। ସେଠାରୁ ପୋଲିସ ପ୍ଲାଷ୍ଟିକ ବ୍ୟାଗରେ ଥିବା ୯ ଏମ୍‌ଏମର ଏକ ପିସ୍ତଲ ସହ ୨ ଗୁଳି ଓ ଏକ ମାଗାଜିନ ଜବତ କରିଛି।

## ସେନ୍‌ସେକ୍ସ, ନିଫ୍ଟିରେ ବୃଦ୍ଧି

**ମୁମ୍ବାଇ:** ସପ୍ତାହର ୪ର୍ଥ କାରବାର ଦିବସ ଅର୍ଥାତ୍ ଗୁରୁବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ବୃଦ୍ଧି ଦେଖିବାକୁ ମିଳିଛି। ଦିନରେ ସେନ୍‌ସେକ୍ସରେ ୮୭୪.୧୮ ଅଙ୍କ (୧.୫୩%) ଏବଂ ନିଫ୍ଟିରେ ୨୫୬.୦୫ ପଏଣ୍ଟ (୧.୪୯%) ବୃଦ୍ଧି ଘଟିଥିଲା। ଫଳରେ ଟ୍ରେଡିଂ ସମୟ ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୭୯୧୧.୬୮ ଏବଂ ୧୭୩୯୨.୬୦ ଇଣ୍ଡେକ୍ସରେ ବନ୍ଦ ହୋଇଛି। ଦିନରେ ବ୍ୟାଙ୍କ, ଫାର୍ମା, ଅଟୋମୋବାଲ, ଆଇଟି, ପାୱାର, ରିୟଲ୍ଟି ଏବଂ କ୍ୟାପିଟାଲ ଗୁଡ୍ସ ଇଣ୍ଡେକ୍ସରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା।

# ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ୍ ଧମାଲ

- ବ୍ରହ୍ମପୁରରୁ ୨୧ ବିଜେତା ହେଲେ ଲକ୍ଷପତି
- ଆକର୍ଷଣ ସାଜିଲେ ଅର୍ଚ୍ଚିତା, ଅଫତାବ



ଲକ୍ଷପତିଙ୍କ ଲକି ଡ୍ର ବିଜେତାଙ୍କ ସହ ଅଫତାବ, ଅର୍ଚ୍ଚିତା ଓ ଅରୁନ୍ଧତୀ କର୍ତ୍ତୃପକ୍ଷ।

**ବ୍ରହ୍ମପୁର ଅଫିସ,୨୧।୪**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନିକଟରେ ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ପଡ଼ିଆରେ ଏହାର ୨୨ତମ ଫେଷ୍ଟିଭ୍ ଧମାଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ତା'ର ଗ୍ରାହକଙ୍କ ପାଇଁ 'ଲକ୍ଷପତି' ଲକି ଡ୍ର ଉଠାଣ ହୋଇଥିଲା। ଏଥିରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଅଧ୍ୟକ୍ଷତା କରିଥିଲେ। ଅରୁନ୍ଧତୀ ଜୁଏଲର୍ସ ନିର୍ଦ୍ଦେଶକ ଅଚ୍ୟୁଦାନନ୍ଦ ମେହେର, ପରିଚାଳନା ଅଧିକାରୀ ନୀହାର ରଞ୍ଜନ ନନ୍ଦ, ଜୋନାଲ ମ୍ୟାନେଜର ନିରଞ୍ଜନ ବେହେରା ଏବଂ ବ୍ରହ୍ମପୁର ଅରୁନ୍ଧତୀ ଜୁଏଲର୍ସ ବ୍ରାଞ୍ଚ ମୁଖ୍ୟ ମୋହନ ବାରିକ ମଞ୍ଚ ଉପରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସନ୍ଧ୍ୟାକୁ ଅଧିକ ରଙ୍ଗିନ କରିବା ନିମନ୍ତେ ଆଙ୍କର ସୁଲଗ୍ନା ଓ ଶୁଭମ୍ ମଞ୍ଚ ପରିଚାଳନା ସହ ଓଲିଉଡ ଅଭିନେତ୍ରୀ ତଥା ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ଓ ବଲିଉଡ ଲୋକପ୍ରିୟ ଅଭିନେତା ଅଫତାବ ଶିବଦାସନୀଙ୍କ ଉପସ୍ଥିତିରେ ଦର୍ଶକ ମତୁଆଲା ହୋଇଥିଲେ। ଲକି ଡ୍ର ବିଜେତା 'ଲକ୍ଷପତି'କାର୍ଯ୍ୟକ୍ରମରେ ବ୍ରହ୍ମପୁର ଷ୍ଟୋରର ୨୧ ଜଣ ଗ୍ରହକ ଲକ୍ଷପତି ହେବା ସୁଯୋଗ ପାଇଛନ୍ତି। ଅତିଶୀଘ୍ର ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରାଉରକେଲାଠାରେ ନୂତନ ଷ୍ଟୋର ଶୁଭାରମ୍ଭ ହେବା ନେଇ ମଧ୍ୟ ଏହି ସନ୍ଧ୍ୟାରେ ସୂଚନା ମିଳିଛି। ସେହିପରି କୋଲକାତାର ମୁନଷ୍ଟାର ଡ୍ୟାନ୍ସ ଗ୍ରୁପ ନିଜର ନୃତ୍ୟ ପରିବେଷଣ ମାଧ୍ୟମରେ ଉପସ୍ଥିତ ପ୍ରାୟ ୫୦୦୦ ଗ୍ରାହକ ଓ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଓଡ଼ିଆ କଣ୍ଠଶିଳ୍ପୀ ନବ୍ୟାଜ୍ୟୋତି ଓ ଆଶୁତୋଷଙ୍କ ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ। ଏହା ସହ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସଫଳତା ଜୟଯାତ୍ରାର ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ମଡେଲମାନଙ୍କ ଦ୍ୱାରା ପାରମ୍ପରିକ ଓ ପାଶ୍ଚାତ୍ୟ ପୋଷାକକୁ ମାନିବା ଭଳି ବହୁ ନୂତନ କାରିଗରି ସମ୍ପନ୍ନ ଗହଣା ପ୍ରଦର୍ଶିତ ହୋଇଥିଲା। ଜୁଏଲର୍ସ ଦୀର୍ଘ ୨୨ ବର୍ଷ ଧରି ବଲାଙ୍ଗୀରରୁ ଆରମ୍ଭ କରିଥିବା ଏହି ଯାତ୍ରାରେ ଓଡ଼ିଶାର ବିଭିନ୍ନ ସହର ତଥା ଏକ ବର୍ଷ ହେବ ବ୍ରହ୍ମପୁର ସହରର ଗ୍ରାହକଙ୍କୁ ସେବା ଯୋଗାଇବା ସେ ଲକ୍ଷଲକ୍ଷ ଗ୍ରାହକଙ୍କ ବିଶ୍ୱାସ ଓ ପ୍ରିୟ ଭାଜନ ହୋଇପାରିଥିବାରୁ ପରିଚାଳନା ନିର୍ଦ୍ଦେଶକ ମେହେର ଗ୍ରାହକ ଦର୍ଶକ ବନ୍ଧୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜୁଲାଇରେ ହୋଇପାରେ ସ୍ପେକ୍ଟ୍ରମ୍ ନିଲାମ

**ନୂଆଦିଲ୍ଲୀ,୨୧।୪:** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ୫ଜି ସମ୍ପର୍କିତ କାର୍ଯ୍ୟକଳାପରେ ଅଗ୍ରଗତି ହେଉଥିବା କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସୂଚନା ଦେଇଛନ୍ତି। କିଛିଦିନ ପୂର୍ବରୁ ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ପକ୍ଷରୁ ସ୍ପେକ୍ଟ୍ରମ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ ନିଲାମୀର ଗାଇଡ୍‌ଲାଇନ ସମ୍ପର୍କରେ ସୁପାରିସ କରାଯାଇଥିଲା। ଭାରତୀୟ ବଜାର ଆଗାମୀ ପିଢ଼ିର ୫ଜି ସର୍ଭିସ୍ ପାଇଁ ଅପେକ୍ଷା କରିଥିବାରୁ ବୈଷ୍ଣବଙ୍କ ପକ୍ଷରୁ ଦିଆଯାଇଥିବା ବୟାନ ଗୁରୁତ୍ୱପୂର୍ଣ୍ଣ। ୫ଜି ଜରିଆରେ ସର୍ବାଧିକ ସ୍ପିଡ୍‌ଯୁକ୍ତ ସେବା ମିଳିପାରିବ। ଜୁନ୍-ଜୁଲାଇ ମଧ୍ୟରେ ୫ଜି ସ୍ପେକ୍ଟ୍ରମ୍ ନିଲାମ ହେବା ସମ୍ପର୍କରେ ଆଶା ରଖାଯାଇଛି। ମନ୍ତ୍ରୀ ବୈଷ୍ଣବଙ୍କୁ ଟ୍ରାଇର ବର୍ତ୍ତମାନର ୫ଜି ସୁପାରିସ ଏବଂ ଦୂରସଞ୍ଚାର ବିଭାଗର ଆଗାମୀ ପଦକ୍ଷେପ ସମ୍ପର୍କରେ ପଚରାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ, ୫ଜି ସମ୍ପର୍କିତ କାର୍ଯ୍ୟରେ ଯୋଜନା ମୁତାବକ ଉନ୍ନତି ଘଟିଛି।

# ଟାଟା ଷ୍ଟିଲ୍ ପରିବାର ସ୍କଲାରଶିପ୍




**ଭୁବନେଶ୍ୱର,୨୧।୪**

ଟାଟା ଷ୍ଟିଲ୍‌ର କଳିଙ୍ଗନଗର ପ୍ରକଳ୍ପ ବିସ୍ଥାପିତ ପରିବାରଗୁଡ଼ିକ ମଧ୍ୟରୁ ୨୪ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ୨୦୨୦-୨୧ ବର୍ଷ ପାଇଁ ଟାଟା ଷ୍ଟିଲ୍ ପରିବାର ସ୍କଲାରଶିପ୍ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୯ଜଣ ଇଞ୍ଜିନିୟରିଂ ପଢ଼ିବାକୁ ଯାଉଥିବା ବେଳେ ୧୩ଜଣ ଡିପ୍ଲୋମା ଏବଂ ୨ଜଣ ଏମ୍‌ବିଏ ପାଠ ପଢ଼ିବେ ବୋଲି ସୂଚନା ମିଳିଛି। ଉକ୍ତ ସ୍କଲାରଶିପ୍‌ରେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଅବଧିର ଛାତ୍ରୀଛାତ୍ରମାନଙ୍କର ପୂରା ଟ୍ୟୁଶନ୍ ଫି, ଆଡ୍‌ମିସନ୍ ଫି ଏବଂ ହଷ୍ଟେଲ ଦେୟ ଇତ୍ୟାଦି ସାମିଲ ରହିଛି। କମ୍ପାନୀର ଅନ୍ୟ ଅଧିକାରୀ ଏବଂ ବିସ୍ଥାପିତ ପରିବାରଗୁଡ଼ିକର ସଦସ୍ୟମାନଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସେବା ମୁଖ୍ୟ ଦେବଦୂତ ମହାନ୍ତି ଉକ୍ତ ଛାତ୍ରୀଛାତ୍ରମାନଙ୍କୁ ସ୍କଲାରଶିପ୍ ପ୍ରଦାନ କରିଛନ୍ତି।

ସେହିଭଳି ସ୍କଲାରଶିପ୍ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇ ମହାନ୍ତି କହିଛନ୍ତି, ଉତ୍ତମ କ୍ୟାରିୟର ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଓ ସହାୟତା ଦେବାକୁ ଟାଟା ଷ୍ଟିଲ୍ ସର୍ବଦା ପ୍ରୟାସ କରି ଆସିଛି। ଏହା ସେମାନଙ୍କ ପରିବାରର ଜୀବନକୁ ବଦଳାଇ ଦେଇପାରିବ। ସ୍କଲାରଶିପ୍‌ର ଶ୍ରେଷ୍ଠ ବ୍ୟବହାର କରିବା ଏବଂ ପାଠପଢ଼ାରେ ଉତ୍କର୍ଷ ହାସଲ କରିବା ଲାଗି ସେ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଛନ୍ତି। ବିସ୍ଥାପନ ଓ ଥଇଥାନ ନୀତିରେ ଥିବା ବ୍ୟବସ୍ଥା ବାଦ୍ ୨୦୦୭ ରେ ଟାଟା ଷ୍ଟିଲ୍ ପରିବାର ସ୍କଲାରଶିପ୍‌ର ଶୁଭାରମ୍ଭ କରାଯାଇଥିଲା।

# ଟିକେଏମ୍ ପକ୍ଷରୁ ହମ୍ ହୈ ହାଇବ୍ରିଡ୍ ଅଭିଯାନ

**ନୂଆଦିଲ୍ଲୀ,୨୧।୪**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ର ସ୍ୱତନ୍ତ୍ର କ୍ୟୁରେଟେଡ୍ ୱେବ୍ ଭିଡିଓ ସିରିଜ ଜରିଆରେ 'ହମ୍ ହୈ ହାଇବ୍ରିଡ୍' ନାମରେ ଏକ ଅଭିଯାନ ଆରମ୍ଭ କରାଯାଇଛି। ସେହିଭଳି ଟୟୋଟା ୨୦୫୦ ସୁଦ୍ଧା 'କାର୍ବନ ନ୍ୟୁଟ୍ରାଲିଟି' ନେଇ ପ୍ରତିଶ୍ରୁତିବଦ୍ଧ। ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଆମ ଦେଶର ପ୍ରମୁଖ ଜାତୀୟ ଲକ୍ଷ୍ୟ ସହିତ ସମାନ୍ତରାଳ ଭାବେ ଟୟୋଟା କାର୍ଯ୍ୟ ଜାରି ରଖିଛି। ସେହିପରି ସବୁଜ ଗତିଶୀଳତା 'ସେଲ୍-ଚାର୍ଜିଂ ହାଇବ୍ରିଡ୍ ଇଲେକ୍ଟ୍ରିକ ଭେଇକିଲ୍ସ' ବିଷୟରେ ମଧ୍ୟ ଉକ୍ତ ଡିଜିଟାଲ ଅଭିଯାନ ସହ କମ୍ପାନୀ ଦେଶରେ ଇଲେକ୍ଟ୍ରିକ୍ ଭେହିକିଲର ବ୍ୟବହାର ବୃଦ୍ଧି ପାଇଁ ମଧ୍ୟ ପ୍ରୟାସ କରୁଛି। ଏହାଦ୍ୱାରା ଯାନଗୁଡ଼ିକୁ ବୈଦ୍ୟୁତିକ ମୋଡ୍‌ରେ ୬୦% ସମୟ ପର୍ଯ୍ୟନ୍ତ ଚଲାଯାଇପାରିବ। ଫଳ ସ୍ୱରୂପ ୪୦-୮୦% ପର୍ଯ୍ୟନ୍ତ ଇନ୍ଧନ ଦକ୍ଷତାର ଉନ୍ନତି ଘଟିବ। ସେଲ୍-ଚାର୍ଜିଂ ହାଇବ୍ରିଡ୍ ଇଲେକ୍ଟ୍ରିକ ଭେଇକିଲ ରିଚାର୍ଜ କରିବା ପାଇଁ ପ୍ଲଗ୍-ଇନ୍ ଆବଶ୍ୟକ କରେ ନାହିଁ। ଆଭ୍ୟନ୍ତରୀଣ ଜାଳେଣି ଇଞ୍ଜିନ ଏବଂ ପୁନଃ ନିର୍ମାଣକାରୀ ବ୍ରେକିଂ ଚଳାଇ ବ୍ୟାଟେରି ରିଚାର୍ଜ ହୁଏ। ଏହା ସହ ରକ୍ଷଣାବେକ୍ଷଣରେ ୬୦% ପର୍ଯ୍ୟନ୍ତ ସମୟ ଖର୍ଚ୍ଚ ହୋଇଥାଏ। ଏସ୍‌ଏଚ୍‌ଇଭି ବ୍ୟାଟେରି ଉପରେ ୱାରେଣ୍ଟି ୮ ବର୍ଷ କିମ୍ବା ୧,୬୦,୦୦୦ କିଲୋମିଟର କଭର ରହିଛି।

ଏ ସମ୍ପର୍କରେ ଟିକେଏମ୍‌ର ବିକ୍ରୟ ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ଆସୋସିଏଟ ଉପାଧ୍ୟକ୍ଷ ଅତୁଲ ସୁଦ୍ କହିଛନ୍ତି, ବିଦ୍ୟୁତୀକରଣ ଯାନ ପ୍ରଯୁକ୍ତିକୁ ଲୋକପ୍ରିୟ କରିବା ପାଇଁ ଆମର ନିରନ୍ତର ପ୍ରୟାସ ରହିଛି।

## ସରକାରଙ୍କ ଉପରେ ଉର୍ବରକ ସବ୍‌ସିଡି ଭାର

**ନୂଆଦିଲ୍ଲୀ,୨୧।୪:** କଞ୍ଚାମାଲ ଦର ବୃଦ୍ଧି ଏବଂ ବିଶ୍ୱସ୍ତରରେ ଉର୍ବରକ ଦରରେ ଅଭୁତପୂର୍ବ ବୃଦ୍ଧି କାରଣରୁ ଭାରତ ସରକାରଙ୍କ ସବ୍‌ସିଡି ବିଲ୍ ୧.୦୫ ଲକ୍ଷ କୋଟି ଟଙ୍କାର ବଜେଟ ତୁଳନାରେ ବୃଦ୍ଧି ପାଇଛି। ଏହି ସବ୍‌ସିଡି ବିଲ୍ ଚଳିତ ଆର୍ଥିକ ବର୍ଷ ପାଇଁ ୧.୬୫ ଲକ୍ଷ କୋଟି ଟଙ୍କା ପାଖାପାଖି ହୋଇଗଲାଣି ବୋଲି କ୍ରିସିଲ୍ ରେଟିଂ ଏଜେନ୍ସି ପକ୍ଷରୁ କୁହାଯାଇଛି। ତେବେ ସରକାର ଏହି ସ୍ଥିତି ସହ ମୁକାବିଲା କରିବାକୁ ସକ୍ରିୟ ଥିବା ଏଜେନ୍ସି କହିଛି। ପୂର୍ବ ଦୁଇ ଆର୍ଥିକ ବର୍ଷରେ ସରକାର ୧.୨ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ବ୍ୟୟ କରିବା ସହିତ ବଜେଟରେ ନିର୍ଦ୍ଧାରିତ ସବ୍‌ସିଡିରେ ବୃଦ୍ଧି କରାଯାଇଥିଲା। ତେବେ ଚଳିତ ବର୍ଷ କଞ୍ଚାମାଲ୍‌ରେ ହୋଇଥିବା ବୃଦ୍ଧି କାରଣରୁ ସରକାରଙ୍କର ଅତିରିକ୍ତ ହସ୍ତକ୍ଷେପର ଆବଶ୍ୟକତା ରହିଥିବା ରିପୋର୍ଟରେ କୁହାଯାଇଛି।

# ରିଲାଏନ୍ସ ରିଟେଲ୍ ଖୋଲିବ 'ସ୍ୱଦେଶ' ଷ୍ଟୋର

**ମୁମ୍ବାଇ,୨୧।୪**

ରିଲାଏନ୍ସ ରିଟେଲ ପକ୍ଷରୁ 'ହ୍ୟାଣ୍ଡ ମେଡ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜରିଆରେ ଅସଲି ହାତ ତିଆରି ଉତ୍ପାଦକୁ ପ୍ରଦର୍ଶିତ କରିବା ଏବଂ ବିଶ୍ୱସ୍ତରରେ ସମୃଦ୍ଧ ଭାରତୀୟ କଳାକୁ ଆଗକୁ ବଢ଼ାଇବା ପାଇଁ ରିଲାଏନ୍ସ ରିଟେଲ ପକ୍ଷରୁ 'ସ୍ୱଦେଶ' ନାମରେ ରିଟେଲ ଷ୍ଟୋର ସମୂହ ମଧ୍ୟ ଖୋଲାଯିବ। ଏହାଦ୍ୱାରା ହଜାର ହଜାର କାରିଗରଙ୍କୁ ସ୍ଥାୟୀ ଜୀବିକା ମିଳିବା ସହ ଏହା ଭାରତୀୟ କଳାକୁ ସାରା ଦୁନିଆର ବଜାର ମଧ୍ୟ ଉପଲବ୍ଧ ହେବ। ସ୍ୱଦେଶ ଷ୍ଟୋରରେ ଭାରତୀୟ କାରିଗରମାନେ ତିଆରି କରିଥିବା ସାମଗ୍ରୀଗୁଡ଼ିକୁ 'ସ୍ୱଦେଶ ବ୍ରାଣ୍ଡ' ଅନୁସାରେ ବଜାରରେ ଉପସ୍ଥାପନ କରାଯିବ। ପ୍ରଥମ ସ୍ୱଦେଶ ଷ୍ଟୋର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଖୋଲିବା ଆଶା କରାଯାଉଛି। ଏ ସମ୍ପର୍କରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍‌ର ନିର୍ଦ୍ଦେଶିକା


ଇଶା ଅମ୍ବାନୀ

ଇଶା ଅମ୍ବାନୀ କହିଛନ୍ତି, ଭାରତୀୟ କଳା ଓ ଶିଳ୍ପର ଭବିଷ୍ୟତ ଏକ ରୋମାଞ୍ଚକ ସ୍ଥିତିରେ ରହିଛି। ବିଲୁପ୍ତ କଳାକୃତିର ପୁନରୁଦ୍ଧାର କରିବା ଏବଂ ସ୍ଥାନୀୟ କାରିଗର, ବୁଣାକାର ଓ ଶିଳ୍ପ କାରିଗରମାନଙ୍କ ପାଇଁ ଏକ ବ୍ୟବସ୍ଥା ବିକଶିତ କରିବା ଓ ଏକ ଦୃଢ଼ ଭିତ୍ତିଭୂମି ଢାଞ୍ଚା ବିକଶିତ କରିବା ଦିଗରେ ଆମ ପ୍ରୟାସର ବେଶ୍ ଉତ୍ସାହଜନକ ଫଳ ମିଳିଛି। ଆମର ନିଜସ୍ୱ ହସ୍ତଶିଳ୍ପ ଷ୍ଟୋର ଫର୍ମାଟ 'ସ୍ୱଦେଶ' ଏବେ ପ୍ରସ୍ତୁତ ହୋଇଯାଇଛି। ଏହା ବସ୍ତ୍ର ଓ ପୋଷାକ, ଗୃହରେ ବ୍ୟବହୃତ ବୟନ ସାମଗ୍ରୀ, ହୋମ୍ ଡେକର, ଆସବାବପତ୍ର, ଗହଣା ଓ ୱେଲ୍‌ନେସ୍ ଉତ୍ପାଦ ସହିତ ବହୁକିଛି ପ୍ରଦର୍ଶିତ କରିବ। କାରିଗର ଗୋଷ୍ଠୀଙ୍କଠାରୁ ସିଧାସଳଖ ଶତ ପ୍ରତିଶତ ଅସଲି ଶିଳ୍ପ ଉତ୍ପାଦ କିଣିବା ଲାଗି ସ୍ୱଦେଶ ପକ୍ଷରୁ ବିଭିନ୍ନ ସରକାରୀ ସଂସ୍ଥା ଓ ଉଦ୍ୟୋଗଗୁଡ଼ିକ ସହ ସହଯୋଗିତା ସ୍ଥାପନ କରାଯାଉଛି ଏବଂ ବୟନ ମନ୍ତ୍ରଣାଳୟ ସହିତ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷର କରାଯାଇଛି। ଏହା ବ୍ୟତୀତ ପଶ୍ଚିମବଙ୍ଗ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଓ ବୟନ ବିଭାଗ ସହ ମଧ୍ୟ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରାଯାଇଛି। ଏହି ସହଯୋଗିତାର ଉଦ୍ଦେଶ୍ୟ ହେଉଛି ଏକ ସ୍ୱଚ୍ଛ ଓ ଗତିଶୀଳ ବ୍ୟବସ୍ଥା ଗଠନ କରିବା। କୋଲକାତାରେ ଆୟୋଜିତ ବେଙ୍ଗଲ ବିଶ୍ୱ ବ୍ୟବସାୟ ସମ୍ମିଳନୀରେ ଏମ୍‌ଓୟୁରେ ଗୁରୁବାର ସ୍ୱାକ୍ଷର କରାଯାଇଛି।

## ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ବୈଠକ

**ଭୁବନେଶ୍ୱର,୨୧।୪:** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ) ଭୁବନେଶ୍ୱରର ୫୧ତମ ଅର୍ଦ୍ଧବାର୍ଷିକ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅଭୟ କିଶୋର ପାଣ୍ଡେ, ପ୍ରଭାରୀ ଅଧ୍ୟକ୍ଷ, ନରାକାସ (ବ୍ୟାଙ୍କ) ଏବଂ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱରଙ୍କ ଅଧ୍ୟକ୍ଷତା, ଭାରତ ସରକାର, ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗର ପ୍ରତିନିଧି ନିର୍ମଳ କୁମାର ଦୁବେ, ସହାୟକ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶବ କୋରକୋରା, ସୁଶାନ୍ତ ମିଶ୍ର , ରମାକାନ୍ତ ପ୍ରଧାନ, ଅନୁପ କୁମାର ସିହ୍ନାଙ୍କ ସମେତ ସମସ୍ତ ବ୍ୟାଙ୍କ ଏବଂ ବୀମା କମ୍ପାନୀର ଉପମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଫୁରସତ



# ପିସିଙ୍କ ଝିଅ ମାଲତି

**ୱାଶିଂଟନ:** ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ ଝିଅର ନାମ ରଖିଛନ୍ତି ମାଲତି ମାରୀ ଚୋପ୍ରା ଜୋନାସ। ଆମେରିକାର ଏଣ୍ଟରଟେନମେଣ୍ଟ ନ୍ୟୁଜ୍ ଚ୍ୟାନେଲ ଟିଏମ୍‌ଜେଡ୍ ପିସିଙ୍କ ଝିଅଙ୍କ ଜନ୍ମ ପ୍ରମାଣପତ୍ର ପ୍ରକାଶ କରିଛି। ସାନ୍ ଡିଏଗୋରେ ଥିବା ଏକ ଡାକ୍ତରଖାନାରେ ଜାନୁୟାରୀ ୧୫ ତାରିଖ ରାତି ୮ଟା ସମୟରେ ପ୍ରିୟଙ୍କାଙ୍କ ଝିଅ ଜନ୍ମ ହୋଇଥିଲେ। ପ୍ରିୟଙ୍କା ସରୋଗେସି ମାଧ୍ୟମରେ ମା' ହୋଇଛନ୍ତି। ଶିଶୁ କନ୍ୟାର ଅଭିଭାବକ ହେବା ନେଇ ଚଳିତବର୍ଷ ଜାନୁୟାରୀରେ ପ୍ରିୟଙ୍କା ଏବଂ ନିକ୍ ସୋସିଆଲ ମିଡିଆ ପୋଷ୍ଟ ଦ୍ୱାରା ଫ୍ୟାନ୍ସମାନଙ୍କୁ ଜଣାଇଥିଲେ। ୨୦୧୮ ଡିସେମ୍ବରରେ ରାଜସ୍ଥାନର ଯୋଧପୁରରେ ପ୍ରିୟଙ୍କା ଆମେରିକାନ ସିଙ୍ଗର ନିକ୍‌ଙ୍କୁ ବିବାହ କରିଥିଲେ।

ବର୍ତ୍ତମାନ ପିସି ହଲିଉଡ୍‌ରେ ବେଶ୍ ଆକ୍ଟିଭ। ଫିଲ୍ମରେ ଅଭିନୟ କରିବା ସାଙ୍ଗକୁ ଇଂଲିଶ ଫିଲ୍ମ ପ୍ରଯୋଜନା ମଧ୍ୟ ପ୍ରିୟଙ୍କା କରୁଛନ୍ତି। ଆଗାମୀ ଦିନରେ ପ୍ରିୟଙ୍କାଙ୍କ ଦ୍ୱାରା ଅଭିନୀତ ଫିଲ୍ମ ରୋମ୍ କମ୍ ରିଲିଜ ହେବାକୁ ରହିଛି। ସେହିପରି ହିନ୍ଦୀ ଫିଲ୍ମ 'ଜି ଲେ ଜରା'ରେ ମଧ୍ୟ ପ୍ରିୟଙ୍କାଙ୍କୁ ଦେଖିବାକୁ ମିଳିବ। ଏଥିରେ ତାଙ୍କ ସହ କ୍ୟାଟ୍ରିନା କୈଫ ଏବଂ ଆଲିଆ ଭଟ୍ଟ ସ୍କ୍ରିନ୍ ଶେୟାର କରିଛନ୍ତି।

# କ୍ଷମା ମାଗିଲେ ଅକ୍ଷୟ

**ମୁମ୍ବାଇ:** ତମାଖୁ ବିଜ୍ଞାପନ କରିବା ନେଇ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ନିଜ ଫ୍ୟାନ୍ସମାନଙ୍କୁ କ୍ଷମା ମାଗିଛନ୍ତି। ଗୁରୁବାର ସେ ଟୁଇଟରରେ ଏକ ପୋଷ୍ଟ ଶେୟାର କରି ନିଜ ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି। 'ଆଇଆମ୍ ସରି', ତମାଖୁ ବିଜ୍ଞାପନ କରିଥିବାରୁ ପ୍ରଶଂସକମାନେ ପ୍ରଭାବୀତ ହୋଇଥିବାବେଳେ ଏ ନେଇ ସେମାନଙ୍କର ପ୍ରତିକ୍ରିୟା ତାଙ୍କୁ କଷ୍ଟ ଦେଇଥିବା ସେ ଉକ୍ତ ପୋଷ୍ଟରେ ଲେଖିଛନ୍ତି। ଆଗାମୀ ଦିନରେ ସେ ତମାଖୁର ବିଜ୍ଞାପନ କରିବେ ନାହିଁ ବୋଲି କହିବା ସହ ଏଥିରୁ ମିଳିଥିବା ଏଣ୍ଡୋର୍ସମେଣ୍ଟ ବା ଅନୁମୋଦିତ ରାଶି ଏକ ଜନମଙ୍ଗଳକାରୀ କାର୍ଯ୍ୟରେ ବିନିଯୋଗ କରିବେ ବୋଲି କହିଛନ୍ତି।




ତମାଖୁ ବିଜ୍ଞାପନ କରିବା ନେଇ ଅକ୍ଷୟଙ୍କ ଫ୍ୟାନ୍ସ ତାଙ୍କ ଉପରେ ରାଗିଯାଇଥିବାବେଳେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ ହୋଇଥିଲା। ତମାଖୁ ବିଜ୍ଞାପନ ନ କରିବା ପାଇଁ କିଛି ବର୍ଷ ପୂର୍ବେ ଅକ୍ଷୟ ଏକ ଭିଡିଓ ବାର୍ତ୍ତା ଜାରି କରିଥିବାବେଳେ ଏହି ଭିଡିଓକୁ ଲୋକେ ସୋସିଆଲ ମିଡିଆରେ ପୋଷ୍ଟ କରି ଅକ୍ଷୟଙ୍କ ସମାଲୋଚନା କରିବା ଆରମ୍ଭ କରିଥିଲେ, ଯାହାପରେ ଅକ୍ଷୟ ଟୁଇଟର ଜରିଆରେ ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି।

# ୪୦ ଘଣ୍ଟା ପରେ ହାତୀଶାଳରୁ ଉଦ୍ଧାର ହେଲେ ଜୋଶିକା

**ଅମରାବତୀ:** ଆନ୍ଧ୍ର ପ୍ରଦେଶର ଚିତ୍ତୋର ଜିଲା ଅନ୍ତର୍ଗତ ନାକ୍କାଲାଗୁଣ୍ଟାରେ ୪ ବର୍ଷର ଶିଶୁ କନ୍ୟା ଜୋଶିକାଙ୍କୁ ଏକ ହାତୀଶାଳରୁ ଉଦ୍ଧାର କରାଯାଇଛି। ଦୀର୍ଘ ୪୦ ଘଣ୍ଟାର ଖୋଜାଖୋଜି ପରେ ପୋଲିସ ସଫଳତାର ସହ ଜୋଶିକାଙ୍କୁ ସୁରକ୍ଷିତ ଭାବେ ରକ୍ଷା କରିଛି। ସୂଚନାଯୋଗ୍ୟ ୧୬ ତାରିଖରେ ଜୋଶିକା କେତେଜଣ ପିଲାଙ୍କ ସହ ଘର ବାହାରେ ଖେଳୁଥିଲେ। ଖେଳିବା ସମୟରେ ହିଁ ସେ ଘରପାଖ ଜଙ୍ଗଲକୁ ଚାଲିଯାଇଥିଲେ ଆଉ ସେଠାରୁ ଫେରି ନ ଥିବା ପୋଲିସ କହିଛି। ଜେଶିକାଙ୍କ ବାପା ଦ୍ରାବିଡିଆନ ୟୁନିଭର୍ସିଟିରେ ଚାକିରି କରନ୍ତି। ଝିଅ ଘରକୁ ନ ଫେରିବାରୁ ସ୍ଥାନୀୟ ପୋଲିସ ଷ୍ଟେଶନରେ ସେ ଅଭିଯୋଗ କରିଥିଲେ। ପୋଲିସ ସ୍ନାଇପର ଏବଂ ଡଗ୍ ସ୍କ୍ୱାଡ୍ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଦୀର୍ଘ ୪୦ ଘଣ୍ଟାର ଅପରେଶନ ପରେ ଜୋଶିକାଙ୍କୁ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯାଇଛି।



# ମାଳ ବଦଳରେ ଚାପୁଡ଼ା

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶ ହମିରପୁରରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଦେଖିବାକୁ ମିଳିଛି ଏକ ବିଚଳିତ କରିଦେଲା ଭଳି କାଣ୍ଡ। ବରଣମାଳା ଅଦଳ ବଦଳ ପାଇଁ ବର ଓ କନିଆ ପ୍ରସ୍ତୁତ ଥିଲେ। ବର ଯେତେବେଳେ କନ୍ୟା ଗଳାରେ ବରଣମାଳା ପିନ୍ଧାଇବାକୁ ଯାଏ ସେ ସମୟରେ ହଠାତ୍ ରାଗି ଉଠିଲେ କନ୍ୟା। ରାଗିଯାଇ କନ୍ୟା ଜଣକ ବରଙ୍କୁ ଦଇଟି ଶକ୍ତ ଚାପୁଡ଼ା ମାରି ସେଠାରୁ ଚାଲି ଆସିଥିଲେ। କନ୍ୟାଙ୍କ ଏ ପ୍ରକାର ବ୍ୟବହାର ପଛର କାରଣ ଜଣାପଡ଼ି ନ ଥିବାବେଳେ ଏ ପ୍ରକାର ଦୃଶ୍ୟ ଦେଖି ସେଠାରେ ଉପସ୍ଥିତ ପରିବାର ଓ ବନ୍ଧୁ ବର୍ଗଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ଏ ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। କିଛିଦିନ ପୂର୍ବରୁ ତାମିଲନାଡୁରେ ଏ ପ୍ରକାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବିବାହ ଉତ୍ସବରେ ନାଚିବା କାରଣରୁ ବର କନ୍ୟାଙ୍କୁ ଚାପୁଡ଼ା ମାରିଥିଲେ। କନ୍ୟା ମଧ୍ୟ ବରଙ୍କୁ ଚାପୁଡା ମାରି ତାଙ୍କ ସମ୍ପର୍କୀୟଙ୍କୁ ବାହା ହୋଇଯାଇଥିଲେ।

# ତିଆରି ହେବ ମହାରାଣୀଙ୍କ ବାର୍ବିଡଲ୍

**୯୬ ବର୍ଷରେ ଏଲିଜାବେଥ୍**

**ଲଣ୍ଡନ:** ବ୍ରିଟେନ ମହାରାଣୀ ଏଲିଜାବେଥ ଦ୍ୱିତୀୟ ଗୁରୁବାର ଲଣ୍ଡନର ସାଣ୍ଡ୍ରିନଘାମ ଇଷ୍ଟେଟ୍‌ରେ ୯୬ତମ ଜନ୍ମ ଦିବସ ପାଳନ କରିଛନ୍ତି। ଲଣ୍ଡନରେ ଗନ୍ ସାଲ୍ୟୁଟ ରେଞ୍ଜ ପରିକ୍ରମା କରିବା ସହ ମିଲିଟାରୀ ବ୍ୟାଣ୍ଡ ହାପି ବାର୍ଥ ଡେ' ପ୍ଲେ କରାଯାଇଥିଲା। ମହାରାଣୀ ଏଲିଜାବେଥ ବ୍ରିଟେନରେ ସବୁଠାରୁ ଅଧିକ ଦିନ ଧରି ସେବା କରିଆସୁଛନ୍ତି। ଚଳିତ ବର୍ଷ ମହାରାଣୀଙ୍କ ଶାସନକୁ ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଜୁନ୍‌ରେ ମହାରାଣୀ ପ୍ଲାଟିନମ୍ ଜୁବଲି ପାଳନ କରିବେ। ଏ ଅବସରରେ ମହାରାଣୀ ଦୁଇଟି ଧଳା ଘୋଡ଼ା ମଝିରେ ଛିଡ଼ା ହୋଇଥିବାର ଫଟୋ ଉନ୍ମୋଚନ କରାଯିବ। ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍ ମଧ୍ୟ ମହାରାଣୀଙ୍କୁ ଶୁଭକାମନା ଜଣାଇଛନ୍ତି।

ପ୍ଲାଟିନମ ଜୁବଲି ନେଇ ଜୁନ୍ ୨ରୁ ୫ ପର୍ଯ୍ୟନ୍ତ ଦେଶରେ ଜୁବଲି ୱିକେଣ୍ଡ ଭାବେ ପାଳନ କରାଯିବ। ମହାରାଣୀଙ୍କ ଐତିହାସିକ ଉପଲବ୍ଧିକୁ ସ୍ମରଣୀୟ କରିବା ପାଇଁ ଟଏମେକର ମଡେଲ ଏଲିଜାବେଥ ଦ୍ୱିତୀୟଙ୍କ ବାର୍ବିଡଲ ତିଆରି କରିବେ ବୋଲି କହିଛନ୍ତି। ଜନ୍ମ ଦିନ ଅବସରରେ ଏଲିଜାବେଥଙ୍କ ୨ ବର୍ଷ ବୟସର ଫଟୋ ସୋସିଆଲ ମିଡିଆରେ ଶେୟାର ହୋଇଛି।



୧୯୨୬ ଏପ୍ରିଲ ୨୧ରେ ଏଲିଜାବେଥ ଦ୍ୱିତୀୟ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ୨୫ ବର୍ଷ ବୟସରେ ୧୯୫୨ରେ ବ୍ରିଟେନର ମହାରାଣୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ୧୯୩୬ରେ ଇଡୱାର୍ଡ ଭିଆଇଆଇ ରାଜଗାଦି ତ୍ୟାଗ କରିବା ପରେ ଏଲିଜାବେଥଙ୍କ ବାପା ବ୍ରିଟେନର ରାଜଗାଦିରେ ବସିଥିଲେ।

# ଆମ ଗ୍ରହରେ ନିବେଶ କରିବା

କମଳାକାନ୍ତ ଜେନା



**୧୯୭୦ ମସିହାରୁ ଏପ୍ରିଲ ୨୨ରେ ପାଳିତ ହୋଇ ଆସୁଛି 'ଧରିତ୍ରୀ ଦିବସ'। ଚଳିତ ବର୍ଷ ଏହି ଦିବସ ପାଇଁ ବାର୍ତ୍ତା ରହିଛି - 'ଆମ ଗ୍ରହରେ ନିବେଶ କରିବା'।**

ପୃଥିବୀ ଗ୍ରହ ହେଉଛି ଆମର ଘର। ନିଜ କୋଳରେ ଆମକୁ ଧରି ରଖିଥିବାରୁ ତା'ର ନାମ ଧରା ବା ଧରିତ୍ରୀ। ପୃଥିବୀ ପୃଷ୍ଠରେ ଭରି ରହିଥିବା ଗଛଲତା, ପାଣିପବନ, ପାହାଡ଼ପର୍ବତ, ଜୀବଜନ୍ତୁ ଓ ମାଟିପଥର ହେଉଛି ଆମ ପରିବେଶର ପ୍ରାକୃତିକ ସମ୍ପଦ। ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଧରାପୃଷ୍ଠରେ ପ୍ରାକୃତିକ ସମ୍ପଦ ରହିଛି। ଏଗୁଡ଼ିକ ଆମର ମୌଳିକ ଆବଶ୍ୟକତାକୁ ପୂରଣ କରିପାରିବ, ହେଲେ ଆମର ଲୋଭକୁ ପୂରଣ କରିପାରିବ ନାହିଁ।

**''ଜଳବାୟୁ ନିୟମିତ ହେବା ପାଇଁ ସୁସ୍ଥ ବାୟୁମଣ୍ଡଳ ଜରୁରୀ। ସୁସ୍ଥ ବାୟୁମଣ୍ଡଳ ଲାଗି ଘନ ଜଙ୍ଗଲ ବି ନିହାତି ଆବଶ୍ୟକ। ଆଜି ପ୍ରଦୂଷଣକୁ ଦୃଢ଼ ବିରୋଧ ନ କଲେ ଅନ୍ୟ ଜୀବଜଗତ ସହିତ ମଣିଷ ବି ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ। ଶିଳ୍ପ ବିପ୍ଳବର କୁପ୍ରଭାବ ଧରିତ୍ରୀର ବା-ପା-ମା (ବାୟୁ-ପାଣି-ମାଟି)କୁ ଆଜି ନଷ୍ଟ କରିଦେଇଛି।''**

ଆମେ କିନ୍ତୁ ଆମର ଲୋଭକୁ ପୂରଣ କରିବା ପାଇଁ ପ୍ରାକୃତିକ ସମ୍ପଦର ଅବିବେକୀ ବ୍ୟବହାର କରିଚାଲିଛୁ। ଆମର ଅମାନୁଷିକ ବ୍ୟବହାର ଫଳରେ ଧରିତ୍ରୀର ନିର୍ମଳ ପରିବେଶ ଦୂଷିତ ହୋଇଛି। ଏହାର ପାଣି, ପବନ, ମାଟିରେ ବିଷ ମିଶୁଛି। ତେଣୁ ଆମର ପୃଥିବୀ ଏବେ ମୁମୂର୍ଷୁ ଅବସ୍ଥାରେ ରହିଛି। ପୃଥିବୀ ଗ୍ରହର ବିଭିନ୍ନ ପରିବେଶଜନିତ ସମସ୍ୟା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଓ ସମସ୍ୟାର ସମାଧାନ ଦିଗରେ ଚିନ୍ତା କରିବା ପାଇଁ ୧୯୬୯ ମସିହାରେ ଏକ ବିଶେଷ ପ୍ରସ୍ତାବ ଅଣାଯାଇଥିଲା। ଏଭଳି ଏକ ପୁଣ୍ୟ ପ୍ରୟାସକୁ ଅଧିକ ଜନାଦୃତ କରିବା ପାଇଁ ଏକ ବିଶେଷ ଦିବସର ପରିକଳ୍ପନା କରାଗଲା। ସେହି ପରିପ୍ରେକ୍ଷୀରେ ପ୍ରଦୂଷଣ ଓ ଧରିତ୍ରୀର ମୁମୂର୍ଷୁ ଅବସ୍ଥା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟ ନେଇ ପ୍ରତିବର୍ଷ ପାଳିତ ହେଉଛି 'ବିଶ୍ୱ ଧରିତ୍ରୀ ଦିବସ'। ୧୯୭୦ ମସିହାରୁ ଏପ୍ରିଲ ୨୨ରେ ଏହି ଦିବସ ପାଳନ କରାଯାଉଛି। ଚଳିତ ବର୍ଷର 'ଧରିତ୍ରୀ ଦିବସ' ଉଦ୍ଦେଶ୍ୟରେ ଜନସାଧାରଣଙ୍କ ପାଇଁ ବାର୍ତ୍ତା ରହିଛି – 'ଆମ ଗ୍ରହରେ ନିବେଶ କରିବା'।

ଆମର ସହରୀକରଣ ନିଶା ଜଙ୍ଗଲକୁ ନଷ୍ଟ କରୁଛି। ଚାଷଜମି କମି ଯାଉଛି। ବଦଳରେ ସହର ସୃଷ୍ଟି ହେଉଛି। ଅତଏବ, ସଭ୍ୟତାର ବିକାଶ ନାମରେ ସବୁଜିମା ନଷ୍ଟ ହେଉଛି। ଯାନବାହନ ସଂଖ୍ୟା ବି ବଢୁଛି। ଅଧିକରୁ ଅଧିକ କଳକାରଖାନା ନିର୍ମାଣ ହେଉଛି। କଳକାରଖାନାରୁ ନିର୍ଗତ ବିଷାକ୍ତ ଆବର୍ଜନା ମୃତ୍ତିକାକୁ ଦୂଷିତ କରୁଛି। ସେଥିରେ ଫସଲ ହେଉ ନାହିଁ। ଲୋକମାନେ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। ତେଣୁ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଅଧିକ କୋଇଲା ଜାଳିବାକୁ ପଡୁଛି, ଯାହାକି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ବୃଦ୍ଧିକରୁଛି। ପୃଥିବୀର ଜଳବାୟୁକୁ ଅନିୟମିତ କରୁଥିବା କାରକଗୁଡ଼ିକ ମଧ୍ୟରୁ ଅଙ୍ଗାରକାମ୍ଳ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଜଳବାୟୁ ନିୟମିତ ହେବା ପାଇଁ ସୁସ୍ଥ ବାୟୁମଣ୍ଡଳ ଜରୁରୀ। ସୁସ୍ଥ ବାୟୁମଣ୍ଡଳ ପାଇଁ ଘନ ଜଙ୍ଗଲ ନିହାତି ଆବଶ୍ୟକ। ଆଜି ପ୍ରଦୂଷଣକୁ ଦୃଢ଼ ବିରୋଧ ନ କଲେ ଅନ୍ୟ ଜୀବଜଗତ ସହିତ ମଣିଷ ବି ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ। ଶିଳ୍ପ ବିପ୍ଳବର କୁପ୍ରଭାବ ଧରିତ୍ରୀର ବା-ପା-ମା (ବାୟୁ-ପାଣି-ମାଟି)କୁ ଆଜି ନଷ୍ଟ କରିଦେଇଛି। ଆମେ ସିନା କଳକାରଖାନା ଓ ଗାଡ଼ିମୋଟରକୁ ସମ୍ପୂର୍ଣ୍ଣ ବନ୍ଦ କରିପାରିବା ନାହିଁ, କିନ୍ତୁ ତଜ୍ଜନିତ ପ୍ରଦୂଷଣ ଓ କୁପ୍ରଭାବକୁ ଯଥାସମ୍ଭବ ହ୍ରାସ କରିପାରିବା। ଧରିତ୍ରୀକୁ ପୂର୍ବ ଭଳି ସବୁଜ ସୁନ୍ଦର କରିପାରିବା। ଗାଁ ଓ ସହରକୁ ଗଛ ଏବଂ ଉଦ୍ୟାନରେ ଭରିଦେବା ପାଇଁ ଜନସଚେତନତା ସୃଷ୍ଟି କରିବା। ଅଂଶୁଘାତ, ଜାଗତିକ ଉଷ୍ମତା ବୃଦ୍ଧି ଓ ସବୁଜଗୃହ ପ୍ରଭାବ ଭଳି ସମସ୍ୟାର ସମାଧାନ ଦିଗରେ ସବୁଜିମା ସହାୟକ ହେବ।

ଉନ୍ନତି ନାମରେ ଆମେ ଗ୍ରହଣ କରିଥିବା ପନ୍ଥାଗୁଡ଼ିକ ପ୍ରଦୂଷଣ ପୂର୍ବକ ଆମର ଅପୂରଣୀୟ କ୍ଷତି କରୁଛି। ଉନ୍ନତି ଆଳରେ ଆମର ପ୍ରୟାସ ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି। ଆମ ଉନ୍ନତିର ଧାରା ନିରନ୍ତରଧର୍ମୀ ନୁହେଁ। ଗଛଲତା, ପଶୁପକ୍ଷୀ ଓ ଜୀବାଣୁଭୂତାଣୁଙ୍କୁ ମିଶାଇଲେ ପୃଥିବୀରେ ପ୍ରାୟ ୮୭ ଲକ୍ଷ ପ୍ରଜାତିର ଜୀବନ ରହିଛି। ସେମାନଙ୍କ ମଧ୍ୟରୁ ମଣିଷ ଅନ୍ୟତମ। ପରିତାପର ବିଷୟ, ଏତେ କିସମର ପ୍ରାଣୀ ଲକ୍ଷ ଲକ୍ଷ ବର୍ଷ ଧରି ପୃଥିବୀରେ ବାସକରି ଆସୁଥିଲେ ବି ଯେଉଁ ପରିବର୍ତ୍ତନ ଘଟି ନ ଥିଲା, ଏଇ ମାତ୍ର ୩୦୦ ବର୍ଷ ଭିତରେ ମଣିଷର ଶିଳ୍ପବିପ୍ଳବ ଧରିତ୍ରୀକୁ ମୁମୂର୍ଷୁ ଅବସ୍ଥାକୁ ନେଇଯାଇଛି। ସର୍ବଂସହା ଧରିତ୍ରୀର ନୀରବତାର ସୁଯୋଗ ନେଇ ଆମ ପରିବେଶକୁ ଆମେ ନଷ୍ଟ କରିଛୁ। ସୁନ୍ଦର ଧରିତ୍ରୀ ଆଜି ବିବର୍ଣ୍ଣ ଦିଶୁଛି। ସେଥିପାଇଁ ଆମେ ଦାୟୀ। ତେଣୁ ଆମ ଗ୍ରହର ପୁନରୁଦ୍ଧାର ଆମର ପ୍ରଥମ ଦାୟିତ୍ୱ।

ଆମ ପାଖରେ ଆଉ ସମୟ ନାହିଁ। ଆମର ପରିବେଶ ବିରୋଧୀ ସଂସ୍କାର ଜାରି ରହିଲେ ଧରିତ୍ରୀ ଆଉ ବାସୋପଯୋଗୀ ଗ୍ରହ ହୋଇ ରହିବ ନାହିଁ। ଲାଭ ଆଶା ରଖି ଅର୍ଥ ବିନିଯୋଗ କରାଯାଏ। ଆଜି କିନ୍ତୁ ସମସ୍ତ ବିନିଯୋଗର ଉଦ୍ଦେଶ୍ୟ ରହିବ ପୃଥିବୀର ପୁନରୁଦ୍ଧାର, ଯାହାକି ପରୋକ୍ଷରେ ଆମରି ପରିବାର, ଆମ ସ୍ୱାସ୍ଥ୍ୟ ଓ ଆମର ଜୀବିକାକୁ ସୁରକ୍ଷିତ ରଖିବ। ଏଥିପାଇଁ ୫ଟି ମୌଳିକ ଦିଗ ଉପରେ ଆମକୁ ଗୁରୁତ୍ୱ ଦେବାକୁ ହେବ। ପ୍ରଥମ କାମ, ସମଗ୍ର ପରିବେଶକୁ ସୁସ୍ଥ ଓ ସୁତୁରା ରଖିବାକୁ ହେବ। 'ବା-ପା-ମା' ସୁସ୍ଥ ରହିଲେ ସବୁ ସମସ୍ୟାର ସମାଧାନ ହୋଇପାରିବ। ଦ୍ୱିତୀୟ କଥା, ଯାହା କିଛି ନୂଆ କାମ ହାତକୁ ନେବା, ସେସବୁ ପରିବେଶଗ୍ରାହୀ ହେବା ଜରୁରୀ। ତୃତୀୟ କଥା, ପୃଥିବୀରେ ବାସ କରୁଥିବା ଜୀବଜଗତକୁ ସୁରକ୍ଷା ଦେବାକୁ ହେଲେ ଆମକୁ ଆମର ପାଣିପାଗ ଓ ଜଳବାୟୁ ସମ୍ପର୍କରେ ଜାଣିବାକୁ ହେବ। ତେଣୁ ଜନସାଧାରଣଙ୍କୁ ପରିବେଶ-ସାକ୍ଷର କରିବା। ଚତୁର୍ଥ କଥା, ଜଙ୍ଗଲ ସମ୍ପଦର କଡ଼ା ସୁରକ୍ଷା। ଆମର ଗ୍ରହ ଗଛଲତାରେ ଭରିଗଲେ ଆଉ ଖାଦ୍ୟପାନୀୟ ଚିନ୍ତା ରହିବନି କି ପରିବେଶ ରୋଗଗ୍ରସ୍ତ ହେବନାହିଁ। ଏସବୁ କରିବା ସହଜ ନୁହେଁ। ଅନେକ ବାଧାବିଘ୍ନ ଆସିବ। ତେଣୁ ସେସବୁକୁ ସଂଘବଦ୍ଧ ଭାବରେ ସାହସର ସହିତ ଲଢ଼େଇ କରିବାକୁ ପଡ଼ିବ। ଏଇଟା ହେଉଛି ପଞ୍ଚମ କଥା।

ପରିବେଶଜନିତ ସମସ୍ୟାଗୁଡ଼ିକ ସମ୍ପର୍କରେ ଇଣ୍ଟରନେଟ, ଫେସବୁକ୍, ହ୍ୱାଟ୍ସଆପ୍ ଓ ଟୁଇଟର ଜରିଆରେ ସମାଜକୁ ସଚେତନ କରିଯାଇ ପାରିବ। ସମଗ୍ର ପୃଥିବୀବାସୀଙ୍କର ପ୍ରୟାସ ଜାରିରହିଲେ ଜାଗତିକ ସମସ୍ୟାର ସମାଧାନ ଅସମ୍ଭବ ନୁହେଁ। ତେଣୁ ଏହି ଦିଗରେ ସମସ୍ତଙ୍କର ଆନ୍ତରିକତା ଏକାନ୍ତ ଆବଶ୍ୟକ।

-ଓଡ଼ିଶା ଶିକ୍ଷା ସେବା (ଏ)
ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ଚିନ୍ତା ବଢ଼ାଇଛି ଜଳବାୟୁ ପରିବର୍ତ୍ତନ

ବର୍ତ୍ତମାନ ଜଳବାୟୁର ସୁରକ୍ଷା ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଛି। କାରଣ ବିଶ୍ୱତାପନ ପ୍ରକ୍ରିୟା ଫଳରେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘଟୁଛି। ଆମ ପୃଥିବୀର ପୂର୍ବର ସେହି ସୌନ୍ଦର୍ଯ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛି। ସତେଯେମିତି ପ୍ରକୃତି ସହିତ ମନୁଷ୍ୟର ଏକ ଶୀତଳ ଯୁଦ୍ଧ ଚାଲିଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱସାରା ଲୋକମାନଙ୍କର ଜୀବନ ଜୀବିକାକୁ ବହୁଳ ଭାବେ ପ୍ରଭାବିତ କରିଛି। ଏବେ ତାପମାତ୍ରା ସନ୍ତୁଳିତ ଅବସ୍ଥାରେ ରହୁନାହିଁ। ଆବଶ୍ୟକତାଠାରୁ ଅଧିକ ଗରମ



ଅନୁଭୂତ ହେଉଛି। ଖରାଦିନର ତାପମାତ୍ରା ଏବେ ୫୦ ଡିଗ୍ରୀ ସୀମା ଛୁଇଁବାକୁ ବସିଲାଣି। ବିଶେଷଭାବେ କୋଇଲା, ପେଟ୍ରୋଲିୟମ ଭଳି ଇନ୍ଧନ ଦହନରୁ ତାପମାତ୍ରା ବଢ଼ିଚାଲିଛି। ଏହାଦ୍ୱାରା ସମଗ୍ର ବିଶ୍ୱରେ ବୃଷ୍ଟିପାତ, କୃଷି ଉତ୍ପାଦନ ପ୍ରଭାବିତ ହେଉଛି। ବାତ୍ୟା, ବନ୍ୟା ଏବଂ ମରୁଡ଼ି ଭଳି ପାଣିପାଗଜନିତ ସମସ୍ୟା ସୃଷ୍ଟି ହେଉଛି। କେବଳ ସେତିକି ନୁହେଁ, ସମୁଦ୍ରର ଜଳରାଶି ଅତ୍ୟଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ଶୋଷଣ କରିବା ହେତୁ ଅମ୍ଳୀୟ ପାଲଟି ଯାଉଛି। ଏହାଦ୍ୱାରା ମାଛଙ୍କ ଜନ୍ମସ୍ଥଳୀ ସମୁଦ୍ରର ପ୍ରବାଳ ପ୍ରାଚୀର ବିଶେଷ କ୍ଷତିଗ୍ରସ୍ତ ହେଉଛି। ବିଶ୍ୱତାପନର ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତେବେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ବିଶ୍ୱର ତାପମାତ୍ରା କେଉଁ ସ୍ତରରେ ପହଞ୍ଚିବ ତାହା ଆକଳନ କରିବା କଷ୍ଟକର।

## ସୁରକ୍ଷା ପାଇଁ ସହଯୋଗ ଲୋଡ଼ା



ପୃଥିବୀ ପୃଷ୍ଠରେ ବଞ୍ଚି ରହିବା ପାଇଁ ବାୟୁମଣ୍ଡଳ ରହିଛି। ତେବେ ଏହାର ସୁରକ୍ଷା ଏବେ ଚିନ୍ତାର କାରଣ ସାଜିଛି। କାରଣ ବାୟୁମଣ୍ଡଳ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି, ଯାହାର ପ୍ରଭାବ ଆମ ଜୀବନଧାରା ଉପରେ ପଡୁଛି। ପୃଥିବୀର ବାୟୁମଣ୍ଡଳରେ ବିଭିନ୍ନ ଜୀବନ ରକ୍ଷାକାରୀ ଗ୍ୟାସ୍ ଉପଯୁକ୍ତ ଅନୁପାତରେ ରହିଛି। ଏଥିରେ ଥିବା ବିଭିନ୍ନ ସବୁଜଘର ବାଷ୍ପ ସୂର୍ଯ୍ୟର ତାପରଶ୍ମିକୁ ଶୋଷଣ କରିନିଏ। ଏହାଦ୍ୱାରା ପୃଥିବୀରେ ଜୀବନରକ୍ଷା ପାଇଁ ଆବଶ୍ୟକ ତାପମାତ୍ରା ସୃଷ୍ଟି ହୋଇଥାଏ। ଆମ ବାୟୁମଣ୍ଡଳର ଏହି ସବୁଜଘର ବାଷ୍ପାଙ୍କ ନ ଥିଲେ ପୃଥିବୀ ପୃଷ୍ଠର ତାପମାତ୍ରା ବଢ଼ିଯାଇଥାଆନ୍ତା, ଯାହାଫଳରେ ଏହି ଗ୍ରହରେ ମାନବ ସମାଜ ବଞ୍ଚିବା କଷ୍ଟକର ହୋଇପଡିଥାଆନ୍ତା। ଜୀବନ ନିମନ୍ତେ ଆବଶ୍ୟକତା ଜଳ ତିନୋଟି ଅବସ୍ଥା-କଠିନ, ତରଳ ଓ ଗ୍ୟାସୀୟ ଆକାରରେ ରହିଛି। ବାୟୁମଣ୍ଡଳର ଉର୍ଦ୍ଧ୍ୱ ଭାଗରେ ଏକ ଓଜୋନ ସ୍ତର ରହିଛି। ଏହି ସ୍ତର ଏକ କବଚ ଭଳି କାମ କରେ। ସୂର୍ଯ୍ୟରୁ ଆସୁଥିବା ମାରାତ୍ମକ ଅତିବାଇଗଣୀ ରଶ୍ମିକୁ ଏହା ଶୋଷିନେଇ ପୃଥିବୀ ପୃଷ୍ଠରେ ଜୀବଜଗତକୁ ରକ୍ଷାକରେ।

## ରାଜ୍ୟ ଖବର

# 'ବିନା ଡିପିଆର୍‌ରେ କାମ ବେଆଇନ'

**ପୁରୀ ଅଫିସ,୨୧।୪**



ସଂସଦୀୟ କମିଟିର ସଦସ୍ୟମାନେ ପ୍ରକଳ୍ପସ୍ଥଳରେ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**
- କାର୍ଯ୍ୟ ଅନୁଧ୍ୟାନ କଲା ସଂସଦୀୟ କମିଟି
- କେତେକ କ୍ଷେତ୍ରରେ ଅସନ୍ତୋଷ ପ୍ରକାଶ
- ଏଏସ୍ଆଇକୁ ବିଶ୍ୱାସକୁ ନିଅନ୍ତୁ ରାଜ୍ୟ ସରକାର

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ଲାଗିରହିଥିବାବେଳେ ଗୁରୁବାର କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ସଂସଦୀୟ କମିଟି ପୁରୀରେ ପହଞ୍ଚି ଏହି ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରିଛି। କେତେକ କ୍ଷେତ୍ରରେ କାର୍ଯ୍ୟକୁ ନେଇ ଏହି ଟିମ୍ ଅସନ୍ତୋଷ ପ୍ରକାଶ କରିଛି। ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ଅନୁମୋଦନ ନେଇ ସମୀକ୍ଷା କରାଯିବ। ଯଦି ଡିପିଆର୍ ବିନା କାର୍ଯ୍ୟ ହେଉଥାଏ ତେବେ ତାହା ଭୁଲ ବୋଲି କମିଟିର ସଦସ୍ୟ କହିଛନ୍ତି।

ଏମ୍ପି ଟି.ଜି. ଭେଙ୍କଟେଶଙ୍କ ନେତୃତ୍ୱରେ ଆସିଥିବା ଏହି କମିଟିର ୨୨ଜଣିଆ ସଦସ୍ୟ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଦର୍ଶନ ବ୍ୟବସ୍ଥା, ସୁରକ୍ଷା ଏବଂ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ମେଘନାଦ ପାଚେରୀଠାରୁ ୫୫ ମିଟର ଦୂରରେ ଏକ ପ୍ରାଚୀର ନିର୍ମାଣ କରାଯିବ। ସେମାନେ ଉକ୍ତ ପ୍ରାଚୀର ପାଇଁ ନମୁନାର ଫଟୋ ଉଠାଇବା ସହ ପ୍ରକଳ୍ପ ସ୍ଥଳ ବୁଲି ଦେଖିଥିଲେ। ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝିଥିଲେ। ଦକ୍ଷିଣ-ପୂର୍ବ ଦିଗରେ ଏମାର ମଠ ପଛ ପାର୍ଶ୍ୱରେ ହେଉଥିବା ଖନନର ଫଟୋ ଉତ୍ତୋଳନ କରିବା ସହ ଇମୋଟର ସହାୟତାରେ ପ୍ରକଳ୍ପସ୍ଥଳ ବୁଲିଥିଲେ। ଏହି ଟିମ୍‌ର ସଦସ୍ୟ ତଥା ମହାରାଷ୍ଟ୍ର ଏମ୍ପି ଶମ୍ଭାଜୀ ରାଓ ଛତ୍ରପତି ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ଭିତରେ ପଥର କାନ୍ଥରେ ନାଲି ରଙ୍ଗ ଲଗାଯାଇଛି। ସ୍ମାରକୀ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଯେତେ ଅଧିକ ସଂରକ୍ଷଣ ହୋଇପାରିବ ସେତେ ଭଲ। ରାଜ୍ୟ ସରକାର ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ମିଳିତ ଭାବେ ସଂରକ୍ଷଣ ଉପରେ ଧ୍ୟାନ ଦେବା ଦରକାର। ସେହିଭଳି ଡିପିଆର୍ ଅନୁମୋଦନ ବିନା କାର୍ଯ୍ୟ ହେଉଥିଲେ ତାହା ଭୁଲ। ଡିପିଆର୍ ଅନୁମୋଦନ ସମ୍ପର୍କରେ ଏଏସ୍ଆଇ ଡିଜିଙ୍କ ସହ ଆଲୋଚନା କରାଯିବ। ଏଏସ୍ଆଇକୁ ବିଶ୍ୱାସକୁ ନେଇ କାର୍ଯ୍ୟ ହେବା ଉଚିତ। ଏଏସ୍ଆଇ ସ୍ମାରକ ସଂରକ୍ଷଣ କ୍ଷେତ୍ରରେ ନିପୁଣ। ସେହି ନିପୁଣତାକୁ ବ୍ୟବହାର କରାଯିବା ଦରକାର। ସଂରକ୍ଷଣ କାର୍ଯ୍ୟ ସିଧାସଳଖ ଭାବେ ଏଏସ୍ଆଇ ଦ୍ୱାରା ପରିଚାଳିତ ହେବା ଉଚିତ୍ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପରିକ୍ରମା ପ୍ରକଳ୍ପ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଏ ସମ୍ପର୍କରେ ପ୍ରତିକ୍ରିୟା ରଖିବାକୁ ସଂସଦୀୟ କମିଟିର ଅନ୍ୟ ସଦସ୍ୟମାନେ ମନା କରିଦେଇଥିଲେ। ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ଆମ୍‌ସାର୍ ଆକ୍ଟ-୧୯୫୮ର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା କିଛିଦିନ ତଳେ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀ ଲୋକସଭାରେ କହିଥିଲେ। ସଂସଦ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଥିଲେ। ଏବେ ସଂସଦୀୟ କମିଟି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ପରେ ବିବାଦ ନୂଆ ମୋଡ଼ ନେଇଛି। ଡିପିଆର୍‌କୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏଏସ୍ଆଇ ଡିଜି ଏପର୍ଯ୍ୟନ୍ତ ଡିପିଆର୍ ଅନୁମୋଦନପତ୍ର ଦେଇ ନ ଥିବା ବେଳେ ରାଜ୍ୟ ସରକାର କାହା ଅନୁମତିରେ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି।

## କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ତର୍ଜମା ଚାଲିଛି: ବାଚସ୍ପତି

**ଭୁବନେଶ୍ୱର, ୨୧।୪**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ ପାଇଁ ବିଧାନସଭା ଗୃହ କମିଟିର ବୈଠକ ଡାକିବାରେ କୌଣସି ଅସୁବିଧା ନାହିଁ। ମାତ୍ର ଏବେ ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କ'ଣ ପଦକ୍ଷେପ ନିଆଯାଇପାରିବ ସେନେଇ ତର୍ଜମା ଚାଲିଛି। ତର୍ଜମା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ବେଆଇନ ଭାବେ ହେଉଥିବା ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଅଭିଯୋଗ ଆଣି କାମ ବନ୍ଦ କରିବାକୁ ଦାବି କରିଆସୁଛନ୍ତି। କିଛିଦିନ ତଳେ ବିଧାନସଭାରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏହି ପ୍ରସଙ୍ଗ ଉଠାଇଥିଲେ। ଏହାପରେ କାର୍ଯ୍ୟ ଅନୁଧ୍ୟାନ ପାଇଁ ଗୃହ କମିଟି ଗଠନ କରାଯାଇଥିଲା।

# ୨ ସପ୍ତାହ ସମୟ ମାଗିଲେ ଏଏସ୍ଆଇ, ରାଜ୍ୟ ସରକାର

**କଟକ ଅଫିସ,୨୧।୪**

**ହାଇକୋର୍ଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲା**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ବେଆଇନ ଖନନ ଅଭିଯୋଗ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଏହି ମାମଲାରେ ବିସ୍ତୃତ ତଥ୍ୟ ରଖିବା ପାଇଁ ରାଜ୍ୟ ସରକାର ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ହାଇକୋର୍ଟଙ୍କୁ ୨ ସପ୍ତାହ ସମୟ ମାଗିଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଓ ଏଏସ୍ଆଇ ବିଶେଷଜ୍ଞ ଟିମ୍ ମିଳିତ ଭାବେ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବାକୁ ହାଇକୋର୍ଟ ପୁନଃ ନିର୍ଦ୍ଦେଶ ଦେଇଛନ୍ତି। ମେ' ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବନ୍ଦ ପାଇଁ ପୁରୀର ଦିଲୀପ ବରାଳ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ସେ ଆବେଦନରେ ଦର୍ଶାଇଥିଲେ, ରାଜ୍ୟ ସରକାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ୧୦୦ ମିଟର ପରିଧି ଭିତରେ ବଡ଼ ବଡ଼ ଗାତ ଖୋଳି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନିଆଯାଇନାହିଁ। ଫଳରେ ଏହା ଧାରା ୨୦-ଏର ଉଲ୍ଲଂଘନ କରୁଛି। ପ୍ରକଳ୍ପ କାର୍ଯ୍ୟ ପାଇଁ ହେଉଥିବା କମ୍ପନ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ରହିଛି। ଏପରି କି ଶ୍ରୀମନ୍ଦିର ନାଟ ମଣ୍ଡପରେ ଫାଟ ସୃଷ୍ଟି ହୋଇଥିବା ପିଟିଶନରେ ଦର୍ଶାଇଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର, ଏଏସ୍ଆଇକୁ ଜବାବ ତଲବ କରିଥିଲେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ କ'ଣ ନିର୍ମାଣ ଚାଲିଛି, ନିର୍ମାଣ ପାଇଁ ଅନୁମତି ଅଛି କି ନାହିଁ, ନିର୍ମାଣ ଦ୍ୱାରା ଶ୍ରୀମନ୍ଦିର ପ୍ରତି ବିପଦ ଅଛି କି ନାହିଁ, ସେ ସମ୍ପର୍କରେ ବିସ୍ତୃତ ଭାବେ ସତ୍ୟପାଠ ଜରିଆରେ ଉତ୍ତର ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜ୍ୟ ସରକାର, ଏଏସ୍ଆଇ ତଥ୍ୟ ଦାଖଲ କରିପାରି ନ ଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ଏହି ମାମଲା ପରିଚାଳନା କରୁଛନ୍ତି।

**CLASSIFIED DISPLAY**
MORE SPACE • SAME PRICE
ALL EDITION - B/W (Everyday)

| TARIFF | For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 | GST 5% |
|---|---|---|---|---|---|---|---|---|---|
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

for Booking Contact: 0674-2580385, 8637280816, 7894447167, 9338226625

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

**ecosmart LED**
BULB TUBE
ଘରେବସି LED Bulb ତିଆରି କରି ଆମ company କୁ ଦେଇ ମାସିକ ଉତ୍ତମ ରୋଜଗାର କରନ୍ତୁ। ଆମେ ଆପଣଙ୍କୁ ସମସ୍ତ ପ୍ରକାର କଞ୍ଚାମାଲ, ଟ୍ରେନିଙ୍ଗ, ମେସିନାରୀ, ଟୁଲ୍, ପ୍ରୋଜେକ୍ଟ ରିପୋର୍ଟ ଯୋଗାଇ ଦେବୁ। ଦିନକୁ 100ଟି Bulb's ତିଆରି କରି 2000/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ଆପଣଙ୍କ ସହରରେ LED Bulb ଶିଳ୍ପ ବସାଇବା ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ।
8249593007

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ତାରାମଣୀ ମିଶ୍ର**
ସ୍ୱାମୀ: ୰ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରତାପ ଚନ୍ଦ୍ର ପଟ୍ଟନାୟକ**
ଆଡଭୋକେଟ୍, ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ: ୧୯୩୦
ତିରୋଧାନ: ୧୧।୦୪।୧୯୮୫
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ୍ୟ। ତୁମର ସ୍ନେହ, ଶ୍ରଦ୍ଧା, ଶିକ୍ଷା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ପ୍ରେମଲତା, ପୁତ୍ର: ବିଶ୍ୱନାଥ, ଲାଲୁ, ଗୁଲୁ, ପୁତ୍ରବଧୂ: ନିନା, ଝିଅ: ନଳିନୀ, ମଞ୍ଜୁ, ସୁଧା, କୁନି, ଶୁଭଲକ୍ଷ୍ମୀ, ଇତି, ମିତା, ମାମି, ଲିନା, ନାତି: ହାପି, ହନି, ପ୍ରିତ, ଶ୍ରୀତ, ନାତୁଣୀ: ଇରା, ରିମି।
ଧ-୧୯୬

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**୰ ତ୍ରିଲୋଚନ ମହାପାତ୍ର**
ଗୋପାଳି ବ୍ରହ୍ମପୁର, ମଧୁବନ
ସାକ୍ଷୀଗୋପାଳ, ପୁରୀ
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ
ଶୋକସନ୍ତପ୍ତ
ଭ୍ରାତା ଶ୍ରୀ ଭାସ୍କର ମହାପାତ୍ର, ପୁତ୍ର ବିଜନ ମହାପାତ୍ର, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୩

# ଉଦୀୟମାନ ଦେବାଶିଷ

**ନୂଆଦିଲ୍ଲୀରେ ଅନୁଷ୍ଠିତ ଜୁନିୟର ଡେଭିସ୍ କପ୍ ଟେନିସ ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ଦେବାଶିଷ ସାହୁ। ରାଜ୍ୟର ପ୍ରଥମ ଖେଳାଳିଭାବେ ସେ ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରତିଷ୍ଠିତ କୋଚ୍ ସୟଦ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ଦେବାଶିଷ ଆଗକୁ ବହୁ ବାଟ ଯିବାର ସୂଚନା ଦେଇଛନ୍ତି...**

–ପ୍ରସ୍ତୁତି: **ତପନ କୁମାର ସ୍ୱାଇଁ**





ଓଡ଼ିଶାର ଉଦୀୟମାନ ଟେନିସ ଖେଳାଳି ହେଉଛନ୍ତି ଦେବାଶିଷ ସାହୁ। ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଦେବାଶିଷ କ୍ରମେ ସଫଳତାର ଶିଢ଼ି ଚଢ଼ିବାରେ ଲାଗିଛନ୍ତି। ଫଳ ସ୍ୱରୂପ ଜୁନିୟର ଡେଭିସ୍ କପ୍ ପାଇଁ ସେ ଭାରତୀୟ ଦଳରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ ନିଜ ପ୍ରତିଭାର ଉପଯୋଗ କରି ସେ ଭାରତକୁ ଜୁନିୟର ଡେଭିସ୍ କପ୍ ଜିତାଇବାରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ନୂଆଦିଲ୍ଲୀର ଡିଏଲ୍‌ଟିଏ କମ୍ପ୍ଲେକ୍ସରେ ଏସିଆ-ଓସେନିଆ ୧୬ ବର୍ଷରୁ କମ୍ ଜୁନିୟର କ୍ୱାଲିଫାଇଙ୍ଗ୍ ଜୋନ୍ ଡେଭିସ୍ କପ ଟେନିସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୁଶିଲ ଖୋସ୍‌ଲା ଏବଂ ବୁଶାନ ହାଓବାମଙ୍କ ସହ ଭାରତୀୟ ଦଳର ସଦସ୍ୟ ଥିଲେ ଓଡ଼ିଶାର ଦେବାଶିଷ। ସାଜିଦ ଲୋଦି କ୍ୟାପଟେନ ଦାୟିତ୍ୱ ତୁଲାଇଥିଲେ। ଟପ୍ ସିଡ୍ ଅଷ୍ଟ୍ରେଲିଆ, ପାକିସ୍ତାନ ଓ ଇଣ୍ଡୋନେସିଆ ସହିତ ଭାରତ ଗୋଟିଏ ଗ୍ରୁପ୍‌ରେ ରହିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ ପରେ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଜାପାନକୁ ୨-୧ରେ ହରାଇ ଚାମ୍ପିୟନ ହୋଇଥିଲା। ପ୍ରଥମ ସିଙ୍ଗଲ୍ସରେ ଭାରତ ହାରିଥିଲେ ହେଁ ଦ୍ୱିତୀୟ ସିଙ୍ଗଲ୍ସ ଓ ଡବଲ୍ସରେ ବିଜୟୀ ହୋଇ ବାଜି ମାରିଥିଲା। ଏଥିସହ ଭାରତ ୱାର୍ଲ୍ଡ ଟୁର୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

ଓଡ଼ିଶାର ପ୍ରଥମ ଖେଳାଳିଭାବେ ଦେବାଶିଷ ଜୁନିୟର ଡେଭିସ୍ କପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ସେ ପ୍ରଥମ ଖେଳାଳିଭାବେ ୨୦୧୯ରେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଜୁନିୟର ଟେନିସ ଟ୍ରାଏଲ୍ ପାଇଁ ମନୋନୀତ ହୋଇଥିଲେ। ଗତ ଅଢ଼େଇ ବର୍ଷଧରି ରାଜ୍ୟର ପ୍ରତିଷ୍ଠିତ କୋଚ୍ ସୟଦ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣ ନେଇ ଆସୁଛନ୍ତି ଏହି ଟେନିସ ପ୍ରତିଭା। ପଟିଆସ୍ଥିତ ଫରହାନ ଅଲୀ ଏକାଡେମୀ ତାଙ୍କ ପାଇଁ ପାଲଟିଛି ଗୁରୁକୁଳ। ୨୦୦୬ ଜୁନ ୧୦ରେ ଜନ୍ମିତ ଦେବାଶିଷଙ୍କ ମା' ହେଉଛନ୍ତି ଅନୁକମ୍ପା ସାହୁ ଓ ବାପା ଲକ୍ଷ୍ମୀକାନ୍ତ ସାହୁ। ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲହଡ଼ା ଗ୍ରାମରେ ଜନ୍ମିତ ଦେବାଶିଷ ସମ୍ପ୍ରତି ଭୁବନେଶ୍ୱରରେ ରହୁଛନ୍ତି। ୨୦୨୨ ଜାନୁୟାରୀରେ ୧୬ ବର୍ଷରୁ କମ୍ ବୟସ ବର୍ଗରେ ସର୍ବଭାରତୀୟ ଟେନିସ ର୍‍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନରେ ଥିବା ଦେବାଶିଷ ଇତିମଧ୍ୟରେ ୩୫ରୁ ଊର୍ଦ୍ଧ୍ୱ ଏଆଇଟିଏ ଟାଇଟଲ ହାସଲ କରି ସାରିଛନ୍ତି।

ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଦେଖିବାକୁ ଗଲେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜୁନିୟର ଡେଭିସ୍ କପ୍ ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇଙ୍ଗ୍‌ରେ ସ୍ୱର୍ଣ୍ଣ ଜିତିଥିବା ଦେବାଶିଷ ଗତ ମାର୍ଚ୍ଚରେ ଭିଲାଇରେ ଅନୁଷ୍ଠିତ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଗ୍ରେଡ୍-୫ ଟୁର୍ନାମେଣ୍ଟର ସିଙ୍ଗଲ୍ସରେ କ୍ୱାର୍ଟର ଫାଇନାଲ ଏବଂ ଡବଲ୍ସରେ ସେମିଫାଇନାଲ ଖେଳିଥିଲେ।

ଜାତୀୟ ସ୍ତରରେ ତାଙ୍କ ସଫଳତା ଫର୍ଦ୍ଦ ଖୁବ୍ ଲମ୍ବା। ୨୦୧୮ରୁ ଜାତୀୟ ସ୍ତରରେ ନିଜ ପ୍ରଦର୍ଶନର ଛାପ ଛାଡ଼ିଥିବା ଏହି ଟେନିସ ପ୍ରତିଭା ୨୦୧୯ ଓ ୨୦୨୦ରେ ଅଧ ଡଜନରୁ ଊର୍ଦ୍ଧ୍ୱ ଟାଇଟଲ ହାସଲ କରିଥିଲେ। ୨୦୨୧ରେ ସେ ୫ଟି ସିଙ୍ଗଲ୍ସ ଓ ୩ଟି ଡବଲ୍ସ ଟାଇଟଲ ଅର୍ଜନ କରିଥିଲେ। ୨୦୨୨ ଜାନୁୟାରୀରେ ହାଇଦ୍ରାବାଦସ୍ଥିତ ସାନିଆ ମିର୍ଜା ଟେନିସ ଏକାଡେମୀରେ ଅନୁଷ୍ଠିତ ଏଆଇଟିଏ ଜାତୀୟ ସିରିଜ ଟେନିସ ଟୁର୍ନାମେଣ୍ଟର ୧୬ ବର୍ଷରୁ କମ୍ ବର୍ଗରେ ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଥିଲେ। ସେହିପରି ଫେବୃୟାରୀରେ ସେହି ହାଇଦ୍ରାବାଦରେ ଆୟୋଜିତ ଏଆଇଟିଏ ଜାତୀୟ ସିରିଜ ୧୮ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ସେ ସିଙ୍ଗଲ୍ସ ଚାମ୍ପିୟନ ହୋଇଥିଲେ।

## 'ଫିଟ୍‌ନେସ୍ ଉପରେ ଧ୍ୟାନଦେବାକୁ ହେବ'

ଦେବାଶିଷ ଜଣେ ପ୍ରତିଭା ସମ୍ପନ୍ନ ଖେଳାଳି। ଗତ ଅଢ଼େଇ ବର୍ଷ ଧରି ମୁଁ ତାଙ୍କୁ ଟ୍ରେନିଂ ଦେଇ ଆସୁଛି। କଠିନ ପରିଶ୍ରମ ଜାରି ରଖିଲେ ସେ ବହୁତ ଦୂରକୁ ଯିବାର ଦକ୍ଷତା ରଖିଛନ୍ତି। ତାଙ୍କ ସର୍ଭିସ ଏବଂ ଫୋରହ୍ୟାଣ୍ଡ ଶଟ୍ ବହୁତ ଭଲ। ମାତ୍ର ଫିଜିକାଲ ଫିଟ୍‌ନେସ ଦୃଷ୍ଟିରୁ ବହୁତ ଦୁର୍ବଳ। ଏହା ଉପରେ ଗମ୍ଭୀରତାର ସହ ଧ୍ୟାନ ଦେବାକୁ ପଡ଼ିବ। ଡେଭିସ୍ କପ୍‌ରେ ଦେବାଶିଷଙ୍କ ସହ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟ ଦୁଇ ଖେଳାଳି ଫିଟ୍‌ନେସ ଦୃଷ୍ଟିରୁ ଦୃଢ଼। ସେମାନଙ୍କ ସମକକ୍ଷ ହେବାପାଇଁ ଦେବାଶିଷଙ୍କୁ କିଛି ସମୟ ଲାଗିବ। ତେବେ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ସେ ଆଗକୁ ଆହୁରି ଅନେକ ସଫଳତା ପାଇବାନେଇ ମୁଁ ଦୃଢ଼ ନିଶ୍ଚିତ ବୋଲି କୋଚ୍ ଫରହାନ ଅଲୀ ପ୍ରକାଶ କରିଛନ୍ତି।

## ବହୁ ଆଗକୁ ନେବାର ସ୍ୱପ୍ନ ରହିଛି: ଲକ୍ଷ୍ମୀକାନ୍ତ

ପୁଅ ଦେବାଶିଷଙ୍କ କୃତିତ୍ୱରେ ସ୍ୱାଭାବିକଭାବେ ଗର୍ବ ଅନୁଭବ କରୁଛନ୍ତି ବାପା ଲକ୍ଷ୍ମୀକାନ୍ତ ସାହୁ। କମ୍ପାନୀ ଚାକିରି ପାଇଁ ରାଜ୍ୟ ବାହାରେ ରହିବାକୁ ପଡୁଥିଲେ ହେଁ ସେ ପୁଅକୁ ବହୁ ଆଗକୁ ନେବା ସ୍ୱପ୍ନରେ ବିଭୋର। "ମୁଁ ହାଇଦ୍ରାବାଦରେ ରହୁଥିବାବେଳେ ଆମ ଆପାର୍ଟମେଣ୍ଟ ପଛପଟେ ଥିବା କୋର୍ଟରେ ପିଲାଙ୍କ ଖେଳ ଦେଖି ଦେବାଶିଷ ଟେନିସ ପ୍ରତି ଆଗ୍ରହ ପ୍ରକାଶ କଲା। ୭-୮ ବର୍ଷ ବେଳରୁ ଆମେ ତାକୁ ଟେନିସ ଖେଳାଇ ଆସୁଛୁ। ପ୍ରଥମେ ହାଇଦ୍ରାବାଦ ପରେ ପଞ୍ଜାବର ପଟିଆଲାରେ ଛୋଟ ଏକାଡେମୀରେ ଟ୍ରେନିଂ ନେଉଥିଲା। ଏବେ ଭୁବନେଶ୍ୱରସ୍ଥିତ ପଟିଆରେ କୋଚ୍ ଫରହାନ ଅଲୀଙ୍କଠାରୁ ଟ୍ରେନିଂ ନେବାପରେ ତ୍ରୁଟିକୁ ସୁଧାରି ଆଗକୁ ବଢ଼ୁଛି। କଠିନ ପରିଶ୍ରମ ଯୋଗୁ ସେ ଢେଙ୍କାନାଳ ଗଁଦିଆ ପାଟଣାର ଛୋଟ ଗାଁ ଲହଡାରୁ ଆସି ଏବେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିଛି। ସେ ଜଣେ ଭଲ ଖେଳାଳି ହେଉ, ଆଗକୁ ଏଟିପି ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦୦ ମଧ୍ୟରେ ରହୁ ଏବଂ ଗ୍ରାଣ୍ଡସ୍ଲାମ ଖେଳୁ ବୋଲି ଆମର ସ୍ୱପ୍ନ ରହିଛି। ତେବେ ଏଥିପାଇଁ ବହୁତ ବାଟ ଯିବାକୁ ଅଛି। ଦେବାଶିଷ ଏବେ ଯେଉଁଠି ପହଞ୍ଚିଛି ତା'ର ଶ୍ରେୟ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଓଡ଼ିଶା ଟେନିସ ଆସୋସିଏଶନ, କୋଚ୍ ଫରହାନ ଅଲୀ ଏବଂ ସେ ପଢୁଥିବା ସ୍ଥାନ କିଟ୍‌କୁ ଦେବାକୁ ଚାହୁଁଛି। ସମସ୍ତଙ୍କ ସହଯୋଗ ଓ ସମର୍ଥନ ଯୋଗୁ ସେ ଆଗକୁ ବଢ଼ିବା ସମ୍ଭବ ହୋଇ ପାରିଛି" ବୋଲି ସମ୍ପ୍ରତି ପଟିଆଲାରେ ରହୁଥିବା ଲକ୍ଷ୍ମୀକାନ୍ତ ପ୍ରକାଶ କରିଛନ୍ତି।



ମା' ଓ ବାପାଙ୍କ ସହ ଦେବାଶିଷ।

**ସଂକ୍ଷେପରେ...**

ନାମ: ଦେବାଶିଷ ସାହୁ
ଜନ୍ମ: ୨୦୦୬ ଜୁନ୍ ୧୦
ମା: ଅନୁକମ୍ପା ସାହୁ, ବାପା: ଲକ୍ଷ୍ମୀକାନ୍ତ ସାହୁ
ଗ୍ରାମ: ଲହଡ଼ା, ଗଁଦିଆ, ଢେଙ୍କାନାଳ
ଶିକ୍ଷାଗତ ଯୋଗ୍ୟତା: ଷ୍ଟାଣ୍ଡାର୍ଡ-୧୧, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ
ଘରୋଇ କ୍ଲବ/ଏକାଡେମୀ: ଫରହାନ ଅଲୀ ଟେନିସ ଏକାଡେମୀ, ଭୁବନେଶ୍ୱର
କୋଚ୍: ସୟଦ ଫରହାନ ଅଲୀ
ଏଆଇଟିଏ ଟାଇଟଲ: ୩୫ରୁ ଊର୍ଦ୍ଧ୍ୱ



ଭାରତୀୟ ଦଳର ସଦସ୍ୟଙ୍କ ସହ ଦେବାଶିଷ ସାହୁ (ଡାହାଣ)।

# ଏସିଆ କପ୍ କ୍ରିକେଟ



ନିର୍ମଳ କୁମାର ମିଶ୍ର

**କ୍ରିକେଟ ଜଗତର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ହେଉଛି ଏସିଆ କପ୍। ଏସିଆ ମହାଦେଶର ୪ଟି ଶକ୍ତିଶାଳୀ ଟେଷ୍ଟ ଖେଳୁଥିବା ଦେଶ ଭାରତ, ପାକିସ୍ଥାନ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ଅନ୍ୟ ଯୋଗ୍ୟତା ସମ୍ପନ୍ନ ଦଳକୁ ନେଇ ଏହି ପ୍ରତିଯୋଗିତା ହୋଇଥାଏ...**

କ୍ରିକେଟ ଜଗତର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ହେଉଛି ଏସିଆ କପ୍। ଏସିଆ ମହାଦେଶର ୪ଟି ଶକ୍ତିଶାଳୀ ଟେଷ୍ଟ ଖେଳୁଥିବା ଦେଶ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ଅନ୍ୟ ଯୋଗ୍ୟତା ସମ୍ପନ୍ନ ଦଳକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଏକଦିବସୀୟ ଏବଂ ଆବଶ୍ୟକ ସ୍ଥଳେ ଟି୨୦ ଫର୍ମାଟରେ ଏହି ପ୍ରତିଯୋଗିତା ପ୍ରତି ୨ବର୍ଷ ଅନ୍ତରରେ ଖେଳାଯାଏ। ଏହାର ପ୍ରଥମ ସଂସ୍କରଣ ୧୯୮୪ ମସିହାରେ ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ଅଗଷ୍ଟ-ସେପ୍ଟେମ୍ବରରେ ଏହି ପ୍ରତିଯୋଗିତା ଶ୍ରୀଲଙ୍କାରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। କୋଭିଡ-୧୯ର ପ୍ରକୋପ ଯୋଗୁ ମଧ୍ୟ ଏହି ପ୍ରତିଯୋଗିତାକୁ ଏକାଧିକଥର ଘୁଞ୍ଚାଇବାକୁ ପଡ଼ିଛି।

ଏହି ପ୍ରତିଯୋଗିତା ପ୍ରକୃତରେ ପାକସ୍ତାନରେ ହେବାର ଥିଲା। ମାତ୍ର ଭାରତ ଭାଗ ନେବନାହିଁ ବୋଲି ପ୍ରକାଶ କରିବା ପରେ ଏହାକୁ ୟୁଏଇରେ ଆୟୋଜନ ଚିନ୍ତା କରାଯାଇଥିଲା। ତେବେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏହାକୁ ଆୟୋଜନ ପାଇଁ ଆଗ୍ରହ ଦେଖାଇଥିଲା। ସାମ୍ପ୍ରତିକ ସ୍ଥିତିରେ ଶ୍ରୀଲଙ୍କା ଗୁରୁତର ଅର୍ଥନୈତିକ ସଙ୍କଟ ମଧ୍ୟରେ ଗତି କରୁଥିବାରୁ ଏହି ପ୍ରତିଯୋଗିତାର ଆୟୋଜନ ବଡ ଚ୍ୟାଲେଞ୍ଜଭାବେ ଉଭା ହୋଇଛି। ଆଗକୁ ଅଷ୍ଟ୍ରେଲିଆରେ ହେବ ଆଇସିସି ଟି୨୦ ବିଶ୍ୱକପ୍। ଭଲ ଅଭ୍ୟାସ ପାଇଁ ଏସିଆ କପ୍‌କୁ ଟି୨୦ ଫର୍ମାଟରେ ଖେଳାଯିବାକୁ ଏସିସି ଆଇସିସିକୁ ଅନୁରୋଧ କରିବା ପରେ ଏହା ଗ୍ରହଣୀୟ ହୋଇଛି। ୨୭ଅଗଷ୍ଟରୁ ୧୧ ସେପ୍ଟେମ୍ବର ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏସିଆ ମହାଦେଶର ୬ଟି ଦେଶ ଏହି ପ୍ରତିଯୋଗିତାରେ ଭାଗନେବେ।

ଟିମ୍ ଇଣ୍ଡିଆ ସର୍ବାଧିକ ୭ ଥର ଏସିଆ କପ୍ ଚାମ୍ପିୟନ ହୋଇଛି। ଏହା ମଧ୍ୟରୁ ୬ଟି ଏକଦିବସୀୟ ଫର୍ମାଟରେ ହୋଇଥିବା ବେଳେ ଗୋଟିଏ ଟି୨୦ ଫର୍ମାଟ ଟାଇଟଲ୍ ରହିଛି। ୧୪ତମ ସଂସ୍କରଣର ଫାଇନାଲରେ ବାଂଲାଦେଶକୁ ହରାଇ ଚାମ୍ପିୟନ ହୋଇଥିଲା ଟିମ୍ ଇଣ୍ଡିଆ। ଭାରତୀୟ ଦଳ ୧୯୮୬ରେ ଏବଂ ପାକିସ୍ତାନ ୧୯୯୦-୯୧ରେ ଏହି ପ୍ରତିଯୋଗିତାରେ ଭାଗ ନେଇ ନ ଥିଲା। ଏକମାତ୍ର ଦଳରୂପେ ଶ୍ରୀଲଙ୍କା ସମସ୍ତ ୧୪ଟି ସଂସ୍କରଣରେ ଭାଗ ନେଇଛି। ଶ୍ରୀଲଙ୍କା ୨ୟ ସର୍ବାଧିକ ୫ଥର ଚାମ୍ପିୟନ ହୋଇଥିବା ବେଳେ ପାକିସ୍ଥାନ ମାତ୍ର ୨ଥର ଟାଇଟଲ ହାସଲ କରିଛି।

୨୦୧୮ର ୧୪ ତମ ସଂସ୍କରଣରେ ମୋଟ ୬ଟି ଦଳ ଭାଗନେଇଥିବା ବେଳେ ୧୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭାରତର ଶିଖର ଧାୱନ ସର୍ବାଧିକ ୩୪୨ରନ୍ କରିବା ସହିତ ପ୍ଲେୟର ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଆଫଗାନିସ୍ତାନର ଷ୍ଟାର ସ୍ପିନର ରସିଦ୍ ଖାଁ ବାଂଲାଦେଶ ପେସ୍ ବୋଲର ମୁସ୍ତାଫୁର ରହମନ ଓ ଭାରତୀୟ ସ୍ପିନର କୁଲଦୀପ ଯାଦବ ୧୦ଟି ଲେଖାଏ ଉଇକେଟ ନେଇଥିଲେ। ଓଭରଅଲ୍ ଦେଖିବାକୁ ଗଲେ ଶ୍ରୀଲଙ୍କାର ସନଥ ଜୟସୂରିଆ ସଫଳ ବ୍ୟାଟର ଭାବେ ସର୍ବାଧିକ ୧୨୨୦ ରନ୍ ଏବଂ ସେହି ଦେଶର ପେସ୍ ବୋଲର ଲସିଥ୍ ମାଲିଙ୍ଗା ସର୍ବାଧିକ ୩୩ଟି ଉଇକେଟ ହାସଲ କରିଛନ୍ତି।

ଆଗକୁ ଆଇସିସି ଟି୨୦ବିଶ୍ୱକପ୍ ହେବାକୁ ଥିବାରୁ ଯୁବ ଖେଳାଳିଙ୍କ ପାଇଁ ଏସିଆ କପ୍ ଯଥେଷ୍ଟ ଗୁରୁତ୍ୱ ବହନ କରିବ। ଆଇପିଏଲରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୁବ ଖେଳାଳମାନେ ଏହି ଟୁର୍ନାମେଣ୍ଟରେ ସୁଯୋଗ ପାଇବେ। ଏସିଆ ଉପମହାଦେଶର ସମସ୍ତ ଟେଷ୍ଟ ଖେଳୁଥିବା ଦେଶ ଏବଂ କ୍ୱାଲିଫାୟର ଦଳ ଚଳିତ ଏସିଆ କପର ଟି୨୦ ଫର୍ମାଟକୁ ବେଶ୍ ଗୁରୁତ୍ୱ ଦେବେ। ଭାରତ ଡିଫେଣ୍ଡିଂ ଚାମ୍ପିୟନ ହୋଇଥିବାରୁ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଖେଳିବ।



ACC Asia Cup

# ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ (୨)

# ନନ୍ଦକୃଷ୍ଣ ଦାସ

**ନନ୍ଦକୃଷ୍ଣ ଦାସ ୫୦ ଦଶକରେ ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ାବିତ୍‌ର ମାନ୍ୟତା ପାଇବା ସହ ଜାତୀୟ ସ୍ତରରେ ମଧ୍ୟ କୃତିତ୍ୱ ହାସଲ କରିଥିଲେ। ୧୯୫୦ରେ ବମ୍ବେରେ ଅନୁଷ୍ଠିତ ଭାରତୀୟ ଅଲିମ୍ପିକ କ୍ରୀଡ଼ାରେ ସେ ରାଜ୍ୟର ପ୍ରଥମ ଆଥଲେଟ୍‌ଭାବେ ଡେକାଥଲନରେ ସ୍ୱର୍ଣ୍ଣ ପଦକ ହାସଲ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଥିଲେ...**



ଅଶୋକ ମହାନ୍ତି

୧୯୨୦, ମାର୍ଚ୍ଚ ୨୦ ତାରିଖରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ନନ୍ଦକୃଷ୍ଣ ଦାସ ଅଗାଧ ପରିଶ୍ରମ, ସାଧନା ଏବଂ ଏକନିଷ୍ଠ ଉଦ୍ୟମ ଦ୍ୱାରା ୫୦ ଦଶକରେ ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ାବିତ୍‌ର ମାନ୍ୟତା ପାଇବା ସହିତ ଜାତୀୟ ସ୍ତରରେ ମଧ୍ୟ କୃତିତ୍ୱ ହାସଲ କରିଥିଲେ। ଗ୍ରୀକ୍ ଯୋଦ୍ଧା ଭଳି ଭଗବାନ ଦତ୍ତ ଶାରୀରିକ ଦକ୍ଷତାର ଅଧିକାରୀ ସ୍ୱର୍ଗତ ଦାସ ଯେତେବେଳେ ଚିତାବାଘର କ୍ଷିପ୍ରତା ଓ ବେଗ ସହିତ ଆଥଲେଟିକ୍ ଟ୍ରାକ୍‌ରେ ଦୌଡୁଥିଲେ, ମାଧ୍ୟାକର୍ଷଣ ଶକ୍ତିକୁ ପ୍ରତିହତ କରି "ପୋଲଭଲ୍ଟ ଓ ହାଇଜମ୍ପ" ଇଭେଣ୍ଟସରେ ଉଚ୍ଚତା ଅତିକ୍ରମ କରୁଥିଲେ, ରେସ୍ ଘୋଡ଼ା ଭଳି ଗାଲୋପିଙ୍ଗ୍ ଷ୍ଟ୍ରାଇଡ୍‌ସରେ "ହର୍ଡଲସ" ଅତିକ୍ରମ କରୁଥିଲେ ଏବଂ ଏକ ଗାଇଡେଡ ମିଶାଇଲ ଭଳି ଜାଭେଲିନ୍‌କୁ ନିର୍ଭୁଲ ନିକ୍ଷେପଣ କରୁଥିଲେ ସେତେବେଳେ ଅଜସ୍ର କ୍ରୀଡ଼ା ପ୍ରେମୀ ତାଙ୍କ ଦକ୍ଷତାକୁ ଉପଭୋଗ କରିବା ସହିତ ସ୍ତମ୍ଭୀଭୂତ ହୋଇପଡୁଥିଲେ।

୧୯୫୦ରେ ବମ୍ବେଠାରେ ଅନୁଷ୍ଠିତ ୧୪ତମ ଭାରତୀୟ ଅଲିମ୍ପିକ କ୍ରୀଡ଼ାରେ ସେ ରାଜ୍ୟର ପ୍ରଥମ ଆଥଲେଟ୍‌ଭାବେ ଡେକାଥଲନ (୧୦ଟି ଇଭେଣ୍ଟ)ରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା କ୍ରୀଡ଼ା ଇତିହାସରେ ନୂତନ କୀର୍ତ୍ତିମାନ ସ୍ଥାପନ କରିଥିଲେ। ଏହାର ୨୮ ବର୍ଷ ପରେ କେରଳର କୁଇଲନଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଜାତୀୟ ପ୍ରତିଯୋଗିତାରେ ନନ୍ଦ ଦାସଙ୍କ ଦ୍ୱାରା ପ୍ରଶିକ୍ଷିତ ପଞ୍ଚାନନ ଗନ୍ତାୟତ ୧୦୦ମି. ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟର ଦ୍ୱିତୀୟ ଆଥଲେଟ୍ (ଗୁରୁ ନନ୍ଦ ଦାସଙ୍କ ପରେ) ଭାବେ ଏହି ସଫଳତା ପାଇଥିଲେ। ଓଡ଼ିଶା ପୋଲିସ ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ (CRPF)ରେ କାର୍ଯ୍ୟରତ ଥିବା ସମୟରେ ସେ ଏକାଧିକ ଥର ତାଙ୍କ ଦଳକୁ ବିଭିନ୍ନ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଶାରୀରିକ ଶିକ୍ଷା ଉପନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇ ରାଜ୍ୟ ବିଦ୍ୟାଳୟ କ୍ରୀଡ଼ାକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ଅନେକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ପ୍ରତିଯୋଗିତା ମୂଳକ କ୍ରୀଡ଼ାରୁ ଅବସର ନେଲାପରେ ସେ ତାଙ୍କର ଅଭିଜ୍ଞତା ଏବଂ କ୍ରୀଡ଼ା ସମ୍ବନ୍ଧୀୟ ବିଶେଷ ଜ୍ଞାନର ସଦୁପଯୋଗ କରି ରାଜ୍ୟର ଅନେକ ଉଦୀୟମାନ ଖେଳାଳିଙ୍କୁ ତାଲିମ ଦେଇ ଉଚ୍ଚକୋଟୀର କ୍ରୀଡ଼ାବିତ୍ ଭାବେ ଗଢ଼ି ତୋଳିଥିଲେ। ଶୁଣିବାକୁ ମିଳେ ନନ୍ଦ ଦାସ ସିଆରପିଏଫରେ କାର୍ଯ୍ୟରତ ଥିବା ସମୟରେ ଦେଶର ବିଶ୍ୱସ୍ତରୀୟ ହର୍ଡଲ୍ସ ଚାମ୍ପିୟନ ଗୁରୁ ବଚନ ସିଂ ରାନ୍ଧୱା (ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ବିଜୟୀ)ଙ୍କୁ ପ୍ରଶିକ୍ଷଣ ଦେଇଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସହ ନନ୍ଦକୃଷ୍ଣ ଦାସ (ବାମ)।

ଶୁଣିବାକୁ ମିଳେ ଆଉ ଏକ ରୋଚକ ଘଟଣା। ବୋଧହୁଏ ୧୯୪୬ ମସିହା। ଯୁବକ ନନ୍ଦ ଦାସ କଟକ ପୋଲିସ ପଡ଼ିଆରେ ପୋଲଭଲ୍ଟ ଅଭ୍ୟାସ କରୁଥିବା ସମୟରେ ସମ୍ମୁଖୀନ ହୋଇଥିଲେ ବିଶିଷ୍ଟ କ୍ରୀଡ଼ାବିତ୍ ବିଜୁ ପଟ୍ଟନାୟକଙ୍କ ସହିତ। ବିଜୁବାବୁ ଯିଏ କି ଜଣେ ଉଚ୍ଚକୋଟୀର ପୋଲଭଲ୍ଟର ଥିଲେ। ନନ୍ଦ ଦାସଙ୍କୁ ତାଙ୍କର ରେକର୍ଡ (୧୦'.୧୦") ଅତିକ୍ରମ କରିବାକୁ ଆହ୍ୱାନ କରିଥିଲେ। ନନ୍ଦ ବାବୁ ଆହ୍ୱାନକୁ ଗ୍ରହଣ କରି ସେଇ ଉଚ୍ଚତାକୁ ଅତିକ୍ରମ କରିଥିଲେ ଏବଂ ବିଜୁବାବୁଙ୍କଠାରୁ ୧୦୦ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। କ୍ରୀଡ଼ାରେ ଜୀବନ ବ୍ୟାପୀ ସାଧନା ଲାଗି ୨୦୦୩-୦୪ରେ ରାଜ୍ୟ ସରକାର ନନ୍ଦକୃଷ୍ଣଙ୍କୁ ମରଣୋତ୍ତର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରିଥିଲେ। ଓଡ଼ିଶା କ୍ରୀଡ଼ାର ଏହି କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ସାଧନା, ନିଷ୍ଠା ଓ କ୍ରୀଡ଼ା କୃତି ଭବିଷ୍ୟତ ଯୁବପିଢ଼ିଙ୍କ ପାଇଁ ସର୍ବଦା ଆଦର୍ଶ ହୋଇ ରହିବ।

### ଅତୀତ ସ୍ମୃତିରୁ...

**ସ୍ୱର୍ଗତ ନନ୍ଦ ଦାସଙ୍କଠାରୁ ପ୍ରେରଣା ପାଇଥିବା ଏବଂ ପ୍ରଶିକ୍ଷଣ ଗ୍ରହଣ କରିଥିବା ପ୍ରତିଷ୍ଠିତ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ମନ୍ତବ୍ୟ ନିମ୍ନରେ ପ୍ରକାଶ କରାଗଲା।**

• "ନନ୍ଦ ଦାସ ଥିଲେ ପଚାଶ ଦଶକରେ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାବିତ୍। ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ପୋଲଭଲ୍ଟରେ ରାଜ୍ୟ କୀର୍ତ୍ତିମାନ ସ୍ଥାପନ କରିଥିଲେ। ସେ ସମୟରେ ଗୋଲକ ସାମଲ (ବୁଲୁ ଭାଇ), ଲମ୍ଫଡିଆଁ ଏବଂ ୧୦୦ମି. ଦୌଡ଼ରେ ରାଜ୍ୟ ଚାମ୍ପିୟନ ଥିବାବେଳେ ନନ୍ଦ ଦାସ ପୋଲଭଲ୍ଟ, ହାଇଜମ୍ପ, ହର୍ଡଲ୍‌ସ ଏବଂ "ଡେକାଥଲନ"ରେ ଶ୍ରେଷ୍ଠ ଆଥଲେଟ ଥିଲେ।"

• **– ଡ. ପ୍ରଭାତ ମିଶ୍ର, ପୂର୍ବତନ କ୍ରୀଡ଼ାବିତ୍ ଓ ବିଶିଷ୍ଟ ଶିକ୍ଷାବିତ୍**

• "ମୋର ପ୍ରିୟ ଇଭେଣ୍ଟ ଥିଲା ୧୦୦ମି. ଦୌଡ଼ ଏବଂ ଲମ୍ଫଡିଆଁ। ନନ୍ଦ ସାର ମୋର ସ୍ପିଡ୍ ଏବଂ ଏକ୍ସପ୍ଲୋସିଭ ଷ୍ଟ୍ରେନ୍ଥରେ ଦକ୍ଷତା ଦେଖି ମତେ ୧୦୦ମି. ହର୍ଡଲ୍ସରେ ପ୍ରଶିକ୍ଷଣ ଦେଇ ପ୍ରସ୍ତୁତ କରିଥିଲେ ଏବଂ କଟକଠାରେ ଅନୁଷ୍ଠିତ ୧୯୭୦ ଜାତୀୟ କ୍ରୀଡ଼ାରେ ମୁଁ ୧୦୦ ମି. ଦୌଡ଼, ଲମ୍ଫଡିଆଁ ଏବଂ ୧୦୦ମି. ହର୍ଡଲ୍ସରେ (୧୯ ବର୍ଷରୁ କମ୍) ସ୍ୱର୍ଣ୍ଣପଦକ ଜିତିବା ସହ ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲି। ନନ୍ଦ ସାରଙ୍କ ପ୍ରଶିକ୍ଷଣରେ ଏହା ସମ୍ଭବ ହୋଇଥିଲା।"

• **– ରାଜ୍ୟର ସୁନାମଧନ୍ୟ ଆଥଲେଟ୍ ଏବଂ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ**

# ଚେନ୍ନାଇକୁ ଜିତାଇଲେ ଧୋନୀ


ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ମୁମ୍ବାଇର ତିଳକ ବର୍ମା।

**ମୁମ୍ବାଇ,୨୧।୪**

ଅନ୍ତିମ ଓଭରରେ ମହେନ୍ଦ୍ର ସିଂ ଧୋନୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ସ୍ଥାନୀୟ ଡି ୱାଇ ପାଟିଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୩ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ଚଳିତ ସିଜନରେ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ଦ୍ୱିତୀୟ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଲଗାତର ୭ମ ପରାଜୟ ସହ ମୁମ୍ବାଇର ପ୍ଲେ-ଅଫ୍ ଆଶା ମଉଳି ଯାଇଛି।

ଟସ୍ ଜିତି ରବୀନ୍ଦ୍ର ଜାଡେଜା ନେଇଥିବା ବୋଲିଂ ନିଷ୍ପତ୍ତିକୁ ପ୍ରଥମ ଓଭରରେ ଉଚିତ ପ୍ରମାଣ କରିଥିଲେ ମୁକେଶ ଚୌଧାରୀ। ସେ ପ୍ରଥମ ଓଭରରେ ହିଁ ଅଧିନାୟକ ରୋହିତ ଶର୍ମା ଓ ଇଶାନ କିଷନଙ୍କୁ ପ୍ୟାଭିଲିଅନ ବାଟ ଦେଖାଇଥିଲେ। ତା' ପରେ ଦଳ ନିୟମିତ ବ୍ୟବଧାନରେ ୫ ଉଇକେଟ ହରାଇଥିଲା। ଶେଷ ଆଡ଼କୁ ତିଲକ ବର୍ମାଙ୍କ ଅପରାଜିତ ୫୧ (୩ ଚୌକା ଓ ୨ ଛକା) ରନ୍ ଓ ଜୟଦେବ ଉନାଡକଟ (୧୯) ଦଳୀୟ ସ୍କୋରକୁ ୧୫୫/୭ରେ ପହଞ୍ଚାଇଥିଲେ। ସିଏସ୍‌କେ ପକ୍ଷରୁ ମୁକେଶ ସର୍ବାଧିକ ୩ ଓ ଡ୍ୱେନ ବ୍ରାଭୋ ୨ ଉଇକେଟ ହାତେଇଥିଲେ। ଜବାବରେ ସିଏସ୍‌କେ ମଧ୍ୟ ପ୍ରାରମ୍ଭରୁ ଦୁଇ ଉଇକେଟ ହରାଇଥିଲା। ତୃତୀୟ ଉଇକେଟ ପାଇଁ ରବିନ ଉଥପ୍ପା (୩୦) ଏବଂ ଅମ୍ବାତି ରାୟୁଡୁ (୪୦) ୫୦ ରନ୍ ଯୋଡ଼ିଥିଲେ। ପରବର୍ତ୍ତୀ ୪୦ ରନ୍‌ରେ ୪ ଉଇକେଟ ହରାଇ ସିଏସ୍‌କେ ଦିଗହରା ହୋଇଯାଇଥିଲା। କିନ୍ତୁ ମହେନ୍ଦ୍ର ସିଂ ଧୋନୀ (୧୩ ବଲରେ ୨୮* ରନ୍, ୩ ଚୌକା ଓ ୧ ଛକା) ଅନ୍ତିମ ବଲରେ ଚୌକା ମାରି ମୁମ୍ବାଇ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ସିଏସ୍‌କେ ୨୦ ଓଭରରେ ୭ ଉଇକେଟ ହରାଇ ୧୫୬ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୫୫/୭ (ତିଲକ ବର୍ମା-୫୧*, ସୂର୍ଯ୍ୟକୁମାର-୩୨, ମୁକେଶ ଚୌଧାରୀ-୩/୧୯, ଡ୍ୱେନ ବ୍ରାଭୋ-୨/୩୬, ମିଚେଲ ସାଣ୍ଟନର-୧/୧୬)। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୩୬/୭(ଅମ୍ବାତି ରାୟୁଡୁ-୪୦, ରବିନ ଉଥପ୍ପା -୩୦, ମହେନ୍ଦ୍ର ସିଂ ଧୋନୀ-୨୮* ଡାନିଏଲ ସାମ୍ସ-୪/୩୦, ଜୟଦେବ ଉନାଡକଟ ୨/୪୮)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୬ | ୫ | ୧ | ୧୦ | +୦.୩୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୭ | ୫ | ୨ | ୧୦ | +୦.୨୫୧ |
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୮ | +୦.୩୮୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | -୦.୦୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | +୦.୯୪୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୭ | ୩ | ୪ | ୬ | -୦.୫୬୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୭ | ୨ | ୫ | ୪ | -୦.୫୩୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୦ | ୭ | ୦ | -୦.୮୯୨ |

## ତ୍ରିପୁରା ବିପକ୍ଷରେ ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ତ୍ରିଭେନ୍ଦ୍ରମଠାରେ ଚାଲିଥିବା ସିନିୟର ମହିଳା ଟି୨୦ ଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ତ୍ରିପୁରାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ୧୯.୨ ଓଭରରେ ୮୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଏମ.କେ. ରବିଦାସ ସର୍ବାଧିକ ୨୬ ଓ ଜେ.ଆର. ଦେବନାଥ ୨୧ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାମେଶ୍ୱରୀ ନାଏକ ୮ ରନରେ ୨ଟି, ସୁଶ୍ରୀ ଦିବ୍ୟଦର୍ଶିନୀ ୧୭ ରନରେ ୨ଟିଏବଂ ସୁଜାତା ମଲିକ ୧୯ ରନରେ ୨ଟିଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୧୯ ଓଭରରେ ୩ ଉଇକେଟ ହରାଇ ୯୧ ରନ ସଂଗ୍ରହ କରି ନେଇଥିଲା। ମାଧୁରୀ ମେହେଟା ୨୮ ଓ କାଜଲ ଜେନା ୨୫ ରନ ସ୍କୋର କରିଥିଲେ। ତ୍ରିପୁରା ପକ୍ଷରୁ ଏ.ବି. ଦାସ ୨ଟି ଉଇକେଟ ନେଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ଲିଗ୍‌ମ୍ୟାଚ ୨୨ ତାରିଖରେ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ।

## ବୁମ୍‌ରା, ରୋହିତଙ୍କୁ ୱିଜଡେନ୍ ପୁରସ୍କାର

**ଲଣ୍ଡନ, ୨୧।୪ (ପି.ଟି.)**

ଅଲ୍‌ମାନାକ୍‌ର ୨୦୨୨ ସଂସ୍କରଣରେ ୫ଜଣ ଖେଳାଳି ୱିଜ୍‌ଡେନ କ୍ରିକେଟର୍ସ ଅଫ୍ ଦି ଇୟର ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭାରତ ଅଧିନାୟକ ରୋହିତ ଶର୍ମା ଓ ଯଶପ୍ରୀତ ବୁମ୍‌ରା ରହିଛନ୍ତି। ଏହି ଦୁଇଜଣଙ୍କ ବ୍ୟତୀତ ପୁରସ୍କାର ପାଇଁ ମନୋନୀତ ଅନ୍ୟ ଖେଳାଳିମାନେ ହେଲେ ନ୍ୟୁଜିଲାଣ୍ଡ ବ୍ୟାଟର ଡେଭନ କନୱେ, ଇଂଲଣ୍ଡ ପେସ୍ ବୋଲର ଓଲି ରବିନ୍‌ସନ ଓ ଦକ୍ଷିଣ ଆଫ୍ରିକା ଷ୍ଟାର ଡେନ୍‌ଭାନ୍ ନିକ୍‌ରେକ୍। ଇଂଲଣ୍ଡର ଜୋ ରୁଟ୍ ବିଶ୍ୱର ଅଗ୍ରଣୀ କ୍ରିକେଟର ବିବେଚିତ ହୋଇଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ମହିଳା ଟିମ୍ ବ୍ୟାଟର ଲିଜେଲି ଲି' ଅଗ୍ରଣୀ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ଏହାଛଡ଼ା ପାକିସ୍ତାନ ଉଇକେଟକିପର-ବ୍ୟାଟର ମହମ୍ମଦ ରିଜୱାନ ବିଶ୍ୱର ଅଗ୍ରଣୀ ଟି୨୦ କ୍ରିକେଟର ବିବେଚିତ ହୋଇଛନ୍ତି। ଗତ ଗ୍ରୀଷ୍ମଋତୁରେ ଇଂଲଣ୍ଡ ଟୁର୍ ସମୟରେ ବୁମ୍‌ରା ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଲର୍ଡସଠାରେ ଭାରତର ଐତିହାସିକ ବିଜୟ ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ପରେ ଦି ଓଭାଲଠାରେ ତାଙ୍କ ମ୍ୟାଚ ବିଜୟୀ ବୋଲିଂ ଯୋଗୁ ଗତ ବର୍ଷ ଜୁଲାଇରେ ଅନୁଷ୍ଠିତ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ଲାଭ କରିଥିଲା। ଗତ ଗ୍ରୀଷ୍ମଋତୁରେ ଟପ୍ ଅର୍ଡରରେ ରୋହିତଙ୍କ ବ୍ୟାଟିଂ ଉଲ୍ଲେଖନୀୟ ଥିଲା। ସେ ୪ଟି ଟେଷ୍ଟ ମ୍ୟାଚରେ ୫୨.୫୭ ଆଭରେଜରେ ୩୬୮ ରନ କରିଥିଲେ। ଭାରତ ଅଧିନାୟକ ଓଭାଲଠାରେ ମ୍ୟାଚ ବିଜୟୀ ସ୍କୋର ୧୨୭ ରନ କରିଥିଲେ। ରୋହିତ ଗତ କ୍ୟାଲେଣ୍ଡର ବର୍ଷରେ ୧,୭୦୮ ରନ ସ୍କୋର କରିଥିଲେ। କ୍ରିକେଟ ଇତିହାସରେ ଏହା ତୃତୀୟ ସର୍ବାଧିକ। ୨୦୨୧ରେ ଅନ୍ତର୍ଜାତୀୟ ଦିନିକିଆରେ ଲି'ଙ୍କ ବ୍ୟାଟିଂ ଆଭରେଜ ୯୦.୨୮ ରହିଥିଲା। ଭାରତ ବିପକ୍ଷ ସିରିଜରେ ସେ ଚାରୋଟି ଇନିଂସରେ ଆକର୍ଷଣୀୟ ୨୮୮ରନ ସ୍କୋର କରିଥିଲେ। ଏଥିପାଇଁ ସେ ବିଶ୍ୱର ଅଗ୍ରଣୀ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ୨୦୨୧ରେ ରିଜୱାନ ଟି୨୦ରେ ଅନ୍ତର୍ଜାତୀୟ ରେକର୍ଡ କରିଛନ୍ତି।


ରୋହିତ ଶର୍ମା ଓ ଯଶପ୍ରୀତ୍ ବୁମ୍‌ରା।

## କିଟ୍ ରଗ୍‌ବୀ ଦଳକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି)**

ୟୁନିଭର୍ସିଟି ଅଫ୍ ମୁମ୍ବାଇ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଟୁର୍ନାମେଣ୍ଟ ଗୁରୁବାର ମୁମ୍ବାଇଠାରେ ଶେଷ ହୋଇଛି। ଅନ୍ତିମ ଦିବସରେ କିଟ୍ ବିଶ୍ୱବିଦ୍ୟାଳୟ ୩୧-୦ରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ଦଳରେ ସୁଗଦା ମାଝି, ନୁନାରାମ ହାଂସଦା, ନାଗାର୍ଜୁନ ଭୋଇ, ଯୁଗଳ କିଶୋର ମାଝି, ପ୍ରିୟରଞ୍ଜନ ମଲିକ, ନରସିଂହ ମାର୍ଣ୍ଡି, ଗଜେନ୍ଦ୍ର ବାସ୍କେ, ଜିତେନ୍ଦ୍ର ମାଝି, ମକରନ୍ଦ ପ୍ରଧାନ, ସେରାଲ ହାଂସଦା, ସଞ୍ଜୟ କିଷାନ, ରାମଚନ୍ଦ୍ର ହାଂସଦା ସାମିଲ ଥିଲେ। ମୁନା ମୁର୍ମୁ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ରୋଞ୍ଜ ବିଜୟୀ ଦଳର ସଦସ୍ୟଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ବିଜୟୀ କିଟ୍ ଦଳ।

## କ୍ରିଷ୍ଣା ରାଜଙ୍କୁ ଡବଲ ଟାଇଟଲ୍



**ଭୁବନେଶ୍ୱର,୨୧।୪(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଯୁବା ଟେନିସ ଖେଳାଳି କ୍ରିଷ୍ଣା ରାଜ ହରିୟାଣାର ରୋହତକସ୍ଥିତ ହକ୍ ଟେନିସ ଏକାଡେମୀରେ ଆୟୋଜିତ ସର୍ବଭାରତୀୟ ସିଏସ୍‌୭ ଟେନିସ ଚାମ୍ପିୟନଶିପ୍‌ରେ ଡବଲ୍ ଟାଇଟଲ ହାସଲ କରଛନ୍ତି। ୧୬ ଓ ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ବର୍ଗରେ ସେ ଚାମ୍ପିୟନ ହୋଇଥିବା ବେଳେ ୧୬ ବର୍ଷରୁ କମ୍ ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ କ୍ରିଷ୍ଣା ୬-୦, ୬-୧ ସେଟ୍‌ରେ ହରିୟାଣାର ପ୍ରତିଦ୍ୱନ୍ଦ୍ୱୀ ଲୀପିକାଙ୍କୁ ହରାଇଥିଲେ। ସେହିଭଳି ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଦିଲ୍ଲୀର ବୈଷ୍ଣବୀ ସିଂଙ୍କୁ ୬-୨, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। କିନ୍ତୁ ୧୬ ବର୍ଷରୁ କମ୍ ଡବଲ୍ସ ବର୍ଗରେ ଲୀପିକାଙ୍କୁ ସାଥି କରି ଖେଳିଥିବା କ୍ରିଷ୍ଣାଙ୍କୁ ରନର୍ସଅପରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। କ୍ରିଷ୍ଣା ଓ ଲୀପିକାଙ୍କ ଯୋଡ଼ି ଫାଇନାଲରେ ୫-୭, ୬-୪ ସେଟ୍‌ରେ ଦିଲ୍ଲୀର ବୈଷ୍ଣବୀ ସିଂ ଓ ହରିୟାଣାର ଧାତ୍ରୀ ଡାଭେଙ୍କଠାରୁ ପରାଜୟ ବରଣ କରିଥିଲା। ଉଲ୍ଲେଖଯୋଗ୍ୟ, କ୍ରିଷ୍ଣା ରାଜ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଶୟଦ ଅଲିଙ୍କ ନିକଟରେ ପ୍ରଶିକ୍ଷଣ ନେଉଛନ୍ତି।

## ଏନ୍‌ସିଏ ପ୍ରୋଗ୍ରାମରେ ଓଡ଼ିଶାର ୫ ସାମିଲ

**ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜୁନିୟର ଚୟନ କମିଟି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ୫ ଖେଳାଳିଙ୍କୁ ଏନ୍‌ସିଏ ପ୍ରୋଗ୍ରାମ ପାଇଁ ଚୟନ କରିଛି। ସେମାନେ ହେଲେ ଆଶୀର୍ବାଦ ସ୍ୱାଇଁ, ସୁଶୀଲ ବାରିକ, ଅଂଶୁମାନ ସାହୁ, ସାଇଦୀପ ମହାପାତ୍ର ଓ ଆଦିତ୍ୟ ସିଂ। ଏନ୍‌ସିଏ ପ୍ରୋଗ୍ରାମ୍ ମେ ୯ରୁ ଜୁନ ୨ ପର୍ଯ୍ୟନ୍ତ ଚାଲିବ। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ ଖୁବ୍‌ଶୀଘ୍ର ଏହି ପ୍ରୋଗ୍ରାମ ପାଇଁ ଭେନ୍ୟୁ ନିର୍ଦ୍ଧାରଣ କରିବ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ମନୋନୀତ ୫ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସରେ ଓଡ଼ିଶାରୁ ୫୧

**ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି):** ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୪୨ତମ ସଂସ୍କରଣ ଚଳିତ ମାସ ୨୭ରୁ ମେ ୧ ପର୍ଯ୍ୟନ୍ତ ଚେନ୍ନାଇଠାରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ଓଡ଼ିଶା ମାଷ୍ଟର୍ସ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ୫୧ ଜଣିଆ ଦଳ ମନୋନୟନ କରାଯାଇଛି। ଓଡ଼ିଶା ଦଳର ଆଥ୍‌ଲେଟମାନେ ଚଳିତ ମାସ ୨୫ ତାରିଖରେ ଚେନ୍ନାଇ ଯିବେ। ପ୍ରତିଯୋଗୀମାନେ ମ୍ୟାନେଜର ଦୁଃଖଶ୍ୟାମ ପାଢ଼ୀ ଓ ସହକାରୀ ମ୍ୟାନେଜର ଏରିକ ସାମଲଙ୍କୁ ଯୋଗାଯୋଗ କରିବା ସହ କୋଭିଡ-୧୯ ଟିକାର ଡବଲ ଡୋଜ ସାର୍ଟିଫିକେଟ ସାଥିରେ ନେବା ବାଧ୍ୟତାମୂଳକ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ଦାସ ଜଣାଇଛନ୍ତି।

## ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳରେ ୧୪ବର୍ଷୀୟା ଉନ୍ନତି

**ନୂଆଦିଲ୍ଲୀ, ୨୧।୪ (ପି.ଟି.)**




ଆଗାମୀ ଏସିଆନ ଗେମ୍ସ ପାଇଁ ଗୁରୁବାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ଘୋଷଣା କରାଯାଇଛି। ଏଥିରେ ୧୪ ବର୍ଷୀୟ ପ୍ରତିଭା ଉନ୍ନତି ହୁଡାଙ୍କୁ ସ୍ଥାନ ମିଳିଛି। ଖେଳର ଜାତୀୟ ମହାସଂଘ ଆହୁରି ମଧ୍ୟ ଏହି ବର୍ଷ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଥୋମାସ ଓ ଉବର କପ୍ ପାଇଁ ମଧ୍ୟ ଦଳ ଘୋଷଣା କରିଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ୬ ଦିନ ଧରି ସିଲେକ୍ସନ ଟ୍ରାଏଲ୍ ପରେ ଦଳଗୁଡ଼ିକ ଘୋଷଣା କରାଯାଇଛି। ହୁଡା ସର୍ବକନିଷ୍ଠ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ହିସାବରେ ଏସିଆନ ଗେମ୍ସ ଦଳରେ ସ୍ଥାନ ପାଇବେ। ଡବଲ ଅଲିମ୍ପିକ ପଦକ ବିଜୟିନୀ ପି. ଭି. ସିନ୍ଧୁ ଉଭୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ମହିଳା ଚ୍ୟାଲେଞ୍ଜର ନେତୃତ୍ୱ ନେବେ। ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟିନୀ ସାଇନା ନେହ୍ୱାଲଙ୍କୁ ଦଳରେ ସ୍ଥାନ ମିଳିନାହିଁ। ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଲକ୍ଷ୍ୟ ସେନ୍ ଓ କିଡାମ୍ବି ଶ୍ରୀକାନ୍ତ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ଜୁଲାଇ ୨୮ରୁ ଅଗଷ୍ଟ ୮) ଏବଂ ଚାଇନାର ହାଙ୍ଗ୍‌ଝୋଠାରେ ଏସିଆନ ଗେମ୍ସ (ସେପ୍ଟେମ୍ବର ୧୦ରୁ ୨୫) ଭାରର ପୁରୁଷ ଦଳର ନେତୃତ୍ୱ ନେବେ। ଚଳିତବର୍ଷ ହେବାକୁଥିବା ତିନୋଟି ପ୍ରମୁଖ ଟୁର୍ନାମେଣ୍ଟ ପାଇଁ ଖେଳାଳି ଘୋଷଣା କରିବା ସହ ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ବାଇ) ଆହୁରି ମଧ୍ୟ ଜାତୀୟ ସିନିୟର କ୍ୟାମ୍ପ ଏବଂ ୨୦୨୪ ଅଲିମ୍ପିକ ଗେମ୍ସ ଲାଗି କୋର୍ ଗ୍ରୁପ୍ ସକାଶେ ୪୦ ଖେଳାଳି (୨୦ ପୁରୁଷ ଓ ୨୦ ମହିଳା)ଙ୍କୁ ଟ୍ରାଏଲ୍ସ ପୋଜିଶନ ଭିତ୍ତିରେ ମନୋନୟନ କରିଛି। ଥୋମାସ କପ୍‌ର ୩୨ତମ ସଂସ୍କରଣ ଏବଂ ଉବର କପ୍‌ର ୨୯ତମ ସଂସ୍କରଣ ବ୍ୟାଙ୍କକଠାରେ ଅନୁଷ୍ଠିତ ହେବ। **ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ପୁରୁଷ ଦଳ:** ଲକ୍ଷ୍ୟ ସେନ୍, କିଡାମ୍ବି ଶ୍ରୀକାନ୍ତ, ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ, ଚିରାଗ ଶେଟ୍ଟି ଓ ବି. ସୁମିତ୍ ରେଡ୍ଡୀ। **ମହିଳା ଦଳ:** ପି.ଭି ସିନ୍ଧୁ. ଆକର୍ଷୀ କାଶ୍ୟପ, ତ୍ରିସା ଜଲି, ପି. ଗାୟତ୍ରୀ, ଅଶ୍ୱିନ ପୋନାପ୍ପା। **ଏସିଆନ ଗେମ୍ସ, ଥୋମାସ ଓ ଉବର କପ୍ ପାଇଁ ପୁରୁଷ ଦଳ:** ଲକ୍ଷ୍ୟ ସେନ୍, କିଡାମ୍ବି ଶ୍ରୀକାନ୍ତ, ଏଚ୍‌ଏସ୍ ପ୍ରଣୟ, ପ୍ରିୟାଂଶୁ ରାଜାୱତ, ଚିରାଗ ଶେଟ୍ଟି, ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ, ଧ୍ରୁବ କପିଳା, ଏମ୍‌ଆର୍ ଅର୍ଜୁନ, ବିଷ୍ଣୁବର୍ଦ୍ଧନ ଗୌଡ, କ୍ରିଷ୍ଣ ପ୍ରସାଦ ଗାରିଗା। **ମହିଳା ଦଳ:** ପି.ଭି. ସିନ୍ଧୁ, ଆକର୍ଷି କାଶ୍ୟପ, ଅସ୍ମିତା ଚାଲିହା, ଉନ୍ନତି ହୁଡା, ତ୍ରିସା ଜଲି, ପି. ଗାୟତ୍ରୀ, ଏନ. ସିକ୍କି ରେଡ୍ଡୀ, ଅଶ୍ୱିନ ପୋନାପ୍ପା, ତନିଶା କ୍ରାଷ୍ଟୋ ଓ ଶ୍ରୁତି ମିଶ୍ର।

## ଭାରତୀୟ ଟାଏକୋଣ୍ଡୋ ଦଳରେ ଓଡ଼ିଶାର ସତ୍ୟ, ହରପ୍ରିୟା

**ଭୁବନେଶ୍ୱର,୨୧।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଦକ୍ଷିଣ କୋରିଆର ଗୋୟାଙ୍ଗରେ ଚାଲିଥିବା ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ଓଡ଼ିଶାରୁ ଦୁଇ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭଦ୍ରକର ସତ୍ୟ ପ୍ରକାଶ ମହାନ୍ତି ଏବଂ ହରପ୍ରିୟା ମହାକୁଡ଼। ୩୦ ବର୍ଷରୁ କମ୍ ବରିଷ୍ଠ ପୁମସେ ବିଭାଗରେ ଦୁହେଁ ଅଂଶଗ୍ରହଣ କରିବେ। ବିଶ୍ୱ ଟାଏକୋଣ୍ଡୋ ଭଳି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ଓଡ଼ିଆ ଖେଳାଳି ସ୍ଥାନ ପାଇବାର ଏହା ହେଉଛି ପ୍ରଥମ ଘଟଣା। ଗତ ଫେବୃୟାରୀରେ ମହାରାଷ୍ଟ୍ରର ଔରଙ୍ଗାବାଦରେ ଚୟନ ପ୍ରକ୍ରିୟାରେ ଦୁହେଁ ଉତ୍ତୀର୍ଣ୍ଣ ହୋଇ ଭାରତୀୟ ଦଳରୁ ବିଶ୍ୱ ଟାଏକୋଣ୍ଡୋରେ ପ୍ରତିନିଧିତ୍ୱ କରିବା ଲାଗି ମନୋନୀତ ହୋଇଥିଲେ।


ସମ୍ବର୍ଦ୍ଧିତ ହେଉଛନ୍ତି ସତ୍ୟ ପ୍ରକାଶ ମହାନ୍ତି ଏବଂ ହରପ୍ରିୟା ମହାକୁଡ଼।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୧୦ବଖରା ଜଳିଗଲା



**ନୟାଗଡ଼ ଅଫିସ/ଭାପୁର,୨୧।୪ (ଡି.ଏନ.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ମିଟୁଆଣୀ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୧୦ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ନିଆଁକୁ ଆୟତ୍ତ କରିବା ସମ୍ଭବ ପର ହୋଇ ନ ଥିଲା। ଭାପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିବା ପୂର୍ବରୁ ୧୦ ବଖରା ପୋଡ଼ି ପାଉଁଶ ହୋଇଯାଇଥିଲା। ଏଥିରେ ରାଜକିଶୋର ପଣ୍ଡାଙ୍କ ୬ ବଖରା ,ସନ୍ତୋଷ କୁମାର ପଣ୍ଡାଙ୍କ ୨ ବଖରା ,ଭଜମନ ପଣ୍ଡାଙ୍କ ୧ ଓ କୁଞ୍ଜବିହାରୀ ପଣ୍ଡାଙ୍କ ଗୋଟିଏ ବଖରା ଘର ପୋଡ଼ି ଯାଇଛି। ଅଗ୍ନିକାଣ୍ଡରେ ଆନୁମାନିକ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଛି। ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପହଞ୍ଚି ଅଗ୍ନିକାଣ୍ଡ ଘଟିଥିବା ପରିବାରକୁ ସମବେଦନା ଜଣାଇବା ସହ ସମସ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ସୂଚନା,ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକଙ୍କ ନୟାଗଡ଼ ଗସ୍ତ

**ନୟାଗଡ଼ ଅଫିସ,୨୧।୪:** ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଦୁଇ ଦିନିଆ ନୟାଗଡ଼ ଜିଲା ଗସ୍ତରେ ଆସି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ତଦାରଖ କରିଛନ୍ତି। ନାୟକ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ରେକର୍ଡ ବହି ସହ ଅନ୍ୟାନ ନଥିପତ୍ର ଯାଞ୍ଚ କରିଥିଲେ। ଅଚଳ ଜିପଟିକୁ ଏମ୍‌ଭିଆଇଙ୍କ ଦ୍ୱାରା ଯାଞ୍ଚ କରାଇ ତାକୁ ନିଲାମ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଗୁରୁତ୍ୱ ବିଷୟରେ ଟିପ୍ପଣୀ ଦେଇଥିଲେ। ଅନ୍ୟପାଖେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ସରକାରୀ କାର୍ଯ୍ୟ ଠିକ୍ ସମୟରେ ସାରିବା ପାଇଁ ମଧ ପରାମର୍ଶ ଦେଇଥିଲେ।

### ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ତତ୍ପରତା

**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ିଆ ପଞ୍ଚାୟତର ଗୋପୀନାଥପୁରରେ ଗ୍ରୀଷ୍ମଋତୁରେ ପାନୀୟ ଜଳ ଅଭାବ ଦେଖା ଦେଇଛି। ଲୋକମାନେ ପାଣି ବାଲ୍‌ଟିଏ ପାଇଁ ବହୁ ଦୂର ଯାଉଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ବିଡ଼ିଓ ଅରୁଣିମା ସାହୁଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ବରିଷ୍ଠ ଯନ୍ତ୍ରୀ ଇଂ. ମନୋରମା ହୋତା ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିବା ସହ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନ କରିଛନ୍ତି। ଗ୍ରାମରେ ଥିବା ନଳକୂପ ଓ କୂପର ପାଣି ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ କରି ପାରୁ ନ ଥିବାରୁ ଖୁବ୍ ଶୀଘ୍ର ପାନୀୟ ଜଳ ଯୋଗାଣର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ବରିଷ୍ଠ ଯନ୍ତ୍ରୀ ସୂଚନା ଦେଇଛନ୍ତି।

### ସ୍ୱାମୀ ରାମ ଲକ୍ଷ୍ମଣ ଦାସଙ୍କ ବ୍ରହ୍ମଲୀନ ମହୋତ୍ସବ



**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ସିଧାମୂଳା ଗ୍ରାମସ୍ଥିତ ଗୋକୁଳାନନ୍ଦ ପୀଠର ପ୍ରତିଷ୍ଠାତା ସ୍ୱାମୀ ରାମ ଲକ୍ଷ୍ମଣ ଦାସ ମହାରାଜାଙ୍କ ପଞ୍ଚଦଶ ବାର୍ଷିକ ବ୍ରହ୍ମଲୀନ ମହୋତ୍ସବ ଗୋକୁଳାନନ୍ଦ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସମାଧିପୀଠ ପୂଜା, ପ୍ରତିମୂର୍ତ୍ତିରେ ଉତ୍ତରୀୟ ପ୍ରଦାନ, ହୋମ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ସ୍ୱାମୀଜୀ ବିଭିନ୍ନ ସ୍ଥାନରେ ଶତାଧିକ ମନ୍ଦିର ଓ ଉଦ୍ୟାନ ସ୍ଥାପନ କରିଛନ୍ତି। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱାମୀଜୀଙ୍କ ସ୍ମୃତି ଚାରଣ କରିଥିଲେ।

# ମହାନଦୀ ପାଣି ମେଣ୍ଟାଇପାରୁନି ଶୋଷ

**ନୟାଗଡ଼ ଅଫିସ,୨୧।୪**

ମହାନଦୀରୁ ପାଣି ଯୋଗାଣ ପରେ ବି ନୟାଗଡ଼ ସହରବାସୀଙ୍କ ଶୋଷ ମେଣ୍ଟୁନି। ବରଂ ପାନୀୟ ଜଳ ସମସ୍ୟା ନୟାଗଡ଼ ସହରରେ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଗ୍ରୀଷ୍ମ ପ୍ରବାହ ବେଳେ ସହରବାସୀ ଠିକ୍‌ରେ ପାଣି ପାଉ ନ ଥିବା ଅଭିଯୋଗ ହୋଇଛି। ହେଲେ ନୟାଗଡ଼ ଜନସ୍ୱାସ୍ଥ୍ୟ ସବ୍‌ଡିଭଜନ କାର୍ଯ୍ୟାଳୟ ସହରବାସୀଙ୍କ ଅଭିଯୋଗକୁ ଅଣଦେଖା କରୁଛି। ନୟାଗଡ଼ ଏନ୍‌ଏସି ମ୍ୟୁନିସିପାଲିଟି ହେଲା। ହେଲେ ନୟାଗଡ଼ ସହରରୁ ପାନୀୟଜଳ ସମସ୍ୟା ହଟି ନାହିଁ। ସହରର ସବୁ ୱାର୍ଡରେ ପାଇପ୍ ଲାଇନ୍ ନାହିଁ। ପୁରୁଣା ଏନ୍‌ଏସି ଅଞ୍ଚଳରେ ଥିବା ପାଇପ୍ ଲାଇନ୍‌ରେ ଦିନକୁ ଥରେ ପାଣି ପୂର୍ବାହ୍ନରେ ଆସିଥାଏ। ଏହି ପାଣି କେତେବେଳେ ଆସେ ଲୋକମାନେ ଜାଣି ପାରି ନ ଥାନ୍ତି। ପାଣି ଯୋଗାଣର ସମୟ ନିର୍ଘଣ୍ଟ ନ ଥିବାରୁ ସହରବାସୀ ପାଣି ରଖି ପାରନ୍ତି ନାହିଁ। ଏମିତି ବି ସକାଳର ନିତ୍ୟକର୍ମ ଲାଗି ପାଣି ନ ପାଇ ହଟହଟା ହୋଇଥାଆନ୍ତି। ଦିନେ ଦିନେ ପାଣି ଆଦୌ ଆସୁନାହିଁ। ଅନ୍ୟପକ୍ଷେ ୩ଟି ଟ୍ୟାଙ୍କରରେ ସହରବାସୀଙ୍କୁ ବଣ୍ଟନ କରାଯାଉଥିବା ପାଣି ସମୁଦ୍ରକୁ ଶଙ୍ଖେ। ଟ୍ୟାଙ୍କର କେଉଁଠି କି ଯାଉଛି କିଏ ପାଣି ନେଉଛନ୍ତି ବୋଲି ପଚାରିଲେ ଉତ୍ତର ମିଳୁନି। ଏଣୁ ଟ୍ୟାଙ୍କର ପାଣି ଲୋକଙ୍କ ଶୋଷ ମେଣ୍ଟାଇ ପାରୁନି ବୋଲି ସହରବାସୀ କହିଛନ୍ତି।



ପାଣି ପାଇଁ ମୋଟର ସଂଯୋଗ କରାଯାଇଛି।

- ନୟାଗଡ଼ ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ
- ନାହିଁ ସମୟ ନିର୍ଘଣ୍ଟ, ମନଇଚ୍ଛା ଆସୁଛି ପାଣି
- ୩ ଟ୍ୟାଙ୍କର ପାଣି ଅଣ୍ଟୁନି

ନୟାଗଡ଼ ସହର ପାଇଁ ଦୈନିକ ୩.୦୪ ମିଲିୟନ ଲିଟର (୩୦ ଲକ୍ଷ ୪ ଲିଟର )ପାଣିର ଆବଶ୍ୟକତା ରହିଛି। ହେଲେ ୨୭ ଲକ୍ଷ ଲିଟର ପାନୀୟ ଜଳ ପାଇପ ଯୋଗେ ଯୋଗାଣ ହେଉଛି। ଦିନକୁ ଥରେ ଯୋଗାଣ ହେଉଥିବା ପାଣି ସମସ୍ତଙ୍କ ଘରେ ପହଞ୍ଚୁ ପାରୁନାହିଁ। ଉପର ମୁଣ୍ଡରେ ଥିବା ପରିବାର ମୋଟର ଲଗାଇ ପାଣିକୁ ଟାଣି ନେଉଛନ୍ତି। ବୁଝିବାରେ ଜଣାପଡିଛି ପ୍ରାୟ ୮୦ ପ୍ରତିଶତ ଲୋକଙ୍କ ଘରେ ମୋଟର ଲଗା ଯାଇଛି। ଆବଶ୍ୟକତାଠାରୁ ଅଧିକ ପାଣି ସ୍ୱଳ୍ପ ସମୟ ମଧ୍ୟରେ ସଂଗ୍ରହ କରାଯାଇ ଷ୍ଟକ୍ କରି ରଖୁଛନ୍ତି। ପୁଣି ପାଣିକୁ ବିଭିନ୍ନ ସମୟରେ ଅପଚୟ କରୁଥିବା ଦେଖାଯାଉଛି। ଏଣୁ ମୋଟର ନ ଥିବା ଗ୍ରାହକମାନେ ପାଣି ନ ପାଇ ହଟହଟା ହେଉଛନ୍ତି। ବେଆଇନ ମୋଟର ବ୍ୟବହାର ନେଇ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ନାହିଁ କି ଚଢ଼ାଉ ନାହିଁ। ଏଣୁ ସହରରେ କୃତ୍ରିମ ପାନୀୟ ଜଳ ସଙ୍କଟ ଦେଖା ଦେଇଛି।

## ୫୨କୋଟି ଟଙ୍କାର ପ୍ରକଳ୍ପ ପାଇଁ ଟେଣ୍ଡର

ନୟାଗଡ଼ ଜନସ୍ୱାସ୍ଥ୍ୟ ସବ୍‌ଡିଭଜନ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁ କୁହନ୍ତି, ମହାନଦୀରୁ ଜଳଯୋଗାଣ ପରେ ପାନୀୟ ଜଳ ଯୋଗାଣ ସମସ୍ୟାରେ ସୁଧାର ଆସିଛି। ହେଲେ ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗାଣ ହୋଇ ପାରୁନି। ସହରର ପରିସୀମା ବଢ଼ିଛି। ଏନ୍‌ଏସିରୁ ମ୍ୟୁନିସିପାଲିଟି ହୋଇଛି। ଉପଭୋକ୍ତା ବଢ଼ିଛନ୍ତି। ହେଲେ ପ୍ରକଳ୍ପ ବଦଳିନି। ନୂଆ ପ୍ରକଳ୍ପ ପାଇଁ ବ୍ୟବସ୍ଥା କରାଯାଇଛି। ସହରକୁ ପାଣି ଯୋଗାଣ ପାଇଁ ୩ ଜୋନ୍‌ରୁ ୯ ଜୋନ୍ କରିବାକୁ ବ୍ୟବସ୍ଥା କରାଯାଉଛି। ସବୁ ଅଞ୍ଚଳରେ ପାଇପ୍ ଲାଇନ୍ ପଡିବ। ସବୁ ଲୋକେ ପାଣି ପାଇ ପାରିବେ। ଏଥିପାଇଁ ୫୨ କୋଟି ଟଙ୍କାର ଏକ ପ୍ରକଳ୍ପକୁ ସରକାରୀ ମଞ୍ଜୁରୀ ମିଳିଛି। ଏହାର ଟେଣ୍ଡର ହୋଇଛି। ଏହି ପ୍ରକଳ୍ପ କାମ କରିବା ପରେ ନୟାଗଡ଼ ସହରରେ ପାନୀୟ ଜଳ ସମସ୍ୟାର ଦୁଃଖ ହଟିବ। ତେବେ ବର୍ତ୍ତମାନ ପାଣି ସମସ୍ୟାରେ ଅସୁବିଧା କରୁଛି ବିଦ୍ୟୁତ୍। ଲୋଡ ଅଧିକ, ବର୍ଷା ପବନ ହେଲେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଦେଖା ଦେଉଛି। ଏଣୁ ପାନୀୟ ଜଳ ଯୋଗାଣରେ ସମୟ ନିର୍ଘଣ୍ଟ ରହୁନି। ଏହାକୁ ସୁଧାରିବାକୁ ଆମେ ବାରମ୍ବାର ପ୍ରଚେଷ୍ଟା ଜାରି ରଖିଛୁ ବୋଲି ସେ କହିଛନ୍ତି।

## ରଗଡିମଡ଼ା ଜଙ୍ଗଲରୁ ପୁରୀକୁ ଗଲା ରଥକାଠ



ଟ୍ରକରେ କଟକ ଅଭିମୁଖେ ଯାଉଥିବା ରଥ କାଠ।

**ନୂଆଗାଁ,୨୧।୪ (ଡି.ଏନ.ଏ.)**

ନୟାଗଡ଼ ଜିଲା ମହିପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନ ଖାଲମଡ଼ା ବିଟ୍ ଅଧୀନ ରଗଡିମଡ଼ା ସଂରକ୍ଷିତ ଜଙ୍ଗଲରୁ ପୁରୀ ରଥଯାତ୍ରା ପାଇଁ ଗୁରବାର ପ୍ରଥମ ଥର କାଠ ପଠାଯାଇଛି। ଦୁଇଟି ଟ୍ରକରେ ୭ ଖଣ୍ଡ ( ୪୭୦ ଘନଫୁଟ) ଫାଶୀ, ସିମିଳି କାଠ କଟକ ଖପୁରିଆ ସ ମିଲକୁ ଯାଇଥିବା ମହିତମା ଫରେଷ୍ଟର ରାକେଶ କୁମାର ସାହୁ ସୂଚନା ଦେଇଛନ୍ତି। ଏହି କାଠ ଗାଡ଼ିରେ ଯିବା ସମୟରେ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ। ରଥକାଠ କଟକ ଅଭିମୂଖେ ଯିବା ବେଳେ ଫରେଷ୍ଟର ସାହୁଙ୍କ ସହ ଫରେଷ୍ଟ ଗାର୍ଡ ଅର୍ଦ୍ଧେନ୍ଦୁ ପରିଡ଼ା ଉପସ୍ଥିତ ଥିଲେ।

# ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗି ଦେଲେ

## ଥମୁନି ଶାସକ ଦଳର ଗୋଷ୍ଠୀ କନ୍ଦଳ

**ନୂଆଗାଁ,୨୧।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀ ନୂଆଗାଁ ବ୍ଲକରେ ଥମୁନି ଶାସକ ଦଳର ଗୋଷ୍ଠୀ କନ୍ଦଳ। ଯାହାର ପରିଣାମ ସ୍ୱରୂପ ଗୁରବାର ହେବାକୁ ଥିବା ଉଦ୍‌ଘାଟନ ଉତ୍ସବ ପୂର୍ବରୁ ଅସନ୍ତୁଷ୍ଟ ଗୋଷ୍ଠୀ ଶାସକ ଦଳର ଲୋକ ପ୍ରତିନିଧିଙ୍କ ନାମ ଲେଖା ଯାଇଥିବା ଫଳକକୁ ଭାଙ୍ଗି ଦେଇଛନ୍ତି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ପୁରୁଣା ଦଳୀୟ କର୍ମୀଙ୍କୁ ବାଦ୍ ଦେଇ ନୂଆ ମୁହଁକୁ ସମର୍ଥନ କରିଥିଲା। ଯାହାକୁ ନେଇ ପୁରୁଣା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏପରି କି ବାଦ୍ ପଡିଥିବା ଦଳୀୟ ଆଶାୟୀ ପ୍ରାର୍ଥୀ ଦଳ ବିରୋଧରେ ସ୍ୱର ଉଠାଇଥିଲେ। ଫଳରେ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବାକୁ ବହୁ କଷ୍ଟ କରିବାକୁ ପଡିଥିଲା। ନୂଆଗାଁ ବ୍ଲକରେ ଭାରତୀୟ ଜନତା ପାର୍ଟିରେ ବଳିଷ୍ଠ ନେତୃତ୍ୱ ନ ଥିବା ବେଳେ ଅସନ୍ତୁଷ୍ଟ ବିଜୁ ଜନତା ଦଳର କର୍ମୀ ବିରୋଧୀ ଦଳ କାର୍ଯ୍ୟ କରୁଛନ୍ତି। ଦଶପଲା ବିଧାୟକଙ୍କୁ ବିରୋଧ କରି ନିର୍ବାଚନ ପୂର୍ବରୁ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଫଳକକୁ ଭାଙ୍ଗି ଦିଆଯାଇଥିବା ବେଳେ ନିର୍ବାଚନ ପରେ ଉଦ୍‌ଘାଟନ ପୂର୍ବରୁ ଫଳକକୁ ଭାଙ୍ଗି ଦିଆଯାଇଛି।

ସୂଚନା ଅନୁଯାୟୀ, ସରକାରଙ୍କ ରୋଗୀ କଲ୍ୟାଣ ସମିତି ପକ୍ଷରୁ ନୂଆଗାଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର (ଡାକ୍ତରଖାନା) ପରିସରରେ ଏକ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା କରାଯାଇଛି। ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିବା ପାଇଁ ବୁଧବାର ସନ୍ଧ୍ୟାରେ ଫଳକଟିଏ ଲଗାଯାଇଥିଲା। ଉକ୍ତ ଫଳକରେ କନ୍ଧମାଳ ଏମ୍‌ପି ଅଚ୍ୟୁତାନନ୍ଦ ସାମନ୍ତ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ପ୍ରତିମା ଦଳବେହେରା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ନୂଆଗାଁ ସମିତି ସଭ୍ୟ ଶ୍ରଦ୍ଧାଞ୍ଜଳି ଶାସମଲ, ନୂଆଗାଁ ସରପଞ୍ଚ ନମିତା ପରିଡାଙ୍କ ନାମ ଲେଖା ଯାଇଥିଲା। ଗୁରବାର ଦଶପଲ୍ଲା ବିଧାୟକ ବେହେରାଙ୍କ ଦ୍ୱାରା ଉକ୍ତ ପ୍ରକଳ୍ପ ଉଦ୍‌ଘାଟନ ହେବାକୁ ଥିବା ବେଳେ ତା'ପୂର୍ବରୁ କେହି ଅଜଣା ଦୁର୍ବୃତ୍ତ ଉକ୍ତ ଫଳକଟିକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ବିରୋଧୀ ଦଳ ନ ଥିଲେ ମଧ୍ୟ ଶାସକ ଦଳରେ ବହୁ ଅସନ୍ତୁଷ୍ଟ ଗୋଷ୍ଠୀ ରହିଥିବା ବେଳେ କିଏ ଫଳକ ଭାଙ୍ଗିଛନ୍ତି ତାହା ଜଣା ପଡ଼ିନାହିଁ।



ଉଦ୍‌ଘାଟନ ପୂର୍ବରୁ ଭଙ୍ଗା ଯାଇଥିବା ଫଳକ।

## ସାମାଜିକ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି

**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ଗ୍ରାମରେ ବୁଧବାର ସନ୍ଧ୍ୟାରେ ସାମାଜିକ କମୀ କେଦାରନାଥ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ,ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା,ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍ପଳ କୁମାର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

# ନୂଆଗାଁ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

## ପ୍ରଚଣ୍ଡ ଖରା, ପ୍ରଚାର ପ୍ରସାର ଅଭାବରୁ ଆସିଲେନି ରୋଗୀ

**ନୂଆଗାଁ,୨୧।୪(ଡି.ଏନ୍.ଏ.)**

ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ମିଳିତ ସହଯୋଗରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂଆଗାଁ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା-୨୦୨୨ ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବ୍ଲକଟି ଏକ ଆଦିବାସୀ ବହୁଳ ବ୍ଲକ ହୋଇଥିବାରୁ ଅର୍ଥାଭାବରୁ ସାଧାରଣ ଲୋକଟିଏ ଠିକ୍ ଚିକିତ୍ସା ପାଇପାରୁ ନାହାନ୍ତି। ତେଣୁ ଏହି ସ୍ୱାସ୍ଥ୍ୟମେଳା ମାଧ୍ୟମରେ ପ୍ରତ୍ୟେକ ଲୋକ ସମସ୍ତ ରୋଗର ଚିକିତ୍ସା ପାଇବା ସହ ମାଗଣାରେ ଔଷଧ ପାଇବାର ବ୍ୟବସ୍ଥା କରାଯାଇଥିଲା। ପ୍ରଚଣ୍ଡ ଖରା ଯୋଗୁ ରୋଗୀ ସ୍ୱାସ୍ଥ୍ୟମେଳାକୁ ଆସିବାରେ ବାଧା ସୃଷ୍ଟି ହୋଇଥିଲା। ନୂଆଗାଁ ବ୍ଲକର ୨୨ ପଞ୍ଚାୟତ ମଧ୍ୟରୁ ୨ରୁ ୩ଟି ପଞ୍ଚାୟତ ଲୋକେ ଏହି ସୁବିଧା ପାଇଥିଲେ। ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ଅନ୍ୟ କୌଣସି ପଞ୍ଚାୟତବାସୀ ଏ ସଂକ୍ରାନ୍ତରେ ଜାଣି ପାରି ନ ଥିଲେ ବୋଲି ଅଭିଯୋଗ ହୋଇଛି। ଫଳରେ ଗରିବ ଆଦିବାସୀମାନେ ସ୍ୱାସ୍ଥ୍ୟମେଳର ଫାଇଦା ଉଠାଇ ପାରି ନ ଥିଲେ। ୮ଟି ପଞ୍ଚାୟତକୁ ନେଇ ଗଠିତ ଗଣିଆ ବ୍ଲକରେ ଅନୁଷ୍ଠିତ ହୋଇଥିବା ସ୍ୱାସ୍ଥ୍ୟ ମେଳାରେ ୬୦୦ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ନୂଆଗାଁ ବ୍ଲକର ୨୨ଟି ପଞ୍ଚାୟତରେ ମଧ୍ୟ ୬୦୦ ରୋଗୀ ଚିକିତ୍ସିତ ହୋଇ ମାଗଣା ଔଷଧ ପାଇଥିଲେ।

ଏହି ସ୍ୱାସ୍ଥ୍ୟ ମେଳାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ବିଡ଼ିଓ ପ୍ରମୋଦ କୁମାର ନାୟକ, ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ପି.ପି.ତ୍ରିପାଠୀ, ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ବେହେରା, ନୂଆଗାଁ ସମିତି ସଭ୍ୟ ଶ୍ରଦ୍ଧାଞ୍ଜଳି ଶାସମଲ, ନୂଆଗାଁ ସରପଞ୍ଚ ଅମିତା ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦେବୀ ପ୍ରସାଦ ପ୍ରଧାନଙ୍କ ସୁପରିଚାଳନାରେ ଅନୁଷ୍ଠିତ ସ୍ୱାସ୍ଥ୍ୟମେଳାରେ ମହିପୁରର ସ୍ୱାସ୍ଥ୍ୟକର୍ମୀ ସମୂହ, ନୂଆଗାଁ ପ୍ରାଇମେରୀ ସ୍କୁଲ ପରିଚାଳନା କମିଟିର ସଭାପତି ଶାରଦା ପ୍ରସାଦ ଖଣ୍ଡୁଆଳ, ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।



ଡାକ୍ତରମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ

**ଓଡ଼ଗାଁ,୨୧।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଏନଏସି ଆନୁକୂଲ୍ୟରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଚେରୀ ସଂଲଗ୍ନ ସାଧାରଣ ସ୍ଥାନରେ ଗୁରୁବାର ମୋ ପ୍ରିୟ ଓଡ଼ଗାଁ (ସେଲ୍ଫି ପଏଣ୍ଟ) ସହିତ ଲକ୍ଷ୍ମୀ ବଜାର ଛକରେ ଅତ୍ୟାଧୁନିକ ପରିଶ୍ରାଗାର ଲୋକାର୍ପଣ ହୋଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ଉଭୟ ଉନ୍ନୟନ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀଙ୍କ ସହିତ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଉପଧକ୍ଷା ମୀରା ବଳ, ଜିଲା ପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ଏନଏସି ତଥା ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ ସୁଧାଂଶୁ ଶେଖର ବେହେରା, ପ୍ରାକ୍ତନ ସରପଞ୍ଚ ଦିବାକାର ନାୟକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଭୁପ୍ରସାଦ ସାହୁଙ୍କ ସମେତ ବହୁ ନିର୍ବାଚିତ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

# ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ, ଦୁର୍ଘଟଣା ବୃଦ୍ଧି

**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର.)**

**ଖଣ୍ଡପଡ଼ା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କ** ଅବହେଳା ଯୋଗୁ ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଶତାଧିକ ଖାଲ ସୃଷ୍ଟି ହୋଇଛି। ବେଣାଗାଡ଼ିଆ ଗ୍ରାମଠାରୁ ନିକଟସ୍ଥ କୁଆଁରିଆ ସେତୁକୁ ସଂଯୋଗ କରୁଥିବା ଉକ୍ତ ରାସ୍ତାର ବୁଲାଣି ନିକଟରେ ରାସ୍ତା ଦବିଯାଇ ୨ଟି ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଉକ୍ତ ରାସ୍ତାର ଦୁରାବସ୍ଥା ପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। ଦୈନିକ ଉକ୍ତ ରାସ୍ତା ଦେଇ ଶତାଧିକ ସଂଖ୍ୟାରେ ଭାରିଯାନ, ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ରାଜ୍ୟ ଓ ରାଜ୍ୟ ବାହାରରୁ ପର୍ଯ୍ୟଟକମାନେ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ନିକଟସ୍ଥ ମା'ନାରାୟଣୀ ଓ ଗୋକୁଳାନନ୍ଦ ପୀଠକୁ ପରିଦର୍ଶନରେ ଆସୁଛନ୍ତି। ଯାତ୍ରୀମାନେ ରାସ୍ତାର ଦୂରାବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସୂଚନାଯୋଗ୍ୟ ରାଜ୍ୟ ସରକାର ପ୍ରଭୁ ଶ୍ରୀନୀଳମାଧବ ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ବହୁ କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋକୁ ଚାରିପାଖରୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ନିମନ୍ତେ ଦୃଷ୍ଟି ନ ଦେବା ପରିତାପର ବିଷୟ। ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତାର ନବୀକରଣ ଦିଗରେ ପୂର୍ତ୍ତବିଭାଗ ମୁଖ୍ୟଯନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା।


बैंक ऑफ़ बड़ौदा
Bank of Baroda

REGIONAL OFFICE, BHUBANESWAR
1st Floor, Bivab Gulmohar, Behera Sahi, Nayapalli
Bhubaneswar-751012, Odisha, Phone-(0674) 24221210

**ASSIGNMENT OF DUTIES OF SPECIAL ASSISTANT**

It has been decided to fill up the vacancies of Special Assistant at the Following branches in the Region, in terms of the provisions of "The Settlement of assignment of duties of Special Assistant-1991 and Amendment Settlement on Special Assistant-2003 dated 03.04.2003.

| Sr. No. | ORGANIZATION NAME | ALPHA |
|---|---|---|
| 1 | KAKATPUR | KAKATP |
| 2 | BHUBANESWAR, KHANDAGIRI | KHANDG |

In view of the above, online applications are invited from clerical staff members who have put in minimum -3- years of service in clerical cadre and who are not otherwise ineligible in terms of the following:-

1. An employee who is transferred at his/her own request and forgoes/undertake not to claim special pay for a Specified period in terms of the administrative guidelines, shall not be considered for assignment of duties carrying special pay for that period.
2. Once an employee refuses to accept offer of assignment of duties of Special Assistant on regular basis, he/she shall be ineligible for assignment of such duties on regular as well as temporary basis for a period of -2- years from the date of such offer. His/her case would be considered only after that period if he/she makes a written request after that period for consideration of his/her case in future.
3. When an employee refuses to accept offer of assignment of duties of Special Assistant on temporary basis on three occasions, he/she shall be ineligible for assignment of such duties on regular as well as on temporary basis for a period of -2- years from the date of the offer. His/her case would be considered only after that period if he/she makes a written request after that period for consideration of his/her case in future.
4. Conditional acceptance of offer of duties of Special Assistant on temporary or on regular basis shall be deemed as a refusal to accept the offer. For this purpose, offer by the Bank and acceptance by the employee shall be done only in proforma 'A' and ' B' respectively. Acceptance of offer if any in other form shall constitute refusal of the offer.
5. Clause (1) & (2) above shall also be applicable in cases where employees have opted and have been given reversion from the post of Special Assistant.
6. The Principles of para 529 of Sastry Award shall be applicable for assignment of duties cf Special Assistant and 'the Bank' shall have the right to supersede a senior employees in terms of the principles laid down under the paragraph.

**Special Assistant, who have completed -3- years of service as Special Assistant and has been posted as Special Assistant outside the place of posting is eligible for applying to any of the above mentioned post of Special Assistant in terms of Clause of re-transfer of Special Assistant and they have to submit their application as per Annexure-II.**

**MODE OF SELECTION:**

- The application received from amongst eligible clerical staff members, as mentioned above, will be listed in terms of their seniority reckoned in terms of clause 3.2 and 3.3 of the settlement for assignment of duties of "duties of Special Assistant -1991" as on the date of occurrence of vacancy centre wise.
- The -3- senior most eligible applicants from the aforesaid seniority list of each identified centre will be called for interview. The senior most eligible candidate found suitable in the interview for the aforesaid vacancies shall be assigned the duties of Special Assistant at respective centre of vacancy.
- The applicant so selected and assigned the duties of Special Assistant at a place other than the place of his immediate preceding posting shall be considered to have been transferred and posted at the instance of the Bank.

The eligible employees of clerical cadre as mentioned above may submit their ON-LINE application on or before **28.04.2022**. They shall take print of the application and submit the printed copy of the application to the Branch Heads. The Branch Heads shall forward the same to the Regional Authority on or before **29.04.2022**.

**Please note that if any Business Associate wants to apply for more than one Branch, have to apply separately for each vacancy.**

Please bring the contents of this circular to the notice of the clerical staff members of the branch/office and also display this circular on the "Notice Board" of the Branch/office so as to enable the clerical staff members to apply. A copy of this circular and proforma be sent to the eligible staff members who are on sanctioned leave during the above period.

**Place: Bhubaneswar**
**Date: 21.04.2022**
**Sd/-Asst. General Manager, Bank of Baroda**

## ସଂକ୍ଷେପରେ

### ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣା
### ହତ୍ୟା ଅଭିଯୁକ୍ତ ଗିରଫ

ଆସିକା,୨୧।୪(ଡି.ଏନ.ଏ.):ଆସିକା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମରେ ମାର୍ଚ୍ଚ ୧୨ ତାରିଖ ରାତିରେ ଘଟିଥିବା ନିର୍ବାଚନ ପରବର୍ତ୍ତି ହିଂସାରେ ବୁଲୁ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ୩ଜଣ ଆହତ ହୋଇଥିଲେ । ପୋଲିସ ଗୁରୁବାର ବୁଲୁ ସ୍ୱାଇଁ ହତ୍ୟା ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ କେନ୍ଦୁପଦର ଗ୍ରାମର ହାଡୁବନ୍ଧୁ ସ୍ୱାଇଁ । ପୂର୍ବରୁ ଏହି ମାମଲାରେ ଦୁଇଟି ଦଫାରେ ୧୯ଜଣଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ହାଡୁବନ୍ଧୁଙ୍କୁ ମିଶାଇଲେ ମୋଟ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି । ଏହି ମାମଲାର ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ ଲାଗି ପୋଲିସ ଉଦ୍ୟମ ଜାରି ରଖିଛି । ସୂଚନାଯୋଗ୍ୟ, ହିଂସାକାଣ୍ଡକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀ ପକ୍ଷରୁ ପରସ୍ପର ବିରୋଧରେ ମାମଲା ରୁଜୁ କରାଯାଇଥିଲା। ମୃତ ଓ ଆହତଙ୍କ ପକ୍ଷରୁ କେନ୍ଦୁପଦରର ନବୀନ ପଣ୍ଡାଙ୍କ ଅଭିଯୋଗ କ୍ରମେ ୧୦୧/୨୨ରେ ଏକ ମାମଲା ରୁଜୁ କରାଯାଇଥିଲା । ସେହିପରି ପ୍ରତିପକ୍ଷ ଗୋଷ୍ଠୀର ଦିବ୍ୟଲତା ସ୍ୱାଇଁଙ୍କ ପକ୍ଷରୁ ଘରଦ୍ୱାର ଭଙ୍ଗାରୁଜା ଓ ଧମକ ଅଭିଯୋଗ ପ୍ରକାରେ ନଂ.୧୦୨/୨୨ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଥିଲା ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଭଞ୍ଜନଗର,୨୧।୪(ଡି.ଏନ.ଏ): ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୮ ଦିନିଆ ଏହି ଶିବିରର ଉଦ୍‌ଯାପନୀରେ ଆଇଆରବି ୮ମ ବାଟାଲିୟନ (ସ୍ୱତନ୍ତ୍ର) କମାଣ୍ଡିଙ୍ଗ୍ ଅଫିସର ଲିଙ୍ଗରାଜ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ବାଳିକାମାନେ ଆତ୍ମରକ୍ଷା ତାଲିମ ନେବାର ଆବଶ୍ୟକତା ସମ୍ପର୍କରେ କହିଥିଲେ । ଅଧକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ ଶିବିରରେ ଅଧକ୍ଷତା କରିଥିଲେ। ସଂଯୋଜିକା ଅଧାପିକା ତୃପ୍ତିମୟୀ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧାପକ ଡ଼.ରବିନ୍ଦ୍ର ନାଥ ପାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜକ ଡ. ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

### ପ୍ରାଥମିକ ଶିକ୍ଷକ ସଂଘ ଗଞ୍ଜାମ ବ୍ଲକ କର୍ମକର୍ତ୍ତା ଚୟନ

ଗଞ୍ଜାମ,୨୧।୪(ଡି.ଏନ.ଏ.):ହୁମ୍ମା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ର ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂଘର ସ୍ଥାୟୀ ସଭାପତି ହୃଷୀକେଶ ପଣ୍ଡା ସଭାପତିତ୍ୱ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଏସ୍‌ଟିଏ) ଓଡିଶା ରେଜିଷ୍ଟ୍ରେସନ ନଂ.୩୪୭/୨୬୨୦୨୧୦୦୦୪୭/ ୨୦୨୧-୨୦୨୨ ସମ୍ବିଧାନ ଅନୁଯାୟୀ ପିଏସଟିଏ ଓଡିଶା କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହମତିରେ ବାଚନିକ ଭୋଟରେ ବ୍ଲକ କାର୍ଯ୍ୟକାରୀ କମିଟି ସଦସ୍ୟ ସଭାପତି ଗଜେନ୍ଦ୍ର ମାଝି, ଉପସଭାପତି ଗୋପବନ୍ଧୁ ସ୍ୱାଇଁ, ସମ୍ପାଦକ ଲକ୍ଷ୍ମଣ ନାହାକ, ସହ ସମ୍ପାଦକ ଗୀତାଞ୍ଜଳି ସାମନ୍ତ, କୋଷାଧକ୍ଷ ଜୟକୃଷ୍ଣ ତ୍ରିପାଠୀ ନିର୍ବାଚିତ ହୋଇଥିଲେ। ଉକ୍ତ ସଂଘ ଉପଦେଷ୍ଟା ଭାବେ ହୃଷୀକେଶ ପଣ୍ଡା, ନିରଞ୍ଜନ ମହାପାତ୍ର ଓ ସୁଦର୍ଶନ ତ୍ରିପାଠୀଙ୍କୁ ମନୋନୀତ କରାଯାଇଥିଲା।

# ମେ ୧୫ରୁ ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଛତ୍ରପୁର୨୧।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ମେ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥି ସକାଶେ ଗୁରୁବାର ଜିଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କହିଥିଲେ ଯେ ମା' ତାରାତାରିଣୀ ପୀଠ ରାଜ୍ୟ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ୫୦ କୋଟିରେ ମନ୍ଦିର ଉନ୍ନୟନ କାର୍ଯ୍ୟ ଇତିମଧ୍ୟରେ ଶେଷ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଯୋଗୁ ଏହା ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି । ଏହି ଅବସରରେ ପିଡକ୍ଟୁଡି ଓ ଆରଡ଼ିର ଅବଦାନକୁ


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଜିଲାପାଳ ଧନ୍ୟବାଦ ଜଣାଇଥିଲେ। ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୬ ଦିନ ବ୍ୟାପି ବିଭିନ୍ନ ନୀତିକର୍ମ ଦ୍ୱାରା ଆୟୋଜନ ହେବ। ମା'ଙ୍କ ଯାତ୍ରା ବେଳେ ଯେଭଳି ବ୍ୟବସ୍ଥା ହୁଏ ସେଭଭଳି ସମସ୍ତ ବ୍ୟବସ୍ଥା ହେବ। ୫ ଲକ୍ଷରୁ ୭ ଲକ୍ଷ ଜନଗହଳି ହେବା ସମ୍ଭାବନାକୁ ଦୃଷ୍ଟିରେ ରଖି ବ୍ୟବସ୍ଥା କରାଯିବ ।

ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ କୋଭିଡ ପ୍ରକୋପ ସମ୍ଭାବନା ଥିବାରୁ ଜିଲା କିମ୍ବା

**ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପ୍ରସ୍ତାବ**

ରାଜ୍ୟ ବାହାରୁ କାହାକୁ ନିମନ୍ତ୍ରଣ ନ କରି କେବଳ ଜିଲାବାସୀ ଉକ୍ତ ଉତ୍ସବରେ ସାମିଲ ହେବାକୁ ଜିଲାପାଳ ଅନୁରୋଧ କରିଥିଲେ। ପୁରୀ ମୁକ୍ତି ମଣ୍ଡପର ସ୍ୱୀକୃତି ଆବଶ୍ୟକ ହେବ। ଗଞ୍ଜାମର ୬ଟି ତାଲୁକାର ରାଜପଣ୍ଡିତମାନଙ୍କୁ ନିମନ୍ତ୍ରଣ କରାଯିବ। ବିଭିନ୍ନ କମିଟି ଗଠନ କରି ଶାନ୍ତି ଶୃଙ୍ଖଳାରେ ଯେପରି ସମସ୍ତ କାର୍ଯ୍ୟ ହେବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ଅଧିକାରୀ ତଥା କର୍ମକର୍ତ୍ତାମାନଙ୍କୁ ଜିଲାପାଳ ଜଣାଇଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଠାକୁର ପ୍ରସାଦ ପାତ୍ର ନିଜ ମତ ରଖିଥିଲେ। ସମସ୍ତ ସ୍ଥାନରେ ସିସିଟିଭି ବ୍ୟବସ୍ଥା କରାଯିବ। ସ୍ଥାୟୀ ଭାବେ ପାଦ ଧୋଇବା ସ୍ଥାନ, ପାନୀୟ ଜଳ ବ୍ୟବସ୍ଥା କରାଯିବ । ମୁଖ୍ୟମନ୍ତ୍ରୀ, ପୁରୀ ଗଜପତି ମହାରାଜ,ଶଙ୍କରଚାର୍ଯ୍ୟଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟ ରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତିଭାସନ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ଉପଜିଲାପାଳ ନୀଳ ମାଧବ ଭୋଇ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଟି. କେ.ରେଡ୍ଡୀ, ତାରା ତାରିଣୀ ମନ୍ଦିର ଉନ୍ନୟନ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ପୁରୁଷୋତ୍ତମପୁର ତହସିଲଦାର ନିତେଶ ତ୍ରିପାଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ମନ୍ଦିର ସେବାୟତ ସଂଘର ସଭାପତି ତପନ କୁମାର ରଣାଙ୍କ ସମେତ ପୂଜକ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ୨୭ରେ ଭଞ୍ଜନଗରରେ ଖୋଲିବ ଭିଜିଲାନ୍ସ ସର୍କିଟ କୋର୍ଟ

ଭଞ୍ଜନଗର,୨୧।୪(ଡି.ଏନ.ଏ)

ଆସନ୍ତା ୨୭ ତାରିଖରେ ଭଞ୍ଜନଗର ଭିଜିଲାନ୍ସ ସର୍କିଟ୍ କୋର୍ଟ ଖୋଲିବ। ଏ ନେଇ ଏକ ନିର୍ଦ୍ଦେଶନାମା ଭଞ୍ଜନଗର ବାର୍ ଆସୋସିଏଶନ ନିକଟରେ ପହଞ୍ଚିଛି। ଭଞ୍ଜନଗର ଅଞ୍ଚଳର ଭିଜିଲାନ୍ସ ମାମଲାଗୁଡ଼ିକ ଏଠାରେ ଫଇସଲା ହେବ। ୨୭ତାରିଖରେ ୬ଟି ଭିଜିଲାନ୍ସ ମାମଲାର ବିଚାର ହେବ। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ସର୍କିଟ୍ କୋର୍ଟରେ ମାମଲାଗୁଡ଼ିକର ବିଚାର କରିବେ। ସୂଚନାଯୋଗ୍ୟ, କିଛିମାସ ପୂର୍ବେ ଭଞ୍ଜନଗର ବାର୍ ଆସୋସିଏଶନ ପକ୍ଷରୁ ଭଞ୍ଜନଗରରେ ଭିଜିଲାନ୍ସ ସର୍କିଟ କୋର୍ଟ ଖୋଲିବା ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟରେ ଦାବି କରାଯାଇଥିଲା। ଏବେ ତାହା କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ବାର୍ ଆସୋସିଏଶନ ସଭ୍ୟାସଭ୍ୟ ଖୁସିବ୍ୟକ୍ତ କରିଛନ୍ତି । ଏଥିସହ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲିଧର ଏବଂ ଗଞ୍ଜାମ ଜିଲା ପ୍ରୋଟୋକଲ ବିଚାରପତି ଡ଼.ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଜଗନ୍ନାଥପ୍ରସାଦରେ ମଧ ଆଉ କିଛିଦିନ ମଧ୍ୟରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପ୍ରତିଷ୍ଠା ହେବ । ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭଞ୍ଜନଗର ନୂତନ କୋର୍ଟ କୋଠା ବାଗ୍‌ଦେବୀ ରୋଡ଼ରେ ନିର୍ମାଣ ହେବ। ତାହାର ମଧ୍ୟ ବିଭିନ୍ନ ପ୍ରକ୍ରିୟା ଚାଲିଛି । ଲୋକଙ୍କୁ ଆଇନ ସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାର ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି ବୋଲି ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ କହିଛନ୍ତି ।

## ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀ ଗିରଫ


ଗିରଫ ଅଭିଯୁକ୍ତ ଯଶୋବନ୍ତ ସିଂ।

ପାରଳାଖେମୁଣ୍ଡି,୨୧।୪(ଡି.ଏନ୍.ଏ.)

ଗଜପତି ପୋଲିସ ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଉତ୍ତରପ୍ରଦେଶ ଆଲିଗଡ ଜିଲା ଡୋରିନଗର ଗ୍ରାମର ଯଶୋବନ୍ତ ସିଂ। ଗଜପତି ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଉତ୍ତରପ୍ରଦେଶରୁ ତାଙ୍କୁ ଉଠାଇ ଆଣିଛି। ଗତ ଅକ୍ଟୋବର ୩ ତାରିଖରେ ଏକ ଗ୍ରାନାଇଟ ବୋଝେଇ ଟ୍ରକରେ ୨ ହଜାର ୨୦ କି.ଗ୍ରା. ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଅଡବା ପୋଲିସ ତାହାକୁ ଜବତ କରିଥିଲା। ସେ ସମୟରେ ଗାଡ଼ିର ଡ୍ରାଇଭର ଓ କ୍ଲିନରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇ ଘଟଣାର ତଦନ୍ତ ଜାରି ରଖିଥିଲା ପୋଲିସ। ସୂଚନା ମିଳିବା ପରେ ପୋଲିସର ସ୍ୱତନ୍ତ୍ର ଟିମ ଉତ୍ତରପ୍ରଦେଶ ଯାଇ ଆନ୍ତଃରାଜ୍ୟ ବ୍ୟବସାୟୀ ଯଶୋବନ୍ତଙ୍କୁ ଗିରଫ କରିଥିଲା। ସେ ପୂର୍ବରୁ ଥରେ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇଥିଲେ। ବର୍ତ୍ତମାନ ଯଶୋବନ୍ତ ଏହି ବେଆଇନ କାରବାର କରି କେତେ କଳାଧନ ଉପାର୍ଜନ କରିଛନ୍ତି, ତାହାର ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ଗଜପତି ଏସ୍‌ପି ଜୟରାମ ଶତପଥୀ ଗୁରୁବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ସାମୂହିକ ବ୍ରତୋପନୟନ

କବିସୂର୍ଯ୍ୟନଗର,୨୧।୪(ଡି.ଏନ.ଏ.)

ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ ସମାଜ, ପୂର୍ବ ଖଣ୍ଡ ତାଲୁକା ପକ୍ଷରୁ କିଛିବର୍ଷ ହେଲା ଗରିବ ବ୍ରାହ୍ମଣ ପିଲାଙ୍କ ସାମୂହିକ ବ୍ରତୋପନୟନ ପ୍ରଚେଷ୍ଟା ଜାରି ରହିଛି। କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ଦାନକୁ ପୁଞ୍ଜି କରି ଏହି ସଂଘ ଏହି କାର୍ଯ୍ୟକ୍ରମ କରୁଛି। କବିସୂର୍ଯ୍ୟନଗର ନିକଟ ମା ତାରାତାରିଣୀ ପୀଠରେ ଏବେ ୮୩ ଜଣ ପିଲାଙ୍କ ବ୍ରତୋପନୟନ କରାଯାଇଛି। ପୂର୍ବଖଣ୍ଡ ସଭାପତି ଦଣ୍ଡପାଣି ଆଚାରୀ, କେନ୍ଦ୍ର ସଦସ୍ୟ ବି.କେଦାରନାଥ ଆଚାରୀ, ସମ୍ପାଦକ ଧର୍ମାରାଓ ଆଚାରୀ, ଉପସଭାପତି କେ.ରାଜକିଶୋର ଆଚାରୀ, କୋଷାଧକ୍ଷ ବି. ନାଗେଶ୍ୱର ଆଚାରୀ, ସହ ସମ୍ପାଦକ କୈଳାସ ଆଚାରୀ,


ଉପସ୍ଥିତ କର୍ମକର୍ତ୍ତା ଓ ବ୍ରତ ଧାରଣ କରିଥିବା ପିଲାମାନେ।

ମହାସଂଘ ଉପସଭାପତି ଜି. ଶମ୍ଭୁଲିଙ୍ଗମ ଆଚାରୀ, ରାଜଶେଖର ଆଚାରୀ, ସାନ୍ତନୁ ଆଚାରୀ, ଜେ. ଧର୍ମା ଆଚାରୀ ସମେତ ୧୫ତାଲୁକା ସଭାପତି,୧୫ ତାଲୁକା କେନ୍ଦ୍ର ସଦସ୍ୟ ଓ କେନ୍ଦ୍ର ମହାସଂଘ କମିଟି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

ଭଞ୍ଜନଗର,୨୧।୪(ଡି.ଏନ.ଏ)

ଭଞ୍ଜନଗର ବ୍ଲକରେ ଏଫଏଲଏନ କାର୍ଯ୍ୟକ୍ରମ ଅଧିନରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଭେଜିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୬ଟି କ୍ଲଷ୍ଟରରୁ ୯୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ବିଇଓ ଏସ. ଧନଞ୍ଜୟ, ସମ୍ମାନିତ ଅତିଥି ରୂପେ ବିଆର୍‌ସିସି ହୃଷିକେଶ ସ୍ୱାଇଁ, ଏବିଇଓ ସୂର୍ଯ୍ୟ ନାୟକ, ଭେଜିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାଣ୍ଡବ ସେଠୀ ଯୋଗ ଦେଇଥିଲେ। ବିଚାରକ ଭାବେ ଭଞ୍ଜନଗର ସିଟି ସ୍କୁଲର ପ୍ରଶିକ୍ଷକ ସୁରେଶ୍ୱର ଶାହା, ପୂର୍ବତନ ପ୍ରଶିକ୍ଷକ ସୂର୍ଯ୍ୟନାରାୟଣ ଉପାଧ୍ୟାୟ ଏବଂ ଯୁବି ହାଇସ୍କୁଲ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇଥିଲେ। ଜିଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ନିମିତ୍ତ କଇଠ ପଲ୍ଲୀ, ଚାକୁଣ୍ଡାପଲ୍ଲୀ, ସାଦରା, ଜାମପଲ୍ଲୀ, ଗାମୁଣ୍ଡି ଓ ବିଞ୍ଜିଗିରି ଆଦି ବିଦ୍ୟାଳୟର ମୋଟ ୬ଟି ଟିଏଲଏମ ବିଚାରକ ମାନଙ୍କ ଦ୍ୱାରା ମନୋନୀତ ହୋଇଥିଲା। ସିଆର୍‌ସିସି ତ୍ରିନାଥ ବେହେରା ଏବଂ ସିଆର୍‌ସିସି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସିଆର୍‌ସିସି ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଭେଜିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୀମାଞ୍ଚଳ ସ୍ୱାଇଁଙ୍କ ସମେତ ସମସ୍ତ ଷ୍ଟାଫ ଏବଂ ସିଆର୍‌ସିସି ପ୍ରମୁଖ ସହଯୋଗ କରିଥିଲେ ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦିଗପହଣ୍ଡି,୨୧।୪(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ମହାବିଦ୍ୟାଳୟ ପରିସରରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରଣତି ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଦିବସ କାର୍ଯ୍ୟକ୍ରମରେ ଦିଗପହଣ୍ଡି ତହସିଲଦାର ସିପକ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଣୀବିଜ୍ଞାନ ଅଧାପିକା ଆରତୀ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧାପିକା ସରୀତା ନାହାକ, ସାଲିନୀ ସେକ୍ସନା, ଅନୀତା ପାଣି, ଆରତୀ ସାହୁ, ସନ୍ଧ୍ୟାରାଣୀ ଗୌଡଙ୍କ ସମେତ ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷିକା ଜସ୍ମିନ ସାହୁ ଓ ରୀନା ପ୍ରଧାନ ସମ୍ମାନୀତ ଅତିଥି ରୂପେ ମଞ୍ଚାସୀନ ଥିଲେ। ତାଲିମ ପ୍ରାପ୍ତ ଛାତ୍ରୀ ମାନଙ୍କ ମଧ୍ୟରୁ କିଛି ଛାତ୍ରୀ ଆତ୍ମ ସୁରକ୍ଷା କଳା କୌଶଳ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଶିକ୍ଷଣପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଓଡ଼ିଆ ଅଧାପିକା ନିର୍ମଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମଦଭାଟି କର୍ମଚାରୀଙ୍କୁ ମାଡ଼, ଥାନାରେ ଅଭିଯୋଗ

ଗୋପାଳପୁର,୨୧।୪(ଡି.ଏନ.ଏ.)

ଦେଶୀ ମଦ ଭାଟି କର୍ମଚାରୀଙ୍କୁ ଠେଲା ପେଲା କରି ଧମକ ଚମକ ଓ ଟେକା ପଥର ମାଡ ନେଇ ଗୋଳନ୍ଥରା ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ସୂଚନାନୁସାରେ ଏହି ଥାନା ଅନ୍ତର୍ଗତ ଜୁଗୁଡ଼ି ଗ୍ରାମରେ ଦଣ୍ଡପାଣି ସାହୁଙ୍କ ଏକ ଦେଶୀ ମଦ ଭାଟି ରହିଛି। ସେଠାରେ କିଛି କର୍ମଚାରୀ ରହି କାମ କରନ୍ତି। ବୁଧବାର ରାତି ୧୦ ଟାରେ ନିକଟ ଗ୍ରାମର ୩ ଜଣ ଯୁବକ ଆସି ମଦ ଭାଟିର କର୍ମଚାରୀଙ୍କୁ ଧମକ ଚମକ ଦେବା ସହ ମଦ ଭାଟିକୁ ବନ୍ଦ କରିବାକୁ କହି ଟେକା ପଥର ମାଡ଼ ସହ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଯଦି ଭାଟି ବନ୍ଦ ନ କରିବ ପରିସ୍ଥିତି ଭୟଙ୍କର ହେବ କହି ଚେତାବାନୀ ଦେଇଥିଲେ। ଏଥିସହ କିଛି ସମୟ ପାଇଁ ଆତଙ୍କ ଚଳାଇଥିଲେ। ଏ ନେଇ ଦଣ୍ଡପାଣି ଗୁରୁବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୨୮/୨୨ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## କାମରେ ଆସୁନି ମାଛ, ମାଂସ ବଜାର
### ରାସ୍ତା ପାର୍ଶ୍ୱରେ ବ୍ୟବସାୟ

ବୁଗୁଡ଼ା,୨୧।୪(ଡି.ଏନ.ଏ.)

ବୁଗୁଡା ଏନ୍‌ଏସି ପକ୍ଷରୁ ୧୫ ଲକ୍ଷ ୩୯ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ମାଛ ଓ ମାଂସ ବଜାର ନିର୍ମାଣ କରାଯାଇଥିଲା। ୨୦୧୭ ଜୁଲାଇ ୧୯ ତାରିଖରେ ଏହା ଲୋକାର୍ପିତ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ତାହା କାମରେ ଲାଗୁ ନ ଥିବାରୁ ଉଦବେଗ ପ୍ରକାଶ ପାଇଛି। ପ୍ରଶାସନିକ ଉଦାସୀନତା ଯୋଗୁ ଏହି ବଜାର ଏବେ ସର୍ବସାଧାରଣଙ୍କ ପରିସ୍ରାଗାର ପାଲଟିଛି। ସେଠାରେ ଥିବା ୧୮ଟି ଦୋକାନ ଘର ମଧ୍ୟରୁ କେତୋଟିର ସଟରରେ୍ କଳଙ୍କି ଲାଗି ଗଲାଣି। ମାଛ ଓ ମାଂସ ବଜାର ଲୋକାର୍ପିତ ହେବାର କିଛି ଦିନ ପର୍ଯ୍ୟନ୍ତ ବ୍ୟବସାୟୀମାନେ ସେଠାରେ ବେପାର କରିଥିଲେ ମଧ ପିଣ୍ଡି କାରଣରୁ ବିଶୃଙ୍ଖଳା ଦେଖାଯାଇଥିଲା। ସେହି ମାର୍କେଟର ମଝିରେ ରହିଥିବା ପିଣ୍ଡି ଯୋଗୁ ସମ୍ମୁଖ ଭାଗସ୍ଥ ଦୁଇଟି ଦୋକାନରେ ଭିଡ ଜମିବା ଏବଂ ଅନ୍ୟ ଗ୍ରାହକ ଭିତରକୁ ଯିବାରେ ଅସୁବିଧା ହେଲା ତେଣୁ ମାଛ ଓ ମାଂସ ବ୍ୟବସାୟୀ ସେଠାକୁ ନ ଯାଇ ନିଜ ସୁବିଧା ପ୍ରକାରେ ସହରର ରାସ୍ତାକଡ଼ ଏଣେ ତେଣେ ବସି ବ୍ୟବସାୟ କରୁଥିବାରୁ ଅଶୋଭନୀୟ ପରିସ୍ଥିତି ସୃଷ୍ଟି ହେଉଛି। ମାଛ ବ୍ୟବସାୟୀ ନାରାୟଣ ଘଡେଇଙ୍କ ସମେତ ଅନ୍ୟମାନେ କହିଛନ୍ତି ବଜାର ମଝିରେ ହୋଇଥିବା ପିଣ୍ଡିକୁ ଭଙ୍ଗିବା ସହ ଗ୍ରାହକଙ୍କ ପାଇଁ ପାର୍କିଂ ସୁବିଧା କଲେ ଯାଇ ସେଠାକୁ ଯିବେ। ଏ ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅବକାରୀ ଚଢ଼ାଉ, ୪ ଗିରଫ

ଧରାକୋଟ,୨୧।୪(ଡି.ଏନ.ଏ.)

ଧରାକୋଟ ଥାନା ଅନ୍ତର୍ଗତ ଜଗମୋହନ ପଞ୍ଚାୟତ ଚମ୍ପାପଲ୍ଲୀ ଗ୍ରାମରେ ଅବକାରୀ ଚଢାଉ କରି ୫୦ ଲିଟର ମହୁଲି ମଦ ଜବତ କରିଥିବା ବେଳେ ବିଭିନ୍ନ ସ୍ଥାନରୁ ୧୪୦୦ଲିଟର ପୋଚ ନଷ୍ଟ କରିଛି। ଏଥିସହ ମଦରନ୍ଧା ଲାଗି ଥିବା ବିଭିନ୍ନ ସରଞ୍ଜାମ ଜବତ କରାଯାଉଛି। ବେଆଇନ ମଦ କାରବାର ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସନ୍ତୋଷ ନାଇକ, ରୋହିତ ନାଇକ, ବନମାଳୀ ଦଳବେହେରା ଏବଂ ମୋହିନୀ ନାଇକ। ଏ ସମ୍ପର୍କରେ ଧରାକୋଟ ଥାନାରେ ନଂ.୮୮ ଓ ୮୯/୨୨ରେ ଦୁଇଟି ମାମଲା ଅବକାରୀ ଆଇନ ପ୍ରକାରେ ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ବନମାଳୀଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ରହିଛି । ଧରାକୋଟ ଥାନା ଅଧିକାରୀ ଉମାକାନ୍ତ ସାହୁ, ଏସଆଇ ବାଲ୍ମୀକି ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ୩ ବଖରା ଜଳିଗଲା

ଧରାକୋଟ,୨୧।୪(ଡି.ଏନ.ଏ.)

ଧରାକୋଟ ବ୍ଲକ ଅନ୍ତର୍ଗତ ଝାଡବନ୍ଧ ପଞ୍ଚାୟତ ପଣିବନ୍ଧ ଗ୍ରାମ ରଘୁନାଥ ସାହିରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ଜଳନ୍ଧର ପ୍ରଧାନଙ୍କ ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ବହୁ ଖାଦ୍ୟପଦାର୍ଥ ଓ ଆସବାପତ୍ର ନଷ୍ଟ ହୋଇଯାଇଛି। ଧରାକୋଟ ଅଗ୍ନିଶମ ବାହୀନି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ରେଳଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୧।୪

ବ୍ରହ୍ମପୁର ରେଳଷ୍ଟେଶନରୁ ଟ୍ରେନ ଯୋଗେ ଗଞ୍ଜେଇ ଚୋରା ଚାଲାଣ ପୂର୍ବରୁ ରେଳ ସୁରକ୍ଷା ବଳ (ଆରପିଏଫ) ଜଣେ ଯୁବକଙ୍କୁ କାବୁ କରିଛି। ସେ ଧରିଥିବା ଏକ ବ୍ୟାଗ ଭିତରୁ ପ୍ରାୟ ୧୦କେଜି ଗଞ୍ଜେଇ ଜବତ ହୋଇଛି। ଆରପିଏଫ ଉକ୍ତ ଗଞ୍ଜେଇ ଓ ଯୁବକଙ୍କୁ ଜିଆରପି ପୋଲିସକୁ ହସ୍ତାନ୍ତର କରିଛି। ପୋଲିସ ଏ ସଂକ୍ରାନ୍ତରେ ନଂ.୨୯/୨୨ ରେ ଏକ ମାମଲା ରୁଜୁ କରିଛି। ଗିରଫ ଯୁବକ ଜଣଙ୍କ ଗଞ୍ଜାମ ଜିଲା ବଡଗଡ ଥାନା ଅନ୍ତର୍ଗତ ମେରିକୋଟ ନିକଟ କଇଠାଗୁଡି ଗ୍ରାମର ସୁନୀଲ ନାୟକ (୨୬)। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ପ୍ରକାଶ ଯେ, ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ- ୨ରେ ଜଣେ ଯୁବକ ଟ୍ରେନକୁ ଅପେକ୍ଷା କରିଥିଲେ। ଆରପିଏଫ ପୋଲିସ ସନ୍ଦେହଜନକ ଭାବେ ଠିଆ ହୋଇଥିବା ସମ୍ପୃକ୍ତ ଯୁବକ ଧରିଥିବା ବ୍ୟାଗ ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପରେ ଉକ୍ତ ଯୁବକଙ୍କୁ ଜିଆରପି ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଅଭିଯୁକ୍ତ ଯୁବକ ସୁନୀଲ ନାୟକଙ୍କୁ ଜେରା ବେଳେ ସେ କୋଣାର୍କ ଏକ୍ସପ୍ରେସରେ ମୁମ୍ବାଇ ପାଇଁ ଏକ ଇ-ଟିକଟ କରିଥିବା ଜଣାପଡିଥିଲା। ସୁନୀଲ ଉକ୍ତ ଗଞ୍ଜେଇ ଟ୍ରେନରେ ମୁମ୍ବାଇ ଚାଲାଣ କରିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଧରାପଡ଼ିଛନ୍ତି ବୋଲି ପୋଲିସ କହିଛି।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

ପାରଳାଖେମୁଣ୍ଡି/ଆର.ଉଦୟଗିରି, ୨୧।୪(ଡି.ଏନ୍.ଏ.)

ଗୁମ୍ମା ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଓ ଗ୍ରାମ୍ୟ ମୁଖି ପ୍ରଶାସନ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଗୋବରା ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ବିଡ଼ିଓ ଅନୁପ ଅଭିଷେକ ବେହେରା, ତହସିଲଦାର ଭାସ୍କର ଚନ୍ଦ୍ର ସାହୁ, ଗୁମ୍ମା ଭାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡ଼. ଚିନ୍ମୟ ବିଶ୍ୱାଳ ଓ ଆଦର୍ଶ ବିଦ୍ୟାଳୟ ଅଧକ୍ଷ କେଦାରନାଥ ଦାଶ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆଶା କର୍ମୀଙ୍କୁ ପୁରସ୍କୃତ କରାଯିବା ସହ ତହସିଲ କାର୍ଯ୍ୟାଳୟ ପକ୍ଷରୁ ୫୭ ଜଣଙ୍କୁ ପଟ୍ଟା ବଣ୍ଟାଯାଇଥିଲା। ଜନ୍ମେଜୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ମେଳାରେ ବିଶେଷଜ୍ଞ ଡାକ୍ତର



ଗୁମ୍ମାରେ ଜଣେ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଉଛି।

ଓ ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ୮୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସମସ୍ତ ପରୀକ୍ଷା କରି ମାଗଣାରେ ଔଷଧ ଦେଇଥିଲେ। ସେହିପରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ ମୁଖି ପ୍ରଶାସନ ମାଧ୍ୟମରେ ଲୋକଙ୍କ ଅଭିଯୋଗ ଶୁଣାଣି, ମହିଳା ଓ ଶିଶୁ ବିକାଶ ଖାଦ୍ୟ ମେଳା ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ କୁହାଯାଇଥିଲା। ସେହିପରି ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆର୍. ଉଦୟଗିରି ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା, ଗ୍ରାମ୍ୟମୁଖି ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ନିବେଦିତା ସାହୁଙ୍କ ଅଧକ୍ଷତାରେ ଆୟୋଜିକ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଦିପ କୁମାର ନାୟକ, ବ୍ଲକ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଜିଲାପରିଷଦ ସଭ୍ୟା ଯମୁନା ଦଳେଇ, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ଓ ଡାକ୍ତର ପ୍ରମୁଖ ମଞ୍ଚାସୀନ ଥିଲେ। ୫୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ମାଗଣା ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା।

## ମହିଳାଙ୍କୁ ହତ୍ୟା

ଦଶପଲ୍ଲା,(ଡି.ଏନ.ଏ.): ଦଶପଲ୍ଲା ବ୍ଲକ୍ ବାଣୀଗୋଛା ଥାନା ଅଧୀନ ଦୁଡା ପଞ୍ଚାୟତ ଜୁରାଗଣ୍ଡା ଗ୍ରାମରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ସେହି ଗ୍ରାମର ଜଣେ ବ୍ୟକ୍ତି, ଉକ୍ତ ଗ୍ରାମର ଜଣେ ବିଧବା ମହିଳା ବିମଳା ମଳିକ ( ୪୫ )ଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛନ୍ତି । ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ । ବାଣୀଗୋଛା ପୋଲିସ ତଦନ୍ତ ଜାରି ରଖିଛି ।

## ସଂକ୍ଷେପରେ

### ୨ ଗୋରୁ ବୋଝେଇ ମିନି ଟ୍ରକ ଜବତ

ନୟାଗଡ଼ ଅଫିସ,୨୧।୪:ନୟାଗଡ଼ ସଦର ଥାନା ପୋଲିସ ବୁଧବାର ରାତି ପ୍ରାୟ ସାଢ଼େ ୧ଟାରେ ପେଟାପଲ୍ଲୀରୁ ୨ଟି ଗୋରୁ ବୋଝେଇ ମିନି ଟ୍ରକ ଜବତ କରିଛି। ପୋଲିସକୁ ଦେଖି ଡ୍ରାଇଭର ଦ୍ୱୟ ପଳାଇ ଯାଇଛନ୍ତି । ପୋଲିସ ଓଡି୦୨ବିଏଲ ୪୯୬୯ ଓ ଓଆର୦୨ ବିଡବ୍ଲୁ ୭୦୬୦ ପିକଅପ୍ ଭ୍ୟାନରୁ ୯ଟି ଗୋରୁ ଜବତ କରିଛି । ସେହି ଗୋରୁଙ୍କୁ କୋସକା ଗୋଶାଳାରେ ଛଡାଯାଇଛି ।

### ଓଡ଼ଗାଁରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା

ଓଡ଼ଗାଁ,୨୧।୪(ସ୍ୱ.ପ୍ର.): କେନ୍ଦ୍ର ଓ ରାଜ୍ୟ ସରକାଙ୍କ ମିଳିତ ଆନୁକୂଲ୍ୟରେ ତଥା ଆଜାଦି କି ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନ୍ତର୍ଗତ ଗୁରୁବାର ଓଡ଼ଗାଁରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମକରନ୍ଦ ବେଉରା ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ବଳରାମ ପ୍ରଧାନ, ଡା. ନୀଳାଞ୍ଜନ ଦାସଙ୍କ ମିଳିତ ପରିଚାଳନାରେ ଜିଲାର ସମୁଦାୟ ୭ ଜଣ ଚିକିତ୍ସା ବିଶେଷଜ୍ଞ ରୋଗ ନିଦାନ କରିବା ସହିତ ମାଗଣା ଔଷଧ ବିତରଣ କରିଥିଲେ। ସକାଳୁ ଆରମ୍ଭ ହୋଇଥିବା ସ୍ୱାସ୍ଥ୍ୟ ମେଳା ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ସମୁଦାୟ ୧୨୮୬ ଜଣ ରୋଗୀଙ୍କୁ ପଞ୍ଜିକୃତ କରାଯାଇ ରୋଗ ନିଦାନ କରାଯାଇଛି। ସ୍ଥାନୀୟ ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଲୋକଙ୍କୁ ଥଣ୍ଡା ପାନୀୟ ପ୍ରଦାନ କରାଯାଇଥିଲା । ଏହା ସହିତ ମେଳାରେ ଚକ୍ଷୁ, ସ୍ତ୍ରୀ ରୋଗ ସମେତ ଭେଷଜ ବିଶେଷଜ୍ଞ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଦେସ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନଙ୍କ ସମେତ ଅନ୍ୟ ନିର୍ବାଚିତ ସଦସ୍ୟମାନେ ସହଯୋଗ କରିଥିଲେ ।

### ଜିଲାପାଳଙ୍କ ଛତ୍ରପୁର ହସ୍ପିଟାଲ ପରିଦର୍ଶନ

ଛତ୍ରପୁର,୨୧।୪(ଡି.ଏନ.ଏ.)-ଛତ୍ରପୁର ହସ୍ପିଟାଲକୁ ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରିଦର୍ଶନରେ ଆସିଥିଲେ। ହସ୍ପିଟାଲକୁ ଡାକ୍ତର ଓ ଅନ୍ୟ ଷ୍ଟାଫ୍‌ମାନେ ଠିକ୍ ସମୟରେ ଆସୁଛନ୍ତି କି ନାହିଁ ଏବଂ ରୋଗୀ ସେବା କିପରି ଚାଲିଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ରୋଗୀ ନିରାମୟରୁ ଔଷଧ ପାଉଛନ୍ତି ନା ବାହାରୁ ଔଷଧ କିଣିବାକୁ ଡାକ୍ତର ପ୍ରେସକ୍ରିପସନ ଲେଖୁଛନ୍ତି ରୋଗୀଙ୍କୁ ସେ ପଚାରିଥିଲେ । ଜିଲାପାଳ ହସ୍ପିଟାଲ ପରିସରରେ ସଫେଇ ଓ ପରିମଳ କାର୍ଯ୍ୟର ଅନୁଧାନ କରିବା ସହ ଏହାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସୁବିଧା ଅସୁବିଧା ବୁଝିଥିଲେ। ହସ୍ପିଟାଲ ପରିସରରେ ଅଂଶୁଘାତ ମୁକାବିଲା ପାଇଁ ସ୍ୱତନ୍ତ୍ର ଭାବେ ୨ଟି ଶଯ୍ୟା ବ୍ୟବସ୍ଥା କରାଯାଇଥିବା ଜିଲାପାଳଙ୍କୁ ଅବଗତ କରାଯାଇଥିଲା । ପରିଦର୍ଶନ ବେଳେ ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଏନଏସି ନିର୍ବାହୀ ଅଧିକାରୀ ଏନ୍.ଗଣେଶ ବାବୁ, ଶିଶୁ ରୋଗ ବିଶେଷଜ୍ଞ ଡା.ଅଲେଖ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବୃଦ୍ଧାବୃଦ୍ଧଙ୍କ ନାଁରେ ଲୋକଙ୍କ ଡୋନେଶନ ଅର୍ଥ ହଡପ

■ବୃଦ୍ଧାଶ୍ରମ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନାଁରେ ଦୁର୍ନୀତି ଅଭିଯୋଗ

■ଥାନାରେ ଅଭିଯୋଗ କରି ଗୁମର ଖୋଲିଲେ କାର୍ଯ୍ୟକାରୀ ସଭାପତି

ନୟାଗଡ଼ ଅଫିସ,୨୧।୪:

ନୟାଗଡ଼ ସହରସ୍ଥିତ ସମର୍ପଣ ବୃଦ୍ଧାଶ୍ରମରେ ଲୋକଙ୍କ ଡୋନେଶନ ଅର୍ଥକୁ ମନଇଚ୍ଛା ଖର୍ଚ୍ଚ କରାଯାଇ ହଡପ କରାଯାଉଥିବା ପରି ସଙ୍ଗୀନ ଅଭିଯୋଗ ଆସିଛି । ଏନେଇ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ ନୟାଗଡ଼ ଟାଉନ ଥାନା ଓ ଏସପିଙ୍କୁ ଅଭିଯୋଗ କରି ୨୮ଲକ୍ଷ ଟଙ୍କା ଦୁର୍ନୀତିର ତଦନ୍ତ କରିବାକୁ ନିବେଦନ କରିଛନ୍ତି । ଅଭିଯୋଗ ଅନୁସାରେ ସମର୍ପଣ ବୃଦ୍ଧାଶ୍ରମ ୨୦୧୯ ଏପ୍ରିଲ୧ରୁ କାର୍ଯ୍ୟ କରୁଛି । ଏଥିରେ ଜିଲାପାଳ ସଭାପତି ଅଛନ୍ତି । ଏହି ଅନୁଷ୍ଠାନ ୧୮୬୦ ଆକ୍ଟରେ ପଞ୍ଜିକୃତ ହୋଇଛି । ଅନୁଷ୍ଠାନକୁ ସରକାରୀ ଅନୁଦାନ ଆସି ନାହିଁ । ଲୋକଙ୍କ ଡେନେଶନ ଅର୍ଥରେ ବୃଦ୍ଧାଶ୍ରମରେ ବୃଦ୍ଧାବୃଦ୍ଧଙ୍କୁ ଭରଣ ପୋଷଣ କରାଯାଉଛି । ଅନୁଷ୍ଠାନର ସମ୍ପାଦକ ଅରୁଣ ମହାନ୍ତି ଓ କୋଷାଧ୍ୟକ୍ଷ ଧିରେନ କୁମାର ପଟ୍ଟନାୟକ ପ୍ରାୟ ୨୮ ମାସ ହେଲା ବୃଦ୍ଧାଶ୍ରମ ଦାୟିତ୍ୱରେ ରହି ଅନିୟମିତତା କରୁଛନ୍ତି । ସମର୍ପଣର ସଭା ଠିକରେ କରୁ ନାହାନ୍ତି। ରିଜୋଲେଶନ ନ କରି ଲୋକଙ୍କ ଡୋନେଶନ ଅର୍ଥକୁ ବୃଦ୍ଧ ବୃଦ୍ଧାଙ୍କ ପାଇଁ ଖର୍ଚ୍ଚ ଦେଖାଇ ଆତ୍ମସାତ କରୁଛନ୍ତି । ପ୍ରାୟ ୨୮ ଲକ୍ଷ ଟଙ୍କା ଇତି ମଧ୍ୟରେ ବ୍ୟାଙ୍କରୁ ଉଠାଣ କରି ଖର୍ଚ୍ଚ ଦେଖାଇ ସାରିଲେଣି । ଏହାର ତଦନ୍ତ କରାଗଲେ ପ୍ରକୃତ ୨୮ ଲକ୍ଷ ଦୁର୍ନୀତିର ପର୍ଦ୍ଦାଫାସ ହେବ । ଏନେଇ ଅଭିଯୋଗକାରୀ ପ୍ରମୋଦ ପଟନାୟକ କୁହନ୍ତି ୨୮ ଲକ୍ଷ ଘୋଟଲା ସମ୍ପର୍କରେ ଜିଲାପାଳଙ୍କୁ ବହୁ ଦିନ ହେଲା ଜଣାଇଥିଲି। ହେଲେ ସେ କିଛି ପଦକ୍ଷେପ ନେଲେ ନାହିଁ । ଏନେଇ ନୟାଗଡ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କୁ ଅବଗତ କରାଇବା ପରେ ସବୁ କିଛି ଯେପରି ଠିକଠାକ ଚାଲିବ ସେନେଇ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ତାଗିଦ୍ କରିଥିଲେ। ହେଲେସୁଫଳ ମିଳିଲାନି । ସେହିଭଳି ଏନେଇ ରେଜେଷ୍ଟ୍ରି ପୋଷ୍ଟରେ ନୟାଗଡ ଟାଉନ ଥାନାକୁ ଅଭିଯୋଗ ପଠାଇଥିଲି । ହେଲେ ଥାନା ପକ୍ଷରୁ ଏହାକୁ ଫେରାଇ ଦିଆଗଲା । ଶେଷରେ ଗୁରୁବାର ଥାନାକୁ ଯାଇ ଅଭିଯୋଗ କରିଛି । ଏପରିକି ଏସ୍‌ପିଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଇଛି ବୋଲି କହିଛନ୍ତି । ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି ଅଭିଯୋଗମିଳିଛି । ଘଟଣାର ତଦନ୍ତ ହେବ । ତେବେ ଏନେଇ ମାମଲା ରୁଜୁ ହୋଇ ନାହିଁ। ସମର୍ପଣ ବୃଦ୍ଧାଶ୍ରମର ସମ୍ପାଦକ ଅରୁଣ କୁମାର ମହାନ୍ତି ଓ କୋଷାଧ୍ୟକ୍ଷ ଧିରେନ କୁମାର ପଟ୍ଟନାୟକ କୁହନ୍ତି, ସବୁ କିଛି ଆଇନ ପରିସର ମଧ୍ୟରେ ହୋଇଛି । ଆମ୍ଭେ ତଦନ୍ତକୁ ସ୍ୱାଗତ କରୁଛି । ତଦନ୍ତ ପରେ କିଏ ସତ କହୁଛି ପଦାକୁ ଆସିବ । ଅଭିଯୋଗକାରୀ କାର୍ଯ୍ୟକାରୀ ସଭାପତି ଅନୁଷ୍ଠାନ ହେବା ଦିନଠାରୁ ଦାୟିତ୍ୱରେ ଅଛନ୍ତି । ପ୍ରଥମେ ସବୁଥରେ ସହଯୋଗ ମିଳିଲା । ଅନୁଷ୍ଠାନର ଆୟ ଓ ବ୍ୟୟ ନେଇ ଅବଗତ କରାଯାଉଥିଲା । ହେଲେ କିଛି ମାସ ପରେ ସଭାକୁ ଆସିଲେନି । ବୃଦ୍ଧାବୃଦ୍ଧଙ୍କ ପରି ସେବା କାର୍ଯ୍ୟରୁ ଦୂରେଇ ରହି ବିରୋଧ କଲେ । ଏବେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ବୋଲି କହିଛନ୍ତି ।

# କ୍ଷେତ ମଜଦୁର ୟୁନିୟନର ବିକ୍ଷୋଭ

ନୟାଗଡ ଅଫିସ,୨୧।୪

ଅଖିଳ ଭାରତୀୟ କ୍ଷେତ ମଜଦୁର ୟୁନିୟନର ନୟାଗଡ ଜିଲାଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ କରାଯାଇଛି । ଏନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ ୬ ଦଫା ଦାବି ରହିଛି । ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କରୁଥିବା କୃଷି ଶ୍ରମିକଙ୍କୁ ଦିନରେ ଦୁଇଥର ଉପସ୍ଥାନ ଖାତାରେ ଦସ୍ତଖତ ଦେବା ପାଇଁକେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି । କେନ୍ଦ୍ର ସରକାର ତୁରନ୍ତ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରାଯାଇଛି ।ସେହିପରି ଆର୍ଥିକ ବଜେଟରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଇଁ ଅଧିକ ଅର୍ଥ ବ୍ୟୟବରାଦ କରିବାକୁ ଦାବି ରହିଛି । ସେହିପରି ବର୍ଷରେ ସର୍ବନିମ୍ନ ୨୦୦ ଦିନ କାମର ଗ୍ୟାରେଣ୍ଟି, ଓଡିଶା କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ୬୦୦ ଟଙ୍କା, କାର୍ଯ୍ୟକ୍ଷେତ୍ରରେ ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା, ମଜୁରୀ ପ୍ରଦାନ ବେଳେ ଜାତି ଭିତ୍ତିକ ବିଭାଜନ ବନ୍ଦ କରିବାପରି ଦାବି ରହିଛି । କ୍ଷେତ ମଜଦୁର ନେତା ଦୁଃଶାସନ ଜେନା, ରାଜ୍ୟ ସଙ୍ଗଠକ ନିତ୍ୟାନନ୍ଦ ପରିଡାଙ୍କ ନେତୃତ୍ୱରେ ବୁଦ୍ଧି ନାୟକ, ବିରଞ୍ଚି ନାୟକ, କୁଳମଣି ପଲେଇ, ବିନୋଦ ନାୟକ, ଜୟନ୍ତୀ ମହାରଣା ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ ।

# ଖୋଲା ଆକାଶ ତଳେ ମଧ୍ୟାହ୍ନଭୋଜନ



ଓଡ଼ଗାଁ,୨୧।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଦଣ୍ଡୋର ସରକାରୀ ୟୁପି ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଖୋଲା ଆକାଶ ତଳେ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଉଥିବା ଭିଡ଼ିଓ ଭାଇରାଲ ହୋଇଛି । ଗୁରୁବାର ପୂର୍ବାହ୍ନ ସାଢେ ୯ଟାରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଜଣେ ଛାତ୍ର ୟୁନିଫର୍ମରେ ରହି ଖୋଲା ଆକାଶ ତଳେ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନ ପରସୁ ଥିବା ଫଟୋ ଭାଇରାଲ ହୋଇଛି । ଏନେଇ ସଂପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲୋଟସଙ୍କୁ ଏହାର ସତ୍ୟତା ସମ୍ପର୍କରେ ପଚାରା ଯାଇଥିଲା । ସ୍କୁଲରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ସମୁଦାୟ ୨୧୨ ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ଓ ବିତରଣ କରିବାକୁ ୪ ଜଣ ପାଚିକା ଓ ସହାୟିକା ନିଯୁକ୍ତି ପାଇଛନ୍ତି । ହେଲେ ସ୍କୁଲ ଛାତ୍ର ମୁକ୍ତାକାଶ ତଳେ ମଧ୍ୟାହ୍ନ ଭୋଜନ ଖାଉଥିବା ସମ୍ପର୍କରେ ସେ ଅବଗତ ନ ଥିବା ପ୍ରଥମେ ପ୍ରକାଶ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହି ଘଟଣାକୁ ସେ ନିଜେ ବେଆଇନ ବୋଲି ସ୍ୱୀକାର କରିଛନ୍ତି ।

# ଆଇପିଏଲ୍ ବେଟିଂ, ୬ ଜେଲ ଗଲେ

## ୬ ମୋବାଇଲ ଫୋନ,୧ ଲକ୍ଷ ୪୫ ହଜାର ଟଙ୍କା ଜବତ




ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଉଛନ୍ତି।

ଦିଗପହଣ୍ଡି,୨୧।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି କଲେଜ ଖେଳପଡ଼ିଆରେ ଆଇପିଏଲ୍ ବେଟିଂ ଚାଲିଥିବା ବେଳେ ପାଟପୁର ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଡ଼ାମାରି ଗ୍ରାମର ଚନ୍ଦନ ପ୍ରଧାନ, ବି. ରୋଶନ ପାତ୍ର, ଚନ୍ଦନ ରାଉତ, ଜିତେଶ ସାହୁ, ତାଳପୁର ଗ୍ରାମର ଉତ୍ତମ ନାୟକ ଓ ଡେଙ୍ଗାଓସ୍ତାର ସନ୍ଦୀପ କୁମାର ଗୁପ୍ତା । ଅଭିଯୁକ୍ତମାନଙ୍କ ନିକଟରୁ ୧ ଲକ୍ଷ ୪୫ ହଜାର ଟଙ୍କା ସହ ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ଗୁରୁବାର ସମସ୍ତଙ୍କୁ ମାମଲା ନଂ.୧୨୪/୨୨ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ଆବେଦନ ଖାରଜ ହୋଇଯିବାରୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି । ପାଟପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ. ଦଳାଇ ଏହି ସୂଚନା ଦେଇଛନ୍ତି। ବର୍ତ୍ତମାନ ଆଇପିଏଲ୍ ମ୍ୟାଚ ଚାଲିଥିବା ବେଳେ ଦୁଇ ପ୍ରତିପକ୍ଷ ଟିମ୍‌ରେ କିଏ ଜିତିବ, କିଏ ହାରିବ ସେ ନେଇ ଯୁବବର୍ଗ ଟଙ୍କା ବାଜି ଲଗାଉଛନ୍ତି। ବୁଧବାର ସନ୍ଧ୍ୟାରେ ପାଟପୁର ଥାନା ଏସ୍‌ଆଇ ଟୁନା ପିଡିକା ସଦଳବଳ ପୋଡ଼ାମାରି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସ୍ଥାନୀୟ କଲେଜ ପଡ଼ିଆରେ କେତେଜଣ ଯୁବକ ଏକତ୍ରିତ ହୋଇ ଆଇପିଏଲ୍ ବେଟିଂ ଚଳାଇଥିବା ଖବରପାଇ ପାଟପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସେଠାରେ ଚଢ଼ାଉ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଖବରଦାତା ସମ୍ମିଳନୀରେ ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ଯୁବକଙ୍କ ମୃତଦେହ ଜବତ

ସୋରଡା,୨୧।୪(ଡି.ଏନ.ଏ.)

ସୋରଡା ଥାନା ନିକଟ ଦାରିଙ୍ଗିବାଡି ଘାଟିର ୧୩ ନମ୍ବର ଟର୍ଣ୍ଣିଂରେ ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଠାବ କରିଛି । ସେ ହେଲେ ସୋରଡା ଗାଙ୍ଗପୁର ଗ୍ରାମର ଚିତ୍ତରଞ୍ଜନ ବିଶୋୟୀ। ତାଙ୍କ ବାଇକ୍ ରାସ୍ତା କଡରେ ରହିଥିବା ବେଳେ ମୃତଦେହ ଘାଟିର ୫୦ ଫୁଟ ତଳକୁ ପଡିଛି । ଘଟଣାସ୍ଥଳରୁ ପୋଲିସ ଫିନାଇଲ ବୋତଲ, ପେଟ୍ରୋଲ ବୋତଲ, ଦିଆସିଲି, ପୋଡା ଚପଲ ଆଦିକୁ ଜବତ କରିଛି। ଚିତ୍ତରଞ୍ଜନ ଫିନାଇଲ ପିଇ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ସତ୍ୟ ଜଣାପଡିବ ବୋଲି ସୋରଡା ଥାନା ଅଧିକାରୀ ରମେଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚିତ୍ତରଞ୍ଜନଙ୍କ ସ୍ତ୍ରୀ ଓ ଦୁଇଟି ପିଲା ଅଛନ୍ତି।

# ମାସେ ହେବ ଗୋଳିଆ ପାଣି ପିଉଛନ୍ତି ରାୟଗଡ଼ ଗ୍ରାମବାସୀ

ରାୟଗଡ଼ (ଗଜପତି),୨୧।୪

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମା ଠାରେ ଆଜକୁ ପ୍ରାୟ ଏକ ମାସ ହେବ ଲୋକେ ଗୋଳିଆ ପାଣି ପିଉଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜିକାଲି କହି ମାସେ ବିତିଗଲା କିନ୍ତୁ ସମସ୍ୟାର ସମାଧାନ ହୋଇପାରିନି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ, ରାୟଗଡ଼ ଗ୍ରାମବାସୀଙ୍କ ପାଇଁ ମହେନ୍ଦ୍ରତନୟା ନଦୀଠାରେ ଜଳ ଓ ପରିମଳ ବିଭାଗ ଦ୍ୱାରା ବର୍ଷେ ହେଲା ଏକ ନୂତନ କୂପ ଖନନ କରି ସେଠାରୁ ରାୟଗଡ଼କୁ ଜଳଯୋଗାଣ ହେଉଥିଲା। କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ କହିବା ପ୍ରକାରେ ସେହି କୂଅରେ ଯେଉଁ ପାଣି ଉଠାଇବା ପାଇଁ ମଟର ଲଗାଯାଇଥିଲା ତାହା ଖରାପ ହୋଇଯାଇଛି। ଫଳରେ ଲୋକଙ୍କୁ ପୁରୁଣା କୂଅରୁ ପାଣି ଯୋଗାଣ କରାଯାଉଛି। ତେଣୁ ସେଥିରୁ ଗୋଳିଆ ପାଣି ଆସୁଥିବା ଜଣାପଡ଼ିଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଚାଲିଥିବା ବେଳେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାଧ୍ୟ ହୋଇ ଏହି ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ଲୋକେ ବିଭିନ୍ନ ରୋଗର ଶିକାର ହେବା ସମ୍ଭାବନା ରହିଛି। ତେବେ ମଙ୍ଗଳବାର ଅନୁଷ୍ଠିତ ସମିତି ବୈଠକରେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି ଏ ନେଇ ବିଭାଗୀୟ ଅଧିକାରୀ ନାରାୟଣ ସେଠୀଙ୍କୁ ପ୍ରଶ୍ନ କରି ତୁରନ୍ତ ତାହା ସଜାଡ଼ି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏ ନେଇ ବିଭାଗୀୟ ଯନ୍ତ୍ରୀ ନାରାୟଣ ସେଠୀଙ୍କୁ ଯୋଗାଯୋଗ କରାଯିବାରୁ ତୁରନ୍ତ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।



ଗୋଳିଆ ପାଣି ।


OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I, CUTTACK
E-Mail I.D.-eepwdcuttack@gmail.com, Tel./ Fax No.(0671)-2304128
GOVERNMENT OF ODISHA
('e' PROCUREMENT NOTICE)
Bid Identification No. S.E. CTC(R&B)-03 of 2022-23

No.B-72:1.The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Building work as mentioned below.
2. No. of Work :- 02 Nos.
3. Nature of work :- Building works
4. Class of Contractor :- "B" and "A" Class
5. Tender Paper Cost :- Rs.10000/- (Online)
6. Available of bid documents in the website :- From 25.04.2022 to 5PM of 09.05.2022
7. Date of Opening of Bid :- 11AM of 10.05.2022
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd./- (Er. P.K. Majhi)
Superintending Engineer,Cuttack (R&B) Division No.I
OIPR-34091/11/0003/2223

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com,
No. B-75 Tel.: (0674) 2391523, Fax: (0674) 2395245
File No. B-IV-H-(H&D)-21/22 Ltr. No. 15544 Dt.18.04.2022
NOTICE INVITING REQUEST FOR PROPOSAL
Bid Identification No. C.E. (B) - 02/2022-23

| | | |
|---|---|---|
| 1. | Chief Engineer (Buildings) Odisha, on behalf of Government of Odisha invites sealed RFP in double cover system from eligible bidder for engagement of Programme Management consultancy services, which are to be received in online mode for various health infrastructure projects in Odisha | |
| 2. | Nature of Work | Programme Management Consultancy Services |
| 3. | No. of Work | 01 No. |
| 4. | Bid Cost | Rs.10,000/- |
| 5. | Class of Contractor | Experienced and reputed consluting firms |
| 6. | Availability of Bid documents in the website | From Dt.26.04.2022 to 05.30 P.M. of Dt.17.05.2022. |
| 7. | Deadline for Submission of Pre-Proposal/Pre-Bid Queries | Dt.07.05.2022 upto 11.00 A.M. |
| 8. | Last Dt. of submission of hardcopy | Dt.17.05.2022 upto 5.30 P.M. |
| 9. | Date of Opening of Bid | Dt.18.05.2022 at 11.30 A.M. |
| 10. | The bidders have to participate in ONLINE bidding only and bidder must possess compatible Digital Signature Certificate (DSC) of Class-II or Class-III. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website. | |

Chief Engineer (Buildings), Odisha
OIPR-34117/11/0008/2223

OFFICE OF THE
MUNICIPAL COUNCIL, JODA
Phone No.: 06767-272214, Fax No.: 06767-272214
E-Mail: jodam.hud@nic.in
No. 1273 Dt. 21.04.2022
'e' - Procurement Notice
Bid Identification No. JM-01/2022-23

No. C-117: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.
1. Nature of work : Civil Works
2. No. of Works : 17 Nos.
3. Estimated Cost : From Rs.1,84,216/- to Rs.38,88,025/-
4. Bid Identification No. : 2021_ORULB_77127_1 to 2021_ORULB_77127_17
5. Date & time of availability of the documents in the portal : From 10.00 A.M. on Dt.22.04.2022 to 5.00 P.M. of Dt.06.05.2022
6. Last date/time for receipt of Bids in the portal : On Dt.06.05.2022 upto 5.00 P.M.
7. Bids received online shall be opened : At 11.00 A.M. on Dt.07.05.2022
8. Name and address of the Officer Inviting Bid : Executive Officer, Joda Municipality

Further, the details can be seen from the e-Procurement Portal: www.tendersodisha.gov.in.

Sd./- Executive Officer
Joda Municipality
OIPR-13124/11/0002/2223

OFFICE OF THE DISTRICT MANAGER
ODISHA STATE CIVIL SUPPLIES
CORPORATION LTD., (OSCSC), NAYAGARH
Phone: 06753-253942, District Website: www.nayagarh.nic.in
Corrigendum No. 3019 Dt.20.04.2022
3rd Corrigendum to Tender Call Notice No. 1397/Dt.10.03.2022

No. CAD-262: In pursunace to Letter No. 4716 Dt.21.03.2022 of the Managing Director, O.S.C.S.C. Ltd., Odisha, Bhubaneswar and in continuation to this office Corrigendum No. 1831 Dt.31.03.2022, the Tender No. 1397 Dt.10.03.2022 for selection and Appointment of Level-II Transport Contractor for transportation of food grains from RRCs to Retail Centres (FPS) in the district Nayagarh of the State of Odisha is hereby modified as detailed below.

| | | |
|---|---|---|
| 1 | Last date/time for receipt of bids in the portal | Dt.12.05.2022 upto 05.00 P.M. |
| 2 | Date/time of opening of Technical Bid | Dt.17.05.2022 at 11.00 A.M. onwards |

All the terms and condition as prescribed in the Tender Notice No. 1397 Dt.10.03.2022 shall remain unchanged.

Sd./- Collector-cum-Chairman of the
Tender Committee, Nayagarh
OIPR-07057/11/0007/2223

DISTRICT OFFICE, JHARSUGUDA
(Social Welfare Section)
TENDER CALL NOTICE
NO.631/SW, Dt.20.04.2022

No. g-06:Sealed Tenders are invited from the intending Individual/ Company/Firms/Corporation having registration certificate in support of their transportation work under " The Carriage by Road Act' 2007" and "Carriage by Road Rules, 2011" issued by the State Transport Authority (STA) or of Regional Transport authority (RTA) for appointment of Transporting Agent for undertaking transportation of foodstuffs under "Supplementary Nutrition Programme" and SAG (as per SAG guideline) in Jharsuguda District for the year 2022-23.

Tender paper complete in all respect along with all required documents/ papers/ Terms and Conditions duly agreed to abide need to reach on or before 02.05.2022 upto 1.00 PM to the District Social Welfare Officer, Jharsuguda, At/PO: OMP Line, Jharsuguda District: Jharsuguda,Pin-768204(Odisha) in a sealed cover with superscription in Block capital letter as 'TENDER FOR UNDERTAKING TRANSPORATION WORK UNDER SUPPLEMENTARY NUTRITION PROGRAMME IN JHARSUGUDA DISTRICT " by Registered / Speed post only. The Tender shall be opened by the Tender Committee in presence of tenderers or their authorised representatives at 10.00AM on 04.05.2022 . The Tender received after the scheduled date and time shall not be taken into consideration and shall be rejected summarily.

The Collector, Jharsuguda, reserves the right to reject/cancel/ withdraw the tender without assigning any reason there on and shall bear no liability what so ever consequent upon such decision.

Sd./- COLLECTOR, JHARSUGUDA
OIPR-24022/11/0001/2223

OFFICE OF THE ENGINEER-IN-CHIEF (CIVIL),
ODISHA NIRMAN SOUDHA, KESHARI NAGAR,
UNIT- V, BHUBANESWAR - 751 001
RFP Identification No. CE-WBP (O) - 04 /2022-23
File No- PIM - Misc.-10/2008 (Pt)
INVITATION FOR QUALIFICATION / PROPOSAL NOTICE INVITING TENDER (NIT)

No.B-76:1.The Chief Engineer, World Bank Projects, Odisha (the "Authority") on behalf of the Works Department, Government of Odisha invites Request for Proposal (RFP) for the work as below **through EPC mode of Contract** (Engineering, Procurement and Construction) basis for selection of the bidder to whom the Project may be awarded eventually **(Construction of H.L. bridge over river Brahmani at Talcher Town connecting NH-53 (Talcher) to NH-149 (Khalpal) in the District of Angul under RIAS for NABARD Assistance).** 2.The Request for Proposal document (the "RFP" document) will be available in the website https://tendersodisha.gov.in **from 10.00 A.M of 29.04.2022 to 5.00 P.M of 27.05.2022** for online bidding. 3.The bidder must possess compatible **Digital Signature Certificate (DSC)** of Class II or Class III. The online bidding procedure is indicated in the document. 4.The application shall be received only on "online" on or before **5.00 P.M of 27.05.2022**. 5.A Pre-bid meeting will be held at **12.30 PM on 06.05.2022** at the venue as specified in RFP. 6.Applications received online shall be opened at **3.00 P.M on 31.05.2022** in the office of the Chief Engineer (World Bank Projects), Odisha Nirman Soudha, Unit-V, Bhubaneswar, Odisha. If the office happens to be closed on the date of opening as specified, then the same will be opened on the next working day. 7.The authority reserves the right to cancel any or all bid without assigning any reason. 8.Further details with any addendum, corrigendum, cancellation can be seen from the website https://tendersodisha.gov.in.

Sd./- Chief Engineer, World Bank Projects, Odisha
OIPR-34003/11/0006/2223


See Career Appointment on every Wednesday & Saturday